ଚତୁର୍ଥ ବର୍ଷ ● ପ୍ରଥମ ସଂଖ୍ୟା
ନଭେମ୍ବର-ଡିସେମ୍ବର, ୨୦୧୮



ଶ୍ରୁତିନ୍ୟାସର ମୁଖପତ୍ର

# ଶ୍ରୁତିସୌରଭ

ଆଧ୍ୟାତ୍ମିକ ସାମାଜିକ ବୈଦିକ ପତ୍ରିକା (ଦ୍ୱିମାସିକ)








ଆର୍ଯ୍ୟ କେନ୍ଦ୍ରୀୟ ସଭା, ଦିଲ୍ଲୀ ପକ୍ଷରୁ ରାମଲୀଳା ମୈଦାନରେ
ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ୧୩୫ତମ ନିର୍ବାଣୋତ୍ସବ






ହରିଆନାର ସୁନ୍ଦରପୁରସ୍ଥିତ ଦର୍ଶନଯୋଗ ମହାବିଦ୍ୟାଳୟରେ କ୍ରିୟାତ୍ମକ ଯୋଗ ପ୍ରଶିକ୍ଷଣ ଶିବିର




ରୋହତକର ସିନ୍ଧୁ ଭବନର ଯଜ୍ଞଶାଳାରେ




ଦର୍ଶନଯୋଗ ମହାବିଦ୍ୟାଳୟରେ କ୍ରିୟାତ୍ମକ ଯୋଗ ପ୍ରଶିକ୍ଷଣ ଶିବିର





ହରିଆନାର ସୁନ୍ଦରପୁରସ୍ଥିତ ଦର୍ଶନଯୋଗ ମହାବିଦ୍ୟାଳୟର ବାର୍ଷିକୋତ୍ସବ



ରୋହତକସ୍ଥିତ ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟରେ ସ୍ୱାମୀଜୀ ଓ ଅନ୍ୟମାନେ



ରୋହତକସ୍ଥିତ ଲାଢୋତ୍ ଗୁରୁକୁଳରେ ସ୍ୱାମୀଜୀ




ହରିଆନାର ଝଝରସ୍ଥିତ ଗୁରୁକୁଳରେ ସ୍ୱାମୀଜୀ

ସଂ ଶ୍ରୁତେନ ଗମେମହି ମା ଶ୍ରୁତେନ ବି ରାଧିଷି । (ଅଥର୍ବ.୧:୧:୪)
**ଆମେ ସର୍ବଦା ବେଦପଥର ପଥିକ ହେଉ, ବେଦପଥରୁ କଦାପି ବିଚ୍ୟୁତ ନ ହେଉ ।**


ଶ୍ରୁତିନ୍ୟାସର ମୁଖପତ୍ର

# ଶ୍ରୁତିସୌରଭ

ଆଧ୍ୟାତ୍ମିକ ସାମାଜିକ ବୈଦିକ ପତ୍ରିକା
(ଦ୍ୱିମାସିକ)



ପ୍ରତିଷ୍ଠାତା
**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

ସମ୍ପାଦକ
**ପଦ୍ମନାଭ ସ୍ୱାଇଁ**

ପରିଚାଳନା ସମ୍ପାଦକ
**ବ୍ର. ପ୍ରିୟେଶ ଦର୍ଶନାଚାର୍ଯ୍ୟ**

ସହ ସମ୍ପାଦକ
**ଆନନ୍ଦ ସାମନ୍ତରାୟ**
**ଦୁଷ୍ମନ୍ତ କିଶୋର ସ୍ୱାଇଁ**

ପରିଚାଳନା ମଣ୍ଡଳୀ
**ଇ. କୁମାର ସ୍ୱାମୀ**
**ଦଣ୍ଡପାଣି ମିଶ୍ର**
**ନିମାଇଁ ଚରଣ ସ୍ୱାଇଁ**
**ଗୌରଚନ୍ଦ୍ର ଦାସ**
**ଲଳିତମଞ୍ଜରୀ ସାହୁ**



କାର୍ଯ୍ୟାଳୟ
**ଶ୍ରୁତିନ୍ୟାସ**
**ଏଚ୍.ଆଇ.ଜି-୧୫୨, ଫେଜ୍-୭**
**ପୋ- ଶୈଳଶ୍ରୀ ବିହାର, ଭୁବନେଶ୍ୱର-୨୧**
ଦୂ.ଭା.: ୯୩୩୭୧୦୩୭୮୨, ୯୮୬୧୩୫୮୯୭୭
E-mail : shrutisourabha@gmail.com
Website : www.shrutinyasa.org



**ସଦସ୍ୟତା ଶୁଳ୍କ**
ପ୍ରତି ଖଣ୍ଡ : ₹୨୦/-, ବାର୍ଷିକ : ₹୧୦୦/-
ଆଜୀବନ(ଏଗାର ବାର୍ଷିକ): ₹୧୦୦୦/-

**Shruti Sourabha**
Spiritual Social Vedic Magazine
Bimonthly
Vol-4, Issue-1, Nov-Dec. 2018

**Webpage:**
**http://www.thearyasamaj.org/shrutisourabha**


## ସୂଚୀପତ୍ର


| | | |
|---|---|---|
| ୦୧. | ଈଶ୍ୱରଙ୍କ ନାମ ‘ଓ୩ମ୍’ | ୦୨ |
| ୦୨. | ସ୍ୱସ୍ତିବାଚନ | ୧୩ |
| ୦୩. | ବେଦଧାମ ସଂକଳ୍ପନା | ୧୮ |
| ୦୪. | ସତ୍ୟାର୍ଥ ପ୍ରକାଶ | ୨୩ |


## ଏକାତ୍ମତା ସୂତ୍ର

| | | |
|---|---|---|
| ଆମର ଏକ ଧର୍ମ | - | ବୈଦିକ ଧର୍ମ |
| ଆମର ଏକ ମୂଳ ଧର୍ମଗ୍ରନ୍ଥ | - | ବେଦ |
| ଆମର ଏକ ଉପାସ୍ୟ ଦେବ | - | ଓ୩ମ୍ |
| ଆମର ଏକ ଅଭିବାଦନ | - | ନମସ୍ତେ |
| ଆମର ଏକ ଜାତି | - | ମନୁଷ୍ୟ |
| ଆମର ଏକ ସାଂସ୍କୃତିକ ପରିଚୟ | - | ଆର୍ଯ୍ୟ |
| ଆମର ଏକ ଲକ୍ଷ୍ୟ | - | କୃଣ୍ୱନ୍ତୋ ବିଶ୍ୱମାର୍ଯ୍ୟମ୍ |


ଲେଖାରେ ପ୍ରକଟିତ ବିଚାର ଲେଖକଙ୍କର ନିଜସ୍ୱ । ଏଥି ନିମନ୍ତେ ସମ୍ପାଦକ ଦାୟୀ ନୁହଁନ୍ତି ।

# ଈଶ୍ୱରଙ୍କ ନାମ 'ଓ୩ମ୍'

**ପୂର୍ବାନୁକ୍ରମିକ...**

**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

ମଣିଷର ନାମ ଓ ଈଶ୍ୱରଙ୍କ ନାମ ମଧ୍ୟରେ ବହୁତ ପାର୍ଥକ୍ୟ ଥାଏ। ମଣିଷର ନାମ ବହୁ କ୍ଷେତ୍ରରେ ସାର୍ଥକ, ଯଥାର୍ଥ, ବାସ୍ତବିକ ସ୍ଥିତି ଉପରେ ଆଧାରିତ ହୋଇନଥିବା ଦେଖାଯାଏ। ଯଥା — ଅନ୍ଧ, ଟେରା ବ୍ୟକ୍ତିର ନାମ ବି ପଦ୍ମଲୋଚନ, କୃଷ୍ଣବର୍ଣ୍ଣର ଲୋକର ନାମ ବି ଗୌରାଙ୍ଗ, ଭିକାରୁଣୀର ନାମ ମଧ୍ୟ ଲକ୍ଷ୍ମୀ, ନିରକ୍ଷରାର ନାମ ବି ସରସ୍ୱତୀ ଥାଏ। କିନ୍ତୁ ପରମାତ୍ମାଙ୍କ ସମସ୍ତ ନାମ ସାର୍ଥକ।

**ପ୍ର.କ. —** ଈଶ୍ୱରଙ୍କ ଅନ୍ୟ ନାମ ଅପେକ୍ଷା 'ଓ୩ମ୍' ନାମର କ'ଣ ବୈଶିଷ୍ଟ୍ୟ ଅଛି ?

**ସ୍ୱାମୀଜୀ — ୧.** ଆମେ ଜାଣିଛେ ଯେ ଈଶ୍ୱର ଅପରିବର୍ତ୍ତନୀୟ, ନିର୍ବିକାର। ଈଶ୍ୱରଙ୍କ ସ୍ଥିତିରେ କୌଣସି ପ୍ରକାର ପରିବର୍ତ୍ତନ ହୁଏ ନାହିଁ। ସେ ଶରୀରଧାରୀ ନୁହଁନ୍ତି। ତାଙ୍କର ଜନ୍ମ-ମୃତ୍ୟୁ, ଶୈଶବ-ଯୌବନ-ବାର୍ଦ୍ଧକ୍ୟ ଆଦି କିଛି ନାହିଁ। ସେ ପୁରୁଷ କି ମହିଳା କିମ୍ବା କ୍ଲୀବ ନୁହନ୍ତି। ଆପଣ ତାଙ୍କୁ ଦିନରାତି ସ୍ତୁତି-ପ୍ରାର୍ଥନା-ଉପାସନା କରନ୍ତୁ କି ତାଙ୍କ ସତ୍ତାକୁ ପୂର୍ଣ୍ଣତଃ ଅସ୍ୱୀକାର କରନ୍ତୁ କିମ୍ବା ତାଙ୍କୁ ସଦା-ସର୍ବଦା ଗାଳି ଦିଅନ୍ତୁ, କୌଣସି ସ୍ଥିତିରେ ସେ ନା ଖୁସି ହୁଅନ୍ତି ନା ଦୁଃଖୀ, ନା କ୍ରୋଧିତ। ତାଙ୍କ ଭିତରେ କୌଣସି ପରିବର୍ତ୍ତନ ହୁଏ ନାହିଁ। ସିଏ ଏକରସ। ଯେହେତୁ ଏହା ଈଶ୍ୱରଙ୍କ ବୈଶିଷ୍ଟ୍ୟ, ତେଣୁ ଈଶ୍ୱରଙ୍କ ନିଜ ନାମ ମଧ୍ୟ ଏଭଳି କିଛି ବିଶେଷତ୍ୱ ଯୁକ୍ତ ହେବା କଥା।

'ଓ୩ମ୍' ନାମର ପ୍ରଥମ ବିଶେଷତ୍ୱ ହେଲା ଯେ 'ଓ୩ମ୍' ବ୍ୟତୀତ ଅନ୍ୟ ଯେତେ ନାମ ଅଛି ସେସବୁ ସଲିଙ୍ଗ ଅର୍ଥାତ୍ କୌଣସିଟି ପୁଂଲିଙ୍ଗ, କୌଣସିଟି ସ୍ତ୍ରୀଲିଙ୍ଗ ତ ଅନ୍ୟ କୌଣସିଟି କ୍ଲୀବଲିଙ୍ଗର ଅନ୍ତର୍ଗତ। ଈଶ୍ୱରଙ୍କ ପୁଂଲିଙ୍ଗବାଚୀ ନାମ ହେଲା— ପରମେଶ୍ୱର, ଭଗବାନ, ପରମାତ୍ମା, ବ୍ରହ୍ମା, ବିଷ୍ଣୁ, ଶିବ, ରୁଦ୍ର, ଗଣପତି, ଇନ୍ଦ୍ର, ବରୁଣ, ଯମ, ବୃହସ୍ପତି ଆଦି। ଈଶ୍ୱରଙ୍କ ସ୍ତ୍ରୀଲିଙ୍ଗବାଚୀ ନାମ ହେଲା—ଲକ୍ଷ୍ମୀ, ସରସ୍ୱତୀ, ଶ୍ରୀ ଇତ୍ୟାଦି। ଈଶ୍ୱରଙ୍କ କ୍ଲୀବଲିଙ୍ଗବାଚୀ ନାମ ହେଲା— ବ୍ରହ୍ମ ଆଦି। କିନ୍ତୁ ଈଶ୍ୱରଙ୍କ 'ଓ୩ମ୍'ନାମ କୌଣସି ଲିଙ୍ଗର ଅନ୍ତର୍ଗତ ନୁହେଁ, କାରଣ ତାହା ଅବ୍ୟୟ ଶବ୍ଦ।

'ଓ୩ମ୍' ଅବ୍ୟୟ ଶବ୍ଦ ହୋଇଥିବାରୁ ଏହା ନିର୍ବିକାରୀ ଅଟେ। ଏହାର କୌଣସି ପ୍ରକାର ବିକାର ହୁଏ ନାହିଁ, ଏହା ସ୍ୱ ସ୍ୱରୂପରେ ସର୍ବଦା ଯଥାବତ୍ ରହିଥାଏ। ଏହା ବ୍ୟତୀତ ଈଶ୍ୱରଙ୍କ ଅନ୍ୟ ଯେତେ ନାମ ଅଛି ସେସବୁ ବିକାରଯୁକ୍ତ। ବିକାରଯୁକ୍ତ କିପରି ? ବ୍ୟାକରଣ ଶାସ୍ତ୍ର ଅନୁସାରେ ବଚନ ଓ ବିଭକ୍ତି ଆଧାରରେ ଶବ୍ଦର ବିବିଧ ଭେଦ, ରୂପ ଅଛି। ଏହାକୁ ଶବ୍ଦରୂପ ବୋଲି କୁହାଯାଏ। ଯେମିତିକି 'ଶିବ' ଶବ୍ଦର ଶବ୍ଦରୂପ ହେଲା—

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ଶିବଃ | ଶିବୌ | ଶିବାଃ |
| ଦ୍ୱିତୀୟା | ଶିବମ୍ | ଶିବୌ | ଶିବାନ୍ |
| ତୃତୀୟା | ଶିବେନ | ଶିବାଭ୍ୟାମ୍ | ଶିବୈଃ |
| ଚତୁର୍ଥୀ | ଶିବାୟ | ଶିବାଭ୍ୟାମ୍ | ଶିବେଭ୍ୟଃ |
| ପଞ୍ଚମୀ | ଶିବାତ୍ | ଶିବାଭ୍ୟାମ୍ | ଶିବେଭ୍ୟଃ |
| ଷଷ୍ଠୀ | ଶିବସ୍ୟ | ଶିବୟୋଃ | ଶିବାନାମ୍ |
| ସପ୍ତମୀ | ଶିବେ | ଶିବୟୋଃ | ଶିବେଷୁ |
| ସମ୍ବୋଧନ | ଶିବ | ଶିବୌ | ଶିବାଃ |

'ଶିବ' ଶବ୍ଦ ଭଳି ଅନ୍ୟ ପୁଂଲିଙ୍ଗବାଚୀ ଶବ୍ଦର ମଧ୍ୟ ଶବ୍ଦରୂପ ଅଛି। ସେହିପରି ସ୍ତ୍ରୀଲିଙ୍ଗବାଚୀ 'ସରସ୍ୱତୀ' ଶବ୍ଦର ଶବ୍ଦରୂପ ହେଲା—

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ସରସ୍ୱତୀ | ସରସ୍ୱତ୍ୟୌ | ସରସ୍ୱତ୍ୟଃ |

| | | | |
|---|---|---|---|
| ଦ୍ୱିତୀୟା | ସରସ୍ୱତୀମ୍ | ସରସ୍ୱତ୍ୟୌ | ସରସ୍ୱତୀଃ |
| ତୃତୀୟା | ସରସ୍ୱତ୍ୟା | ସରସ୍ୱତୀଭ୍ୟାମ୍ | ସରସ୍ୱତୀଭିଃ |
| ... | ... | ... | ... |

ଏହିପରି 'ଲକ୍ଷ୍ମୀ' ଆଦି ଅନ୍ୟ ସ୍ତ୍ରୀଲିଙ୍ଗବାଚୀ ଶବ୍ଦର ମଧ୍ୟ ଶବ୍ଦରୂପ ବଚନ ଓ ବିଭକ୍ତି ଆଧାରରେ ଅଛି। କ୍ଳୀବଲିଙ୍ଗବାଚୀ 'ବ୍ରହ୍ମନ୍' ଶବ୍ଦର ଶବ୍ଦରୂପ ହେଲା—

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ବ୍ରହ୍ମ | ବ୍ରହ୍ମଣୀ | ବ୍ରହ୍ମାଣି |
| ଦ୍ୱିତୀୟା | ବ୍ରହ୍ମ | ବ୍ରହ୍ମଣୀ | ବ୍ରହ୍ମାଣି |
| ତୃତୀୟା | ବ୍ରହ୍ମଣା | ବ୍ରହ୍ମଭ୍ୟାମ୍ | ବ୍ରହ୍ମଭିଃ |
| ... | ... | ... | ... |

କିନ୍ତୁ କେତେକ ଶବ୍ଦ ଅଛି ଯାହାର କି ବଚନ, ବିଭକ୍ତି ଆଦି ଆଧାରରେ କୌଣସି ପରିବର୍ତ୍ତନ ହୁଏ ନାହିଁ, ସର୍ବଦା ଏକ ରୂପରେ ଥାଏ। ସେ ଶବ୍ଦକୁ ଅବ୍ୟୟ କହନ୍ତି। ସେ ବିଷୟରେ କୁହାଯାଇଛି—

**ସଦୃଶଂ ତ୍ରିଷୁ ଲିଙ୍ଗେଷୁ ସର୍ବାସୁ ଚ ବିଭକ୍ତିଷୁ।**
**ବଚନେଷୁ ଚ ସର୍ବେଷୁ ଯନ୍ନ ବ୍ୟେତି ତଦବ୍ୟୟମ୍ ॥**

ତିନି ଲିଙ୍ଗ, ସବୁ ବିଭକ୍ତି ଓ ସବୁ ବଚନରେ ଯାହାର ରୂପ ସମାନ ଥାଏ ଅର୍ଥାତ୍ ଯେଉଁଥିରେ କୌଣସି ବିକାର ହୁଏ ନାହିଁ, ତାକୁ 'ଅବ୍ୟୟ' କହନ୍ତି। 'ଓ୩ମ୍' ଅବ୍ୟୟ ଶବ୍ଦ ହୋଇଥିବାରୁ ଏହାର ରୂପ ୭ଟି ଯାକ ବିଭକ୍ତି, ୩ଟି ଯାକ ବଚନରେ ଏକା ପରି ରହିଥାଏ, କୌଣସି ପରିବର୍ତ୍ତନ ହୁଏ ନାହିଁ।

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ଓମ୍ | ଓମ୍ | ଓମ୍ |
| ଦ୍ୱିତୀୟା | ଓମ୍ | ଓମ୍ | ଓମ୍ |
| ତୃତୀୟା | ଓମ୍ | ଓମ୍ | ଓମ୍ |
| ଚତୁର୍ଥୀ | ଓମ୍ | ଓମ୍ | ଓମ୍ |
| ପଞ୍ଚମୀ | ଓମ୍ | ଓମ୍ | ଓମ୍ |
| ଷଷ୍ଠୀ | ଓମ୍ | ଓମ୍ | ଓମ୍ |
| ସପ୍ତମୀ | ଓମ୍ | ଓମ୍ | ଓମ୍ |
| ସମ୍ବୋଧନ | ଓମ୍ | ଓମ୍ | ଓମ୍ |

**୨.** 'ଓ୩ମ୍' ନାମ ବ୍ୟତୀତ ଈଶ୍ୱରଙ୍କ ଅନ୍ୟ ଯେତେ ନାମ ଅଛି, ସେସବୁ ପରମାତ୍ମାଙ୍କ ନାମ ହେବା ସାଙ୍ଗକୁ ଅନ୍ୟ ପଦାର୍ଥର ମଧ୍ୟ ନାମ। ଯଥା— 'ଅଗ୍ନି' ଶବ୍ଦ ପରମେଶ୍ୱରଙ୍କ ଅତିରିକ୍ତ ନିଆଁ, ବିଦ୍ୱାନ୍ ଆଦିଙ୍କ ପାଇଁ ବି ବ୍ୟବହୃତ ହୁଏ। 'ସବିତା' ଶବ୍ଦ ପରମାତ୍ମାଙ୍କ ସାଙ୍ଗକୁ ସୂର୍ଯ୍ୟ ଆଦି ପାଇଁ ମଧ୍ୟ ପ୍ରଯୁକ୍ତ ହୁଏ। 'ଇନ୍ଦ୍ର' ଶବ୍ଦ ଈଶ୍ୱରଙ୍କ ସାଙ୍ଗକୁ ଜୀବ, ବିଦ୍ୟୁତ୍, ଐଶ୍ୱର୍ଯ୍ୟବାନ୍ ବ୍ୟକ୍ତି ଆଦିଙ୍କୁ ମଧ୍ୟ ବୁଝାଏ। ପରମାତ୍ମାଙ୍କ ସାଙ୍ଗକୁ ବେଦ, ବୀର୍ଯ୍ୟ, ବ୍ରାହ୍ମଣ, ତପ ଆଦିକୁ ମଧ୍ୟ 'ବ୍ରହ୍ମ' କୁହାଯାଏ। କିନ୍ତୁ 'ଓ୩ମ୍' କେବଳ ପରମେଶ୍ୱରଙ୍କ ନାମ, ପରମାତ୍ମାଙ୍କ ବ୍ୟତୀତ ଅନ୍ୟ କୌଣସି ପଦାର୍ଥର ନାମ ନୁହେଁ।

**୩.** ସମସ୍ତ ମତରେ, ସବୁ ଦେଶର ଭାଷାରେ ଈଶ୍ୱରଙ୍କର ଯେତେ ନାମ ଉପଲବ୍ଧ ସେସବୁ ମଧ୍ୟରେ ଅତୀବ କୋମଳ, ମହାମଧୁର, ସହଜ-ସରଳ ହେଲା 'ଓ୩ମ୍' ନାମ। ଈଶ୍ୱରଙ୍କର ଅନେକ କ୍ଳିଷ୍ଟ ନାମ ତ ଅନେକ ବ୍ୟକ୍ତି ଶୁଦ୍ଧ ରୂପେ ଉଚ୍ଚାରଣ କରିପାରନ୍ତି ନାହିଁ। ବିଦେଶୀ ଲୋକେ ପ୍ରଥମେ-ପ୍ରଥମେ ତ 'ପରମାତ୍ମା' ଶବ୍ଦ ବି ଠିକ୍ ରୂପେ ଉଚ୍ଚାରଣ କରିପାରନ୍ତି ନାହିଁ, 'ପରମାଟ୍‌ମା' ବୋଲି କହନ୍ତି। ଅନେକ କ୍ଷେତ୍ରରେ ଦେଖାଯାଏ ଯେ ଶିଶୁ ଓ ଦନ୍ତହୀନ ବୃଦ୍ଧ ବ୍ୟକ୍ତି ଆଲ୍ଲାହ, ଗଡ୍, ବ୍ରହ୍ମା, ବିଷ୍ଣୁ ଆଦି ଶବ୍ଦ ଶୁଦ୍ଧ ରୂପେ ଉଚ୍ଚାରଣ କରିପାରିନଥାନ୍ତି। କୌଣସି ଲୋକର ଜିଭ କଟିଗଲେ ସେ 'ତ' କାର ଆଦି ଅକ୍ଷରଯୁକ୍ତ ଶବ୍ଦ କହିପାରିନଥାଏ। ଖନଉଥିବା ଓ କଥା କହୁ-କହୁ ଅଟକୁଥିବା ଲୋକଙ୍କର ଯୁକ୍ତାକ୍ଷର ଶବ୍ଦ ଉଚ୍ଚାରଣର କାଠିନ୍ୟ ଆମେ ଜାଣିଛେ। ଆଉ ମୂକ ବ୍ୟକ୍ତି ତ ପୂର୍ଣ୍ଣ ଶକ୍ତି ଲଗାଇ ବି କୌଣସି ଶବ୍ଦ କହିପାରିନଥାଏ। ଅବଶ୍ୟ ଏକ ଶବ୍ଦ ଅଛି ଯାହାକୁ ଶିଶୁ ହେଉ କି ବୃଦ୍ଧ, ଦନ୍ତଧାରୀ ହେଉ କି ବେଦାନ୍ତ, ଜିଭକଟା-ଖନା-ମୂକ, ଅଜ୍ଞ ହେଉ କି ବିଜ୍ଞ, ନିରକ୍ଷର ହେଉ କି ପଣ୍ଡିତ ସମସ୍ତେ ଅତି ସହଜରେ କହିପାରନ୍ତି। ତାହା ହେଲା 'ଓମ୍'। ଈଶ୍ୱର ସମସ୍ତଙ୍କର। ତେଣୁ ଈଶ୍ୱରଙ୍କର ମୁଖ୍ୟ, ନିଜ ନାମ ତାହା ହେବା ଉଚିତ ଯାହାକୁ ସମସ୍ତେ ଅନାୟାସରେ ଉଚ୍ଚାରଣ କରିପାରୁଥିବେ। 'ଓମ୍' ସହଜ ଓ ସ୍ୱାଭାବିକ ଧ୍ୱନି। ଛଅ ମାସ-ବର୍ଷକର ଶିଶୁକୁ ଶିଖାଇଲେ ସିଏ ବି ସରଳତା ପୂର୍ବକ 'ଓମ୍' କହିପାରିଥାଏ। 'ଓମ୍'

ଉଚ୍ଚାରଣ ପାଇଁ ଦାନ୍ତ, ଜିଭ ଚାଳନାର କୌଣସି ଆବଶ୍ୟକତା ନାହିଁ। ବାସ୍, ଗଳା ଠିକ୍ ଥିବା କଥା। ଏଥିରେ ତ କଣ୍ଠର ମୁଖ୍ୟ କାମ। କଣ୍ଠ ଖୋଲି ଦୀର୍ଘ ସ୍ୱରରେ ଓ....ଧ୍ୱନି ଗୁଞ୍ଜାୟମାନ କରିବେ ଓ ଶେଷରେ ଓଠ ବନ୍ଦ କରିଦେଇ ସେହି ଧ୍ୱନିକୁ ନାସିକା ସାହାଯ୍ୟରେ କିଛି ସମୟ ଉଚ୍ଚାରଣ ଜାରି ରଖିବେ। ବାସ୍, 'ଓମ୍' ଉଚ୍ଚାରଣ ପୂର୍ଣ୍ଣ ହୋଇଗଲା। ସାମାନ୍ୟତଃ ମନୁଷ୍ୟର କଣ୍ଠ ଜୀବନର ଅନ୍ତିମ ଶ୍ୱାସ ପର୍ଯ୍ୟନ୍ତ କାର୍ଯ୍ୟ କରିଥାଏ। ଆଉ 'ଓମ୍' ଉଚ୍ଚାରଣ ପାଇଁ କଣ୍ଠର କାର୍ଯ୍ୟ ମୁଖ୍ୟ। ତେଣୁ ଈଶ୍ୱରଙ୍କ 'ଓମ୍' ନାମ ହିଁ ଜଣେ ବ୍ୟକ୍ତି ଜୀବନର ଅନ୍ତିମ କ୍ଷଣ ପର୍ଯ୍ୟନ୍ତ ଉଚ୍ଚାରଣ କରିପାରିବ, ଅନ୍ୟ ନାମଗୁଡ଼ିକ କ୍ଷେତ୍ରରେ ଏଭଳି ସୁବିଧା ନାହିଁ।

**ପ୍ର.କ. —** ଈଶ୍ୱରଙ୍କ ଅନ୍ୟ ବିବିଧ ନାମ ଦ୍ୱାରା ଯେପରି ଈଶ୍ୱରଙ୍କ ସ୍ୱରୂପ ଅର୍ଥାତ୍ ତାଙ୍କର ବିବିଧ ଗୁଣ-କର୍ମ-ସ୍ୱଭାବକୁ ଜଣାଯାଇଥାଏ; ଯଥା — 'ବ୍ରହ୍ମା' କହିଲେ ସେ ସୃଷ୍ଟିକର୍ତ୍ତା ବୋଲି ଜଣାଯାଏ, 'ଶିବ' କହିଲେ ସେ କଲ୍ୟାଣସ୍ୱରୂପ ବୋଲି ବୁଝାପଡ଼ିଥାଏ ଇତ୍ୟାଦି; ସେହିପରି ଈଶ୍ୱରଙ୍କ 'ଓ୩ମ୍' ନାମ ଈଶ୍ୱରଙ୍କ ସ୍ୱରୂପକୁ କିପରି ପ୍ରକାଶିତ କରେ ?

**ସ୍ୱାମୀଜୀ —** 'ଓ୩ମ୍' ନାମ ମାଧ୍ୟମରେ ଈଶ୍ୱରଙ୍କ ସ୍ୱରୂପକୁ ବୁଝିବାକୁ ହେଲେ 'ଓ୩ମ୍' ଶବ୍ଦର ଗଠନ ଉପରେ ଆମକୁ ଧ୍ୟାନ ଦେବାକୁ ପଡ଼ିବ। ବୈଦିକ ବାଙ୍ମୟରେ 'ଓ୩ମ୍' ଶବ୍ଦର ଗଠନ ଉପରେ ବିସ୍ତୃତ ଆଲୋକପାତ କରାଯାଇଛି। ମହର୍ଷି ପାଣିନିଙ୍କ ମତରେ **'ଅବ ରକ୍ଷଣ ଗତି-କାନ୍ତି-ପ୍ରୀତି-ତୃପ୍ତି-ଅବଗମ-ପ୍ରବେଶ-ଶ୍ରବଣ-ସ୍ୱାମୀ-ଅର୍ଥଯାଚନ-କ୍ରିୟା-ଇଚ୍ଛା-ଦୀପ୍ତି-ଅବାପ୍ତି-ଆଲିଙ୍ଗନ-ହିଂସା-ଦାନ-ଭାଗ-ବୃଦ୍ଧିଷୁ'** ଧାତୁରେ ଉଣାଦି ସୂତ୍ର (୧:୧୪୨) **'ଅବତେଷ୍ଟିଲୋପଶ୍ଚ'** ଅନୁସାରେ **'ମନ୍'** ପ୍ରତ୍ୟୟ ଯୋଗରେ 'ଓମ୍' ଶବ୍ଦ ନିଷ୍ପନ୍ନ ହୁଏ। ଏଠାରେ 'ଅବ' ଧାତୁର ୧୯ଟି ଅର୍ଥ ଦର୍ଶାଯାଇଛି — ୧. ରକ୍ଷା, ୨. ଗତି, ୩. କାନ୍ତି, ୪. ପ୍ରୀତି, ୫. ତୃପ୍ତି, ୬. ଅବଗମ (ଜ୍ଞାନ), ୭. ପ୍ରବେଶ, ୮. ଶ୍ରବଣ, ୯. ସ୍ୱାମୀ, ୧୦. ଯାଚନ, ୧୧. କ୍ରିୟା, ୧୨. ଇଚ୍ଛା, ୧୩. ଦୀପ୍ତି, ୧୪. ଅବାପ୍ତି (ପ୍ରାପ୍ତି), ୧୫. ଆଲିଙ୍ଗନ, ୧୬. ହିଂସା, ୧୭. ଦାନ, ୧୮. ଭାଗ, ୧୯. ବୃଦ୍ଧି। ଅତଃ 'ଅବ' ଧାତୁର ଏସବୁ ଅର୍ଥ ଆଧାରରେ 'ଓ୩ମ୍' ନାମ ଦ୍ୱାରା ଈଶ୍ୱରଙ୍କ ସ୍ୱରୂପ ପ୍ରକାଶିତ ହେଉଛି କି—

୧. ସର୍ବରକ୍ଷକ ଅର୍ଥାତ୍ ଯିଏ ସମସ୍ତଙ୍କୁ ରକ୍ଷା କରନ୍ତି ସିଏ 'ଓ୩ମ୍'।

୨. ଗତିର ତିନୋଟି ଅର୍ଥ— ଗମନ, ଜ୍ଞାନ ଓ ପ୍ରାପ୍ତି। ତଦନୁସାରେ —

କ. ଗତିଦାତା ଅର୍ଥାତ୍ ଯିଏ ସମସ୍ତଙ୍କୁ ଗତି ଦିଅନ୍ତି ସିଏ 'ଓ୩ମ୍'।

ଖ. ଜ୍ଞେୟ ଅର୍ଥାତ୍ ଯିଏ ସମସ୍ତଙ୍କ ପକ୍ଷେ ଜାଣିବାର ଯୋଗ୍ୟ ଅଟନ୍ତି ସିଏ 'ଓ୩ମ୍'।

ଗ. ପ୍ରାପ୍ତ ଅର୍ଥାତ୍ ସର୍ବବ୍ୟାପକ ହୋଇଥିବା କାରଣରୁ ଯିଏ ସମସ୍ତଙ୍କୁ ସ୍ୱାଭାବିକ ରୂପେ ପ୍ରାପ୍ତ ଅର୍ଥାତ୍ ସମସ୍ତଙ୍କ ନିକଟରେ ସଦା ବିଦ୍ୟମାନ ସିଏ 'ଓ୩ମ୍'।

୩. କାନ୍ତ ଅର୍ଥାତ୍ ଈଶ୍ୱର ସର୍ବାପେକ୍ଷା ଅଧିକ କମନୀୟ ଓ କାନ୍ତିମୟ।

୪. ପ୍ରୀତିଯୋଗ୍ୟ ଓ ପ୍ରୀତିଦାତା। ଈଶ୍ୱର ସମସ୍ତଙ୍କୁ ସର୍ବଦା ପ୍ରୀତି କରନ୍ତି, ତାଙ୍କ ପ୍ରୀତିରେ କୌଣସି ସ୍ୱାର୍ଥ ନାହିଁ।

୫. ତୃପ୍ତିଦାତା ଅର୍ଥାତ୍ ଈଶ୍ୱର ସମସ୍ତଙ୍କୁ ତୃପ୍ତ କରନ୍ତି, ତାଙ୍କୁ ପ୍ରାପ୍ତ କରି ଜୀବର ପରମ ତୃପ୍ତି ହୋଇଥାଏ, ଆଉ ଅନ୍ୟ କୌଣସି ପଦାର୍ଥର ଆକାଂକ୍ଷା ରହେ ନାହିଁ।

୬. ସର୍ବଜ୍ଞ ଅର୍ଥାତ୍ ସବୁ କିଛି ଜାଣନ୍ତି।

୭. ଈଶ୍ୱର ସମସ୍ତ ପଦାର୍ଥ ଭିତରେ ପ୍ରବିଷ୍ଟ ହୋଇ ରହିଛନ୍ତି ଏବଂ ସକଳ ସଂସାର ତାଙ୍କ ଭିତରେ ପ୍ରବିଷ୍ଟ ହୋଇ ରହିଛି।

୮. ଈଶ୍ୱର ସମସ୍ତଙ୍କ କଥା ଶୁଣନ୍ତି ତଥା ଜୀବାତ୍ମା ଭିତରେ ରହି ସଦା ସଦୁପଦେଶ ଶୁଣାନ୍ତି।

୯. ଈଶ୍ୱର ସମସ୍ତଙ୍କ ସ୍ୱାମୀ, ପ୍ରଭୁ ତଥା ସମସ୍ତଙ୍କ ନ୍ୟାୟୋଚିତ ସ୍ୱାର୍ଥ ପୂରଣ କରି ସେମାନଙ୍କୁ ନ୍ୟାୟୋଚିତ ସ୍ୱାମୀତ୍ୱ ପ୍ରଦାନ କରନ୍ତି।

୧୦. ଈଶ୍ୱର ସମସ୍ତଙ୍କ ଯାଚନାର ଯୋଗ୍ୟ, ପ୍ରାର୍ଥନୀୟ

ଅର୍ଥାତ୍ ରାଜା-ରଙ୍କ, ଧନୀ-ଦରିଦ୍ର ନିର୍ବିଶେଷରେ ସମସ୍ତେ ତାଙ୍କୁ ଯାଚନା, ପ୍ରାର୍ଥନା କରନ୍ତି।

୧୧. ସୃଷ୍ଟିର ଉତ୍ପତ୍ତି, ସ୍ଥିତି, ପ୍ରଳୟ ସମ୍ବନ୍ଧୀୟ କ୍ରିୟାର କର୍ତ୍ତା ଶତକ୍ରତୁ ଅଟନ୍ତି, ସମସ୍ତଙ୍କୁ ସଦା ସତକର୍ମ-ସୁକର୍ମ ନିମନ୍ତେ ପ୍ରେରିତ କରନ୍ତି।

୧୨. ସତ୍ ଇଚ୍ଛାରେ ଯୁକ୍ତ ତଥା ଶୁଭ ଇଚ୍ଛା ପୂର୍ଣ୍ଣକାରୀ।

୧୩. ଦୀପ୍ତିମାନ୍, ତେଜୋମୟ ତଥା ସମସ୍ତ ଦୀପ୍ତିମାନ୍ ପଦାର୍ଥଙ୍କୁ ଦୀପ୍ତି ପ୍ରଦାନକାରୀ।

୧୪. ସର୍ବତ୍ର ଅବାପ୍ତ ଅର୍ଥାତ୍ ବ୍ୟାପ୍ତ ହୋଇ ରହିଛନ୍ତି।

୧୫. ସବୁଠି ବ୍ୟାପକ ହୋଇ ରହିଥିବାରୁ ସମସ୍ତଙ୍କୁ ଆଲିଙ୍ଗନ କରିଛନ୍ତି; ସୁଖ-ଶାନ୍ତି-ଆନନ୍ଦର ଆଧାର ହୋଇଥିବାରୁ ସମସ୍ତ ମୁମୁକ୍ଷୁ, ବିଦ୍ୱାନ୍ ଯାହାଙ୍କୁ ଆଲିଙ୍ଗନ କରିବାକୁ, ଅନ୍ତରରେ ତାଙ୍କର ଆନନ୍ଦମୟ ଅନୁଭୂତି କରିବାକୁ ଚାହାନ୍ତି।

୧୬. ସାଧକ-ଉପାସକଙ୍କ ପାପବାସନାକୁ ହିଂସା କରନ୍ତି, ବିନାଶ କରନ୍ତି।

୧୭. ଦାତା ଅର୍ଥାତ୍ ଜ୍ଞାନ, ଐଶ୍ୱର୍ଯ୍ୟ, ସୁଖ ଆଦି ସକଳ ପଦାର୍ଥ ଦାନ ଦିଅନ୍ତି।

୧୮. ସମସ୍ତଙ୍କ ଭଜନୀୟ ଓ କର୍ମଫଳ ଆଧାରରେ ଠିକ୍-ଠିକ୍ ରୂପେ ଐଶ୍ୱର୍ଯ୍ୟ ବଣ୍ଟନକାରୀ, ଭାଗ ଦିଅନ୍ତି।

୧୯. ସମସ୍ତଙ୍କଠାରୁ ବୃଦ୍ଧ ଅର୍ଥାତ୍ ମହାନ୍ ତଥା ସମସ୍ତଙ୍କ ବୃଦ୍ଧି କରନ୍ତି।

'ଓମ୍' ବିଷୟରେ ଗୋପଥ ବ୍ରାହ୍ମଣର ପୂର୍ବଭାଗର ପ୍ରଥମ ପ୍ରପାଠକର ୨୪ଶ କଣ୍ଡିକାରେ ୩୬ଟି ପ୍ରଶ୍ନ ଉତ୍‌ଥାପନ କରାଯାଇଛି ଏବଂ ୨୫-୨୬ଶ କଣ୍ଡିକାରେ ସେସବୁର ସମାଧାନ ଦିଆଯାଇଛି। ସେସବୁକୁ ପୃଥକ୍-ପୃଥକ୍ ପ୍ରଶ୍ନ ରୂପେ ଦର୍ଶାଯାଉଛି —

**ଓଙ୍କାରଂ ପୃଚ୍ଛାମଃ — ୧. କୋ ଧାତୁଃ ? ୨. କିଂ ପ୍ରାତିପଦିକମ୍ ? ୩-୪. କିଂ ନାମାଖ୍ୟାତମ୍ ? ୫. କିଂ ଲିଙ୍ଗମ୍ ? ୬. କିଂ ବଚନମ୍ ? ୭. କା ବିଭକ୍ତିଃ ? ୮. କଃ ପ୍ରତ୍ୟୟଃ ? ୯-୧୧. କଃ ସ୍ୱରଃ, ଉପସର୍ଗୋ ନିପାତଃ ? ୧୨. କିଂ ବୈ ବ୍ୟାକରଣମ୍ ? ୧୩. କୋ ବିକାରଃ ? ୧୪. କୋ ବିକାରୀ ? ୧୫. କତିମାତ୍ରଃ ? ୧୬. କତିବର୍ଣ୍ଣଃ ? ୧୭. କତ୍ୟକ୍ଷରଃ ? ୧୮. କତିପଦଃ ? ୧୯. କଃ ସଂୟୋଗଃ ? ୨୦-୨୧. କିଂ ସ୍ଥାନାନୁପ୍ରଦାନକରଣମ୍ ? ୨୨. ଶିକ୍ଷକାଃ କିମୁଚ୍ଚାରୟନ୍ତି ? ୨୩. କିଂ ଛନ୍ଦଃ ? ୨୪. କୋ ବର୍ଣ୍ଣ ଇତି ପୂର୍ବେ ପ୍ରଶ୍ନାଃ, ଅଥୋତ୍ତରେ ୨୫-୩୧. ମନ୍ତ୍ରଃ କଳ୍ପୋ ବ୍ରାହ୍ମଣମ୍-ଋକ୍-ଯଜୁଃ ସାମ କସ୍ମାଦ୍ ବ୍ରହ୍ମବାଦିନ ଓଂକାରମାଦିତଃ କୁର୍ବନ୍ତି ? ୩୧. କିଂ ଦେବତମ୍ ? ୩୨. କିଂ ଜ୍ୟୋତିଷମ୍ ? ୩୩. କିଂ ନିରୁକ୍ତମ୍ ? ୩୪. କିଂ ସ୍ଥାନମ୍ ? ୩୫. କା ପ୍ରକୃତିଃ ? ୩୬. କିମଧ୍ୟାତ୍ମମ୍ ? ଇତି ଷଟ୍‌ତ୍ରିଂଶତ୍ ପ୍ରଶ୍ନାଃ ପୂର୍ବୋତ୍ତରାଣାଂ ତ୍ରୟୋବର୍ଗାଃ ଦ୍ୱାଦଶକା ଏତୈରୋଂକାରଂ ବ୍ୟାଖ୍ୟାସ୍ୟାମଃ।**

ଓଂକାର ସମ୍ପର୍କରେ ପଚାରୁଛୁ ଯେ ଏହାର — ୧. କେଉଁ ଧାତୁ (ମୂଳଶବ୍ଦ) ? ୨. କେଉଁ ପ୍ରାତିପଦିକ (କୃଦନ୍ତ, ତଦ୍ଧିତ, ସମାସ ମଧ୍ୟରୁ) ? ୩-୪. କେଉଁ ସଂଜ୍ଞାପଦ ଓ କ୍ରିୟାପଦ ? ୫. ଲିଙ୍ଗ କ'ଣ ? ୬. କେଉଁ ବଚନ ? ୭. କେଉଁ ବିଭକ୍ତି ? ୮. କେଉଁ ପ୍ରତ୍ୟୟ ? ୯-୧୧. କେଉଁ ସ୍ୱର, ଉପସର୍ଗ, ନିପାତ ? ୧୨. ଏହାର ବ୍ୟାକରଣ=ସାଧନ ପ୍ରକାର କ'ଣ ? ୧୩. କେଉଁ ବିକାର ? ୧୪. କିଏ ବିକାରୀ ? ୧୫. କେତେ ମାତ୍ରା ? ୧୬. କେତେ ବର୍ଣ୍ଣ ? ୧୭. ଏହା କେତେ ଅକ୍ଷର ବିଶିଷ୍ଟ ? ୧୮. ଏହା କେତେ ପଦ ବିଶିଷ୍ଟ ? ୧୯. କେଉଁ ସଂଯୋଗ ? ୨୦-୨୧. ଏହାର ଉଚ୍ଚାରଣ-ସ୍ଥାନର ପ୍ରଯତ୍ନ ଓ କରଣ କ'ଣ ? ୨୨. ଶିକ୍ଷକ = ଶିଖିବା-ଶିଖାଇବା ଲୋକ କ'ଣ କହନ୍ତି-କୁହାନ୍ତି ? ୨୩. କେଉଁ ଛନ୍ଦ ? ୨୪. କେଉଁ ବର୍ଣ୍ଣ— ଏ ସବୁ ହେଲା ପ୍ରଶ୍ନ। ପରବର୍ତ୍ତୀ ପ୍ରଶ୍ନ ହେଲା — ୨୫. ମନ୍ତ୍ର, ୨୬. କଳ୍ପ, ୨୭. ବ୍ରାହ୍ମଣ, ୨୮-୩୦. ଋକ୍, ଯଜୁ, ସାମ ଏସବୁର ଆରମ୍ଭରେ ବ୍ରହ୍ମବାଦୀ, ବେଦବାଦୀ କାହିଁକି ଓଂକାରର ପ୍ରୟୋଗ କରନ୍ତି ? ୩୧. ଏହାର ଦେବତା = ପ୍ରତିପାଦ୍ୟ ବିଷୟ କ'ଣ ? ୩୨. ଏହା କେଉଁ ଜ୍ୟୋତି ବିଶିଷ୍ଟ ? ୩୩. ଏହାର ନିରୁକ୍ତି-ନିର୍ବଚନ କ'ଣ ? ୩୪. ଏହା କେଉଁ ସ୍ଥିତିର ? ୩୫. ଏହାର ପ୍ରକୃତି କ'ଣ ? ୩୬. ଏହାର ରହସ୍ୟ, ଆଧ୍ୟାତ୍ମିକ ତତ୍ତ୍ୱ କ'ଣ ? 'ଓମ୍' ସମ୍ପର୍କରେ ଏ

ହେଲା ୩୬ଟି ପ୍ରଶ୍ନ। ପୂର୍ବ ଓ ପର ପ୍ରଶ୍ନର ୧୨-୧୨ ହିସାବରେ ତିନୋଟି ବର୍ଗ। ଏହାର ସମାଧାନ, ଉତ୍ତର ମାଧ୍ୟମରେ 'ଓମ୍'ର ବ୍ୟାଖ୍ୟା କରାଯିବ।

ଉପରୋକ୍ତ ପ୍ରଶ୍ନଗୁଡ଼ିକ ଉପରେ ଦୃଷ୍ଟିପାତ କଲେ ଜଣାଯାଏ ଯେ ଆରମ୍ଭରେ ଓଂକାର ସମ୍ବନ୍ଧୀୟ ବ୍ୟାକରଣର ସୂକ୍ଷ୍ମାତିସୂକ୍ଷ୍ମ କଥା ପଚରାଯାଇଛି ଏବଂ ପରିଶେଷରେ ଓଂକାର-ରହସ୍ୟ ସମ୍ପର୍କରେ ମଧ୍ୟ ପ୍ରଶ୍ନ କରାଯାଇଛି। ଏସବୁର ଉତ୍ତରରେ କ'ଣ କୁହାଯାଇଛି ତାହା ଦେଖିବା —

**୧. କୋ ଧାତୁଃ ଇତି ? ଆପ୍‌ଲୃ ଧାତୁଃ। ଅବତିମପ୍ୟେକେ। ରୂପସାମାନ୍ୟାଦର୍ଥସାମାନ୍ୟାନ୍ନେଦୀୟଃ, ତସ୍ମାଦାପେରୋଂକାରଃ, ସର୍ବମାପ୍ନୋତୀତ୍ୟର୍ଥଃ। ୨. କୃଦନ୍ତମର୍ଥବତ୍ ପ୍ରାତିପଦିକମ୍। ଅଦର୍ଶନଂ ପ୍ରତ୍ୟୟସ୍ୟ ସମ୍ପଦ୍ୟତେ। ନିପାତେଷୁ ଚୈନଂ ବୈୟାକରଣା ଉଦାତ୍ତଂ ସମାମନନ୍ତି। ତଦବ୍ୟୟୀଭୂତମନ୍ୱର୍ଥବାଚୀ ଶବ୍ଦୋ - ନ ବ୍ୟେତି କଦାଚନେତି। 'ସଦୃଶଂ ତ୍ରିଷୁ ଲିଙ୍ଗେଷୁ ସର୍ବାସୁ ଚ ବିଭକ୍ତିଷୁ। ବଚନେଷୁ ଚ ସର୍ବେଷୁ ୟନ୍ନ ବ୍ୟେତି ତଦବ୍ୟୟମ୍'। ୧୪. କୋ ବିକାରୀ? ଚ୍ୟବତେ ସମ୍ପ୍ରସାରଣମାପ୍ନୋତି। ୧୩. ଆବାନପକାରୌ ବିକାର୍ୟୌ। ଆଦିତ ଓକାରୋ ବିକ୍ରିୟତେ। ଦ୍ୱିତୀୟୋ ମକାରଃ। ଏବଂ ଦ୍ୱିବର୍ଣ୍ଣ ଏକାକ୍ଷର ଓମ୍, ଇତ୍ୟୋଙ୍କାରଃ ନିର୍ବୃତ୍ତଃ।** (ଷଡ଼ବିଂଶ କଣ୍ଡିକା)

**କତିମାତ୍ର ଇତି ? ଆଦେଷ୍ଟିସ୍ରୋ ମାତ୍ରାଃ। ଅଭ୍ୟାଦାନେ ପ୍ଲୁବତେ, ମକାରଶ୍ଚତୁର୍ଥଃ। କିଂ ସ୍ଥାନମିତି ? ଉଭାବୋଷ୍ଠୌ ସ୍ଥାନମ୍। ନାଦାନୁପ୍ରଦାନକରଣୌ ଚ ଦ୍ୱୟସ୍ଥାନଂ ସନ୍ଧ୍ୟକ୍ଷରମ୍। ଅବର୍ଣ୍ଣଲେଶଃ କଣ୍ଠ୍ୟଃ। ୟଥୋକ୍ତଶେଷଃ ପୂର୍ବୋ ବିବୃତ୍ତକରଣସ୍ଥିତଶ୍ଚ ଦ୍ୱିତୀୟଃ ସ୍ପୃଷ୍ଟକରଣସ୍ଥିତଶ୍ଚ ନ ସଂୟୋଗୋ ବିଧୂତେ। ଆଖ୍ୟାତୋପସର୍ଗାନୁଦାତ୍ତସ୍ୱରିତଲିଙ୍ଗବିଭକ୍ତିବଚନାନି ଚ। ସଂସ୍ଥାନାଧ୍ୟାୟିନ ଆଚାର୍ୟାଃ ବଭୂବୁଃ। ଶ୍ରବଣାଦେବ ପ୍ରତିପଦ୍ୟନ୍ତେ। ନ କାରଣଂ ପୃଚ୍ଛନ୍ତି। ଅଥାପରପକ୍ଷୀୟାଣାଂ କବିଃ ପାଞ୍ଚାଲଚଣ୍ଡପରିପୃଚ୍ଛକୋ ବଭୂବାଁ। ପୃଥଗୁଦ୍‌ଗୀଥଦୋଷାନ୍ ବ୍ରୁବନ୍ତ୍ୱିତି ତଦ୍‌ବାପ୍ୟୁପଲକ୍ଷୟେଦ୍‌ବର୍ଣ୍ଣାକ୍ଷରପଦାଂକଶୋ ବିଭକ୍ତ୍ୟାମ୍। ଋଷିନିଷେବିତାମିତି ବାଚ୍ୟମ୍। ସ୍ତୁବନ୍ତି ତସ୍ମାତ୍‌କାରଣଂ ବ୍ରୂମଃ— ବର୍ଣ୍ଣାନାମୟମିଦଂ ଭବିଷ୍ୟତୀତି। ଷଡ଼ଙ୍ଗବିଦସ୍ତଥାଧୀମହେ, କିଂ ଛନ୍ଦ ଇତି ? ଗାୟତ୍ରଂ ହି ଛନ୍ଦଃ। ଗାୟତ୍ରୀ ବୈ ଦେବାନାମେକାକ୍ଷରା ଶ୍ୱେତବର୍ଣ୍ଣା ଚ ବ୍ୟାଖ୍ୟାତା। ଦ୍ୱୌ ଦ୍ୱାଦଶକୌ ବର୍ଗୌ। ଏତଦ୍‌ବୈ ବ୍ୟାକରଣଂ ଧାତ୍ୱର୍ଥବଚନଂ ଶୈକ୍ଷ୍ୟଂ ଛନ୍ଦୋବଚନଂ ଚ ଅଥୋତ୍ତରୌ ଦ୍ୱୌ ଦ୍ୱାଦଶକୌ ବର୍ଗୌ ବେଦରହସିକୀ ବ୍ୟାଖ୍ୟାତା। ମନ୍ତ୍ରଃ କଲ୍ପୋ ବ୍ରାହ୍ମଣମ୍ ଋଗ୍ୟଜୁଃସାମାଥର୍ବଣି ଏଷା ବ୍ୟାହୃତିଶ୍ଚତୁର୍ଣ୍ଣାଂ ବେଦାନାମାନୁପୂର୍ବ୍ୟେଣ ଓଂଭୂର୍ଭୁବଃ ସ୍ୱରିତି ମହାବ୍ୟାହୃତୟଃ।** (ସପ୍ତବିଂଶ କଣ୍ଡିକା)

'ଓମ୍' ଶବ୍ଦର କେଉଁ ଧାତୁ ? ଏହାର ଉତ୍ତର ହେଲା ଯେ, ଆପ୍‌ଲୃ **(ଆପ୍‌ଲୃ ବ୍ୟାପ୍ତୌ)** ଧାତୁ। କେହି-କେହି **'ଅବ'** ଧାତୁରୁ ମଧ୍ୟ **'ଓମ୍'** ଗଠିତ ବୋଲି କହନ୍ତି। କିନ୍ତୁ ରୂପର ସମାନତା ଓ ଅର୍ଥର ସମାନତା ଦୃଷ୍ଟିରୁ 'ଓମ୍' ଆପ୍‌ଲୃ ଧାତୁର ଅଧିକ ନିକଟବର୍ତ୍ତୀ। ଅତଃ 'ଆପ୍‌ଲୃ' ଧାତୁରୁ 'ଓମ୍' ଶବ୍ଦ ନିର୍ମିତ। ଏହାର ଅର୍ଥ ହେଲା – ସର୍ବବ୍ୟାପକ। 'ଓମ୍'ର ପ୍ରଥମ ବର୍ଣ୍ଣ 'ଓ' ଦୀର୍ଘ ଅଟେ। 'ଆପ୍‌ଲୃ' ଧାତୁର ପ୍ରଥମ ବର୍ଣ୍ଣ 'ଆ' ବି ଦୀର୍ଘ ଅଟେ। 'ଓମ୍'ରେ 'ମ୍'ର ସ୍ଥାନ ଓଷ୍ଠ। ସେହିପରି 'ଆପ୍‌ଲୃ'ର 'ପ'ର ସ୍ଥାନ ବି ଓଷ୍ଠ। ଏହା ହେଲା ରୂପର ସମାନତା। 'ଓମ୍' ହେଲା ସର୍ବବ୍ୟାପକ ପରମାତ୍ମାଙ୍କ ନିଜ ନାମ। ଏହାକୁ ଉଚ୍ଚାରଣ କରିବା ମାତ୍ରେ ପରମାତ୍ମାଙ୍କ ସର୍ବବ୍ୟାପକତାର ଚିନ୍ତନ ଆସେ। 'ଆପ୍‌ଲୃ'= ଆପ୍ ଧାତୁର ଅର୍ଥ ମଧ୍ୟ ବ୍ୟାପ୍ତି। ଏହା ହେଲା ଅର୍ଥର ସମାନତା। ଅତଃ ଏହି ଆଧାରରେ ଗୋପଥକାର 'ଓମ୍'ର ଉତ୍ପତ୍ତି 'ଆପ୍‌ଲୃ' ଧାତୁରୁ କରିଛନ୍ତି। ଏହାର ଅର୍ଥ ଏହା ନୁହେଁ ଯେ 'ଅବ' ଧାତୁରୁ 'ଓମ୍' ନିଷ୍ପନ୍ନ ହୋଇପାରିବ ନାହିଁ। ନିଷ୍କର୍ଷ ହେଲା ଯେ 'ଓମ୍' ଅବ୍ୟୟ ଶବ୍ଦ ଏବଂ 'ଆପ୍‌ଲୃ' ଓ 'ଅବ' ଉଭୟ ଧାତୁରୁ ଏହାର ଗଠନ ହୁଏ। ଉଭୟ ଧାତୁରୁ ଏହାର ଗଠନ ମାନିବା ଦ୍ୱାରା ଏହାର ଅର୍ଥ ବିସ୍ତୃତ ହୁଏ।

'ଓମ୍' କୃଦନ୍ତ ଅର୍ଥବାନ୍ ପ୍ରାତିପଦିକ। ଆଚାର୍ଯ୍ୟ ପାଣିନି ପ୍ରାତିପଦିକର ଲକ୍ଷଣ ୨ଟି ସୂତ୍ରରେ ଦେଇଛନ୍ତି—**୧. 'ଅର୍ଥବଦଧାତୁରପ୍ରତ୍ୟୟଃ ପ୍ରାତିପଦିକମ୍'** (ଅଷ୍ଟା.

୧:୨:୪୬) ଓ ୨. **'କୃତ୍ତଦ୍ଧିତସମାସାଶ୍ଚ'** (ଅଷ୍ଟା. ୧:୨:୪୭)— ଧାତୁ, ପ୍ରତ୍ୟୟ ତଥା ପ୍ରତ୍ୟୟାନ୍ତ ଭିନ୍ନ ଅର୍ଥବାନ୍ ଶବ୍ଦ ପ୍ରାତିପଦିକ ଅଟେ; କୃଦନ୍ତ, ତଦ୍ଧିତାନ୍ତ ତଥା ସମାସ ମଧ୍ୟ ପ୍ରାତିପଦିକ ହୋଇଥାଏ। ଏହା କହି ଋଷି ଦର୍ଶାଇବାକୁ ଚାହାନ୍ତି ଯେ 'ଓମ୍' ନିରର୍ଥକ ନୁହେଁ ଏବଂ ଧାତୁରେ କୃତ୍ ସଂଜ୍ଞକ ପ୍ରତ୍ୟୟ ଯୋଗ ହୋଇ ବ୍ୟୁତ୍ପନ୍ନ ହୋଇଥିବାରୁ କୃଦନ୍ତ ପ୍ରାତିପଦିକ ଅଟେ। ପ୍ରାତିପଦିକ ଆଗରେ ବିଭକ୍ତିର ସଙ୍କେତ ଆସେ। କିନ୍ତୁ 'ଓମ୍' ଆଗରେ ବିଭକ୍ତି-ପ୍ରତ୍ୟୟର ଅଦର୍ଶନ = ଲୋପ ହୋଇଯାଏ, କାରଣ ବୈୟାକରଣମାନେ ଏହାକୁ ଅବ୍ୟୟ-ନିପାତ ମଧ୍ୟରେ ଉଦାତ୍ତସ୍ୱରଯୁକ୍ତ ବୋଲି ମାନନ୍ତି।

ଏହା ଅବ୍ୟୟ ହୋଇ ବି ସାର୍ଥକ ଶବ୍ଦ ଅଟେ - ଯାହା କି କେବେ ବି ବିକୃତ ହୁଏ ନାହିଁ। ଅବ୍ୟୟର ଲକ୍ଷଣ ହେଲା - ଯାହା ତିନି ଲିଙ୍ଗ ତଥା ସମସ୍ତ ବିଭକ୍ତିରେ ଏକାଭଳି ରହେ ଏବଂ ଏକବଚନ, ଦ୍ୱିବଚନ, ବହୁବଚନ - ଏସବୁ ବଚନରେ ଯାହାର ପରିବର୍ତ୍ତନ ହୁଏ ନାହିଁ, ତାହା ଅବ୍ୟୟ। **'ସ୍ୱରାଦିନିପାତମବ୍ୟୟମ୍'** (ଅଷ୍ଟା.୧:୧:୩୭)। ଏଥିରୁ ଏହା ପ୍ରକାଶିତ ହେଉଛି କି 'ଓମ୍' ଶବ୍ଦର ବାଚ୍ୟ ପରମେଶ୍ୱର ଯେଭଳି କୂଟସ୍ଥ, ଅବିଚଳିତ, ଅବିକାରୀ ସେହିଭଳି 'ଓମ୍' ଶବ୍ଦ ମଧ୍ୟ ଅବ୍ୟୟ - ସକଳ ଅବସ୍ଥାରେ ଏହାର ଏକା ରୂପ ରହିଥାଏ।

ଏଠାରେ କିଏ ବିକାରକୁ ପ୍ରାପ୍ତ ହୁଏ ? ଏହାର ସମାଧାନ ହେଲା ଆପ୍ଲୃ = ଆପ୍ ଧାତୁ ସମ୍ପ୍ରସାରଣକୁ ପ୍ରାପ୍ତ ହୁଏ। ଏଥିରେ 'ଆ'କାର, 'ବ'କାର ତଥା 'ଅ'କାର ଓ 'ମ'କାର ବିକାରକୁ ପ୍ରାପ୍ତ ହୁଏ। [ଯଣ୍=ୟ,ର,ଲ,ବ ସ୍ଥାନରେ ଇକ୍ = ଇ,ଉ,ଋ,ଌ ହେବାକୁ ସମ୍ପ୍ରସାରଣ କୁହାଯାଏ— **'ଇଗ୍ୟଣଃ ସମ୍ପ୍ରସାରଣମ୍'**(ଅଷ୍ଟା.୧:୧:୪୫)। ଆପ୍ ଧାତୁରେ ସିଧା ସମ୍ପ୍ରସାରଣ ହୁଏ ନାହିଁ। ପ୍ ପ୍ରଥମେ ବ୍ ହୁଏ। ତଦନନ୍ତର **'ଅବତେଷ୍ଟିଲୋପଶ୍ଚ'** (ଉଣାଦି. ୧:୧୪୨) ସୂତ୍ର ଅନୁସାରେ **'ମନ୍'** ପ୍ରତ୍ୟୟ ଓ 'ବ୍' ସମ୍ପ୍ରସାରଣ ହୋଇ 'ଉ' ହୁଏ।] ଆଦିରେ 'ଓ' କାର ବିକାରଜନ୍ୟ ଓ ଦ୍ୱିତୀୟରେ 'ମ' କାର। ଏହିଭଳି ଭାବେ 'ଓମ୍' ଦୁଇ ବର୍ଣ୍ଣ ବିଶିଷ୍ଟ ଏକାକ୍ଷର ଅଟେ। ଏହିପରି ଓକାର ଶବ୍ଦ ସିଦ୍ଧି ହୁଏ।

କେତେ ମାତ୍ରା ବିଶିଷ୍ଟ ? ଏହାର ଉତ୍ତର ହେଲା କି ଏହାର ଆଦିରେ ତିନି ମାତ୍ରା ଅଛି। **'ଓମଭ୍ୟାଦାନେ'** (ଅଷ୍ଟା. ୮:୨:୮୭) ସୂତ୍ର ଅନୁସାରେ ଅଭ୍ୟାଦାନ = ଆରମ୍ଭରେ ଏହା ପ୍ଲୁତ ହୋଇଯାଏ; ତେଣୁ 'ଓ୩' ଏଭଳି ଲେଖାଯାଏ ଓ ତିନି ମାତ୍ରା ବିଶିଷ୍ଟ ହୋଇଯାଏ। 'ମ୍' ଚତୁର୍ଥ ମାତ୍ରା ଅଟେ। 'ଏହାର ଉଚ୍ଚାରଣର ସ୍ଥାନ କେଉଁଠି ?- ଏ ପ୍ରଶ୍ନର ଉତ୍ତର ହେଲା - ଉଭୟ ଓଷ୍ଠ ଏବଂ କରଣ ହେଲା ନାଦାନୁପ୍ରଦାନ।

ସନ୍ଧି ଅକ୍ଷର ଦୁଇ ସ୍ଥାନବିଶିଷ୍ଟ ହୋଇଥାଏ। ଅବର୍ଣ୍ଣ କଣ୍ଠସ୍ଥାନୀୟ। ଉପରୋକ୍ତର ଶେଷ ବିବୃତ ପ୍ରଯତ୍ନ ବିଶିଷ୍ଟ। ଦ୍ୱିତୀୟ 'ମ୍' ସ୍ପୃଷ୍ଟ ପ୍ରଯତ୍ନ ବିଶିଷ୍ଟ। ସଂଯୋଗ ଏଥିରେ ନାହିଁ। **'ହଲୋଽନନ୍ତରା ସଂଯୋଗଃ'** (୧:୧:୭) ପାଣିନୀୟ ସୂତ୍ରାନୁସାରେ ବ୍ୟବଧାନରହିତ ଏକାଧିକ ହଲ୍ (ବ୍ୟଞ୍ଜନବର୍ଣ୍ଣ)କୁ ସଂଯୋଗ କହନ୍ତି। ଯଥା - 'ଇନ୍ଦ୍ର' ଶବ୍ଦରେ ନ୍-ଦ୍-ର୍ ସଂଯୋଗ ଅଟେ। 'ଓମ୍'ର ଏପରି କୌଣସି ସଂଯୋଗ ନାହିଁ।

ବିଦ୍ୟାସ୍ଥାନର ଅଧ୍ୟାପକ ଯେଉଁ ପୂର୍ବବର୍ତ୍ତୀ ଆଚାର୍ଯ୍ୟ ହୋଇଛନ୍ତି, ସେମାନେ ଗୁରୁମୁଖରୁ ଶୁଣି ଶବ୍ଦର ଆଖ୍ୟାତ, ଉପସର୍ଗ, ଅନୁଦାତ୍ତ, ସ୍ୱରିତ, ଲିଙ୍ଗ, ବିଭକ୍ତି, ବଚନକୁ ଜାଣିନେଉଥିଲେ, ସେଥିରେ କାରଣ ଜିଜ୍ଞାସା କରୁନଥିଲେ। ଏ କଥନର ତାତ୍ପର୍ଯ୍ୟ ହେଲା ଯେ ଅବ୍ୟୟର ବିଭକ୍ତି ଆଦିକୁ ପ୍ରକରଣ ଆଧାରରେ ଜଣାଯାଉଥିଲା। 'ଓମ୍' ଅବ୍ୟୟ ଅଟେ। ଅତଃ ଏହାର ବିଭକ୍ତି ମଧ୍ୟ ପ୍ରକରଣ ଆଧାରରେ ଜଣାଯିବ। ଆଖ୍ୟାତ, ଉପସର୍ଗ, ଉଦାତ୍ତ, ସ୍ୱରିତର ଏଠାରେ ଶଙ୍କା ନିରର୍ଥକ।...

'ଓମ୍'ର କେଉଁ ଛନ୍ଦ ? ଏହି ପ୍ରଶ୍ନର ଉତ୍ତର ହେଲା - ଗାୟତ୍ରୀ ଛନ୍ଦ। ଦୈବୀ ଗାୟତ୍ରୀ ଏକ ବର୍ଣ୍ଣ ବିଶିଷ୍ଟ ଶୁଭ୍ର ହୋଇଥାଏ। ଯଦ୍ୟପି ସାମାନ୍ୟତଃ ଗାୟତ୍ରୀ ଛନ୍ଦ ୨୪ ଅକ୍ଷର ବିଶିଷ୍ଟ, ତଥାପି ପିଙ୍ଗଳାଚାର୍ଯ୍ୟ ସ୍ୱ ଛନ୍ଦସୂତ୍ରରେ ଏହାର ଦୈବୀ ଆଦି ଅନେକ ଭେଦ ଦର୍ଶାଇଛନ୍ତି। ସେଥିରେ ଦୈବୀ ଗାୟତ୍ରୀ ଛନ୍ଦ ଏକ ଅକ୍ଷର ବିଶିଷ୍ଟ ବୋଲି ପ୍ରତିପାଦନ କରାଯାଇଛି।

ଏହି ଦୁଇ ୧୨-୧୨ର ବର୍ଗ ଅର୍ଥାତ୍ ପ୍ରଥମ ୨୪ଟି ପ୍ରଶ୍ନ ବ୍ୟାକରଣ ସହ ସମ୍ବନ୍ଧିତ। ଧାତୁର ଅର୍ଥ କହିବା, ସ୍ଥାନ-ପ୍ରଯତ୍ନାଦି ବର୍ଣ୍ଣୋଚ୍ଚାରଣ ଶିକ୍ଷା ଓ ଛନ୍ଦଃ ବିଷୟରେ କହିବା ବ୍ୟାକରଣ = ବିଶେଷ ସ୍ପଷ୍ଟୀକରଣ ଅଟେ। ଏହାର

ପରବର୍ତ୍ତୀ ୧୨ଟି ବେଦରହସ୍ୟ ବିଷୟକ। ମନ୍ତ୍ର, କଳ୍ପ, ବ୍ରାହ୍ମଣ, ଋକ୍, ଯଜୁଃ, ସାମ ଓ ଅଥର୍ବରେ ଏହି 'ଓମ୍' ବ୍ୟାହୃତି ଅଟେ। ଚାରି ବେଦର କ୍ରମଶଃ ଓମ୍, ଭୂଃ, ଭୁବଃ, ଓ ସ୍ୱଃ – ଏ ହେଲା ମହାବ୍ୟାହୃତି।

ଗୋପଥକାର ଏଇଠି ନିଜର ଏକ ବିଲକ୍ଷଣ ମତ ଦର୍ଶାଇଛନ୍ତି ଯେ ଚାରି ବେଦର କ୍ରମଶଃ ଓମ୍, ଭୂଃ, ଭୁବଃ, ସ୍ୱଃ– ଏ ହେଲା ମହାବ୍ୟାହୃତି। ଏହା ଉପରେ ଚିନ୍ତନ କଲେ ଏହା ସ୍ପଷ୍ଟ ହୁଏ। ଋଗ୍‌ବେଦରେ ବ୍ରହ୍ମଙ୍କ ସ୍ୱରୂପଠାରୁ ଆରମ୍ଭ କରି ପ୍ରକୃତିର ସମସ୍ତ ବିକାରର ସ୍ୱରୂପ ନିରୂପିତ ହୋଇଥିବାରୁ ତା'ର ବ୍ୟାହୃତି 'ଓମ୍'। କାର୍ଯ୍ୟ ଦ୍ୱାରା ସତ୍ତାର ବୋଧ କରାଉଥିବାରୁ ଯଜୁର୍ବେଦର ବ୍ୟାହୃତି 'ଭୂଃ' ବୋଲି କୁହାଯିବା ସମୀଚୀନ। ସଂସାର-ବ୍ୟବହାରରେ ଲିପ୍ତ ହୋଇ ଆତ୍ମା-ପରମାତ୍ମା ଚିନ୍ତନ ପ୍ରତି ସଚେତନ ନ ଥିବା ବ୍ୟକ୍ତିଙ୍କୁ ସାମ ଦ୍ୱାରା ସ୍ଫୂର୍ତ୍ତି, ନବଚେତନାର ଜାଗରଣ ହେଉଥିବାରୁ 'ଭୁବଃ' (ଚେତନାଦାୟକ)କୁ ସାମବେଦର ବ୍ୟାହୃତି କୁହାଯିବାର ଯଥାର୍ଥତା ଅଛି। ଅସନ୍ଦିଗ୍ଧ ଜ୍ଞାନ ଦ୍ୱାରା ସ୍ଥିର ଆନନ୍ଦ ପ୍ରଦାନ କରୁଥିବା ଅଥର୍ବ ବେଦ ସହ 'ସ୍ୱଃ'ର ସମ୍ବନ୍ଧ ଉପଯୁକ୍ତ ପ୍ରତୀତ ହୁଏ।

ଗୋପଥ ବ୍ରାହ୍ମଣରେ ଏହାର ଆଗକୁ ୩୦ଶ କଣ୍ଡିକାରେ 'ଓମ୍'ର ମନନର ଫଳ ବହୁତ ସୁନ୍ଦର ଶବ୍ଦରେ ନିରୂପଣ କରାଯାଇଛି —

**ଅଥାଧ୍ୟାତ୍ମମ୍, ଆତ୍ମଭୈଷଜ୍ୟମାତ୍ମକୈବଲ୍ୟ-ମୋଙ୍କାରଃ। ଆତ୍ମାନଂ ନିରୁଧ୍ୟ ସଙ୍ଗମମାତ୍ରଂ ଭୂତାର୍ଥଚିନ୍ତାଂ ଚିନ୍ତୟେଦତିକ୍ରମ୍ୟ ବେଦେଭ୍ୟଃ ସର୍ବପରମଧ୍ୟାତ୍ମଫଳଂ ପ୍ରାପ୍ନୋତୀତ୍ୟର୍ଥଃ। ସବିତର୍କଂ ଜ୍ଞାନମୟମିତ୍ୟେତୈଃ ପ୍ରଶ୍ନୈଃ ପ୍ରତିବଚନୈଶ୍ଚ ଯଥାର୍ଥଂ ପଦମନୁବିଚିନ୍ତ୍ୟ ପ୍ରକରଣଜ୍ଞୋ ହି ପ୍ରବଲୋ ବିଷୟୀ ସ୍ୟାତ୍ ସର୍ବସ୍ମିନ୍ ବାକୋବାକ୍ୟ ଇତି ବ୍ରାହ୍ମଣମ୍।**

ବର୍ତ୍ତମାନ ଅଧ୍ୟାତ୍ମର ବିଷୟ। ଓଙ୍କାର ଆତ୍ମାର ଚିକିତ୍ସା ଏବଂ ଆତ୍ମାର ମୁକ୍ତି ପ୍ରଦାୟକ। ଆତ୍ମାର ତଥା ସଙ୍ଗରୁ ଉତ୍ପନ୍ନ ହେଉଥିବା ପଦାର୍ଥ-ବିଷୟକ ଚିନ୍ତାକୁ ନିରୋଧ କରି ଆତ୍ମଚିନ୍ତନ କର। ଅଥବା ସ୍ୱୟଂ ନିଜକୁ ନିରୋଧ କରି ଭୂତାର୍ଥ ଅର୍ଥାତ୍ ପ୍ରାଣୀହିତର ଚିନ୍ତା, ଯଥାର୍ଥ ଚିନ୍ତାକୁ ଚିନ୍ତନ କରି ଏବଂ ଇନ୍ଦ୍ରିୟ ସମ୍ବନ୍ଧୀୟ ବିଷୟରୁ ଊର୍ଦ୍ଧ୍ୱକୁ ଉଠି ସାଧକ ବେଦ ଦ୍ୱାରା ସର୍ବୋତ୍ତମ ଅଧ୍ୟାତ୍ମଫଳକୁ ପ୍ରାପ୍ତ କରେ, ଏହା ଅର୍ଥ। ଏସବୁ ପ୍ରଶ୍ନ ଓ ଉତ୍ତର ଦ୍ୱାରା ପ୍ରକରଣର ଜ୍ଞାତା ସବିତର୍କ ଜ୍ଞାନ ତଥା ଯଥାର୍ଥ ପଦ (ପ୍ରାପଣୀୟ ବସ୍ତୁ)ର ବିଚାର କରି ସମ୍ପୂର୍ଣ୍ଣ ବାକୋବାକ୍ୟ ଅର୍ଥାତ୍ ତର୍କଶାସ୍ତ୍ରରେ ପ୍ରବଳ ବିଷୟୀ (ପଣ୍ଡିତ) ହୋଇପାରେ। ଏପରି ବ୍ରାହ୍ମଣରେ କୁହାଯାଇଛି।

୨୪ଶ କଣ୍ଡିକାର ୩୬ତମ ପ୍ରଶ୍ନର ସମ୍ଭବତଃ ଏହା ସମାଧାନ। 'ଓମ୍'ର ଜପ ବାସ୍ତବରେ ଆତ୍ମାର ଚିକିତ୍ସା ଏବଂ ମୁକ୍ତିପ୍ରଦାତା। ଯୋଗଦର୍ଶରେ କୁହାଯାଇଛି—

**ତସ୍ୟ ବାଚକଃ ପ୍ରଣବଃ।** (ଯୋଗ. ୧:୨୭)

ପରମେଶ୍ୱରଙ୍କ ବାଚକ ହେଲା ପ୍ରଣବ ବା ଓମ୍। ଓମ୍-ଜପ ବିଧାନ କରି ମହର୍ଷି ପତଞ୍ଜଳି ତା'ର ଫଳ ନିରୂପଣ କରିଛନ୍ତି —

**ତତଃ ପ୍ରତ୍ୟକ୍‌ଚେତନାଧିଗମୋଽପ୍ୟନ୍ତରାୟାଭାବଶ୍ଚ।** (ଯୋଗ. ୧:୨୯)

ସେହି ଓମ୍ ଜପ ଦ୍ୱାରା ଆତ୍ମପ୍ରାପ୍ତି ତଥା ବିଘ୍ନର ନାଶ ହୋଇଯାଏ। ମୁଣ୍ଡକୋପନିଷଦରେ କୁହାଯାଇଛି —

**ଓମିତ୍ୟେବଂ ଧ୍ୟାୟଥ ଆତ୍ମାନଂ ସ୍ୱସ୍ତି ବଃ ପାରାୟ ତମସଃ ପରସ୍ତାତ୍ ॥** (ମୁଣ୍ଡକ. ୨:୨:୬)

ପରମାତ୍ମାଙ୍କୁ 'ଓମ୍' ପଦ ଦ୍ୱାରା ଧ୍ୟାନ କର। ଅଜ୍ଞାନ ଅନ୍ଧକାରରୁ ପାର ପାଇବା ପାଇଁ ଏହା ଉତ୍କୃଷ୍ଟ ସାଧନ। ଏହାଦ୍ୱାରା ଅଜ୍ଞାନାନ୍ଧକାରରୁ ପାର ହୋଇ ତୁମର କଲ୍ୟାଣ ସାଧିତ ହେବ। ଯିଏ ଏପରି 'ଓମ୍'ର ମନନ, ନିଦିଧ୍ୟାସନ କରିବ, ତାକୁ ବେଦର ପରମଫଳ ଅଧ୍ୟାତ୍ମ ଅର୍ଥାତ୍ ଆତ୍ମାରେ ଅଧିଷ୍ଠିତ ପରମାତ୍ମାଙ୍କ ଜ୍ଞାନ ଅବଶ୍ୟ ହେବ।

ଏହିଭଳି ଭାବେ ଗୋପଥ ବ୍ରାହ୍ମଣରେ ଓମ୍ ମହିମା ବର୍ଣ୍ଣନା କରାଯାଇଛି। ଏଥିରେ 'ଓମ୍'ର ଗଠନ ଆପ୍ଳୃ ଓ ଅବ ଧାତୁରୁ ହେବା କଥା କୁହାଯାଇଛି। ଅନ୍ୟ ଋଷି ଅନ୍ୟ ଏକ ପ୍ରକାରେ ମଧ୍ୟ 'ଓମ୍'ର ବ୍ୟୁତ୍ପତ୍ତି କରନ୍ତି। ଉଦାହରଣ ସ୍ୱରୂପ ମାଣ୍ଡୂକ୍ୟୋପନିଷଦରେ କୁହାଯାଇଛି —

**ସୋଽୟମାତ୍ମାଽଧ୍ୟକ୍ଷରମୋଙ୍କାରୋଽଧିମାତ୍ରଂ, ପାଦା ମାତ୍ରାଃ, ମାତ୍ରାଶ୍ଚ ପାଦାଃ। ଅକାରଃ, ଉକାରୋ ମକାର ଇତି।** (ମାଣ୍ଡୂକ୍ୟ. ୮)

ଏହି ସର୍ବବ୍ୟାପକ ପରମାତ୍ମା 'ଓମ୍' ଅକ୍ଷରରେ ଅଧିକୃତ ଏବଂ 'ଓମ୍' ମାତ୍ରାଗୁଡ଼ିକର ଆଧାର। ପାଦ ହିଁ ମାତ୍ରା ଓ ମାତ୍ରା ହିଁ ପାଦ - ଅକାର, ଉକାର ଓ ମକାର। ପରମାତ୍ମାଙ୍କ ନାମ 'ଓମ୍'। ଅତଃ ସେ ସେଥିରେ ଅଧିକୃତ। ଏବଂ 'ଓମ୍'ର ପାଦ କୁହ କି ମାତ୍ରା କୁହ, ତାହା ତିନୋଟି - ଅକାର, ଉକାର ଓ ମକାର।

ଏଠାରେ 'ଓମ୍' ଅକ୍ଷର ଅ, ଉ ଓ ମ - ଏ ତିନି ଅକ୍ଷର ବା ମାତ୍ରାର ସମାହାର ବୋଲି କୁହାଯାଇଛି। ଧର୍ମଶାସ୍ତ୍ରକାର ମନୁ ମଧ୍ୟ 'ଓମ୍' ତିନି ଅକ୍ଷରର ମିଶ୍ରଣରେ ନିର୍ମିତ ବୋଲି କହିଛନ୍ତି—

**ଅକାରଂ ଚାପ୍ୟୁକାରଂ ଚ ମକାରଂ ଚ ପ୍ରଜାପତିଃ।**
**ବେଦତ୍ରୟାନ୍ନିରଦୁହଦ୍ ଭୂର୍ଭୁବଃସ୍ୱରିତୀତି ଚ ॥**
(ମନୁ. ୨:୭୬)

ପ୍ରଜାପତି ପରମାତ୍ମା ଅକାର, ଉକାର ଓ ମକାର ତଥା 'ଭୂଃ', 'ଭୁବଃ' ଓ 'ସ୍ୱଃ' ଏହି ତିନି ବ୍ୟାହୃତିକୁ ବେଦତ୍ରୟୀରୁ ଦୋହନ କଲେ।

ଐତରେୟ ବ୍ରାହ୍ମଣରେ କୁହାଯାଇଛି —

**ତାନି ଶୁକ୍ରାଣ୍ୟଭ୍ୟତପତ୍। ତେଭ୍ୟୋଽଭିତପ୍ତେଭ୍ୟସ୍ତ୍ରୟୋ ବର୍ଣ୍ଣା ଅଜାୟନ୍ତ। ଅକାରଃ, ଉକାରୋ ମକାର ଇତି ତାନେକଧା ସମଭରତ୍। ତଦେତଦ୍ ଓମ୍ ଇତି।** (ଐତରେୟ ବ୍ରାହ୍ମଣ. ୫:୩୨)

**(ତାନି)** ସେହି **(ଶୁକ୍ରାଣି)** ତିନି ଲୋକକୁ **(ଅଭ୍ୟତପତ୍)** ପରଂବ୍ରହ୍ମ ପ୍ରକାଶିତ କଲେ। **(ତେଭ୍ୟଃ ଅଭିତପ୍ତେଭ୍ୟଃ)** ସେଗୁଡ଼ିକ ପ୍ରକାଶିତ ହେବା ପରେ **(ତ୍ରୟଃ ବର୍ଣ୍ଣାଃ)** ଈଶ୍ୱରଙ୍କ ଗୁଣ ବର୍ଣ୍ଣନ କରୁଥିବା ତିନି ବର୍ଣ୍ଣ (ବର୍ଣ୍ଣର ଅର୍ଥ ଯେଉଁ ପଦ ଦ୍ୱାରା ଈଶ୍ୱରଙ୍କ ବର୍ଣ୍ଣନା କରାଯାଏ —**'ବର୍ଣ୍ଣ୍ୟତେ ନିରୂପ୍ୟତେ ଯେନ ସ ବର୍ଣ୍ଣଃ'**) ଉତ୍ପନ୍ନ ହେଲେ। ସେ ତିନୋଟି ବର୍ଣ୍ଣ କ'ଣ-କ'ଣ ? ସେଗୁଡ଼ିକ ହେଲେ — **(ଅକାରଃ)** ଅକାର, **(ଉକାରଃ)** ଉକାର ଓ **(ମକାରଃ)** ମକାର **(ଇତି)** ଏ ତିନି ପଦ। **(ତାନ୍)** ସେହି ତିନି **(ପଦାନ୍)** ପଦକୁ **(ଏକଧା)** ଏକତ୍ର **(ସମଭରତ୍)** ମିଶାଇଲେ। **(ତତ୍ ଏତତ୍)** ତାହା ମିଶି **(ଓମ୍ ଇତି)** 'ଓମ୍' ହେଲା।

ମାଣ୍ଡୂକ୍ୟୋପନିଷଦରେ ଏହି ଅ-ଉ-ମ ତିନି ଅକ୍ଷରର ଅତି ସୁନ୍ଦର ଅର୍ଥ ନିରୂପିତ ହୋଇଛି —

**ଜାଗରିତ ସ୍ଥାନୋ ବୈଶ୍ୱାନରୋ ଅକାରଃ ପ୍ରଥମା ମାତ୍ରା, ଆପ୍ତେରାଦିମତ୍ତ୍ୱାଦ୍ୱା, ଆପ୍ନୋତି ହ ବୈ ସର୍ବାନ୍ କାମାନ୍, ଆଦିଶ୍ଚ ଭବତି ୟ ଏବଂ ବେଦ ॥ ୯ ॥**

**ସ୍ୱପ୍ନସ୍ଥାନସ୍ତୈଜସଃ, ଉକାରୋ ଦ୍ୱିତୀୟା ମାତ୍ରା, ଉତ୍କର୍ଷାଦୁଭୟତ୍ୱାଦ୍ୱା। ଉତ୍କର୍ଷତି ହ ବୈ ଜ୍ଞାନସନ୍ତତିଂ, ସମାନଶ୍ଚ ଭବତି, ନାସ୍ୟାବ୍ରହ୍ମବିତ୍କୁଲେ ଭବତି ୟ ଏବଂ ବେଦ ॥ ୧୦ ॥**

**ସୁଷୁପ୍ତସ୍ଥାନଃ ପ୍ରାଜ୍ଞଃ, ମକାରସ୍ତୃତୀୟା ମାତ୍ରା, ମିତେରପୀତେର୍ବା, ମିନୋତି ହ ବା ଇଦଂ 'ସର୍ବମ୍, ଅପୀତିଶ୍ଚ ଭବତି ୟଂ ବେଦ ॥ ୧୧ ॥**

(ମାଣ୍ଡୂକ୍ୟ. ୯,୧୦, ୧୧)

'ଓମ୍'ର ପ୍ରଥମ ମାତ୍ରା 'ଅକାର' ପରମାତ୍ମାଙ୍କ ଜାଗ୍ରତସ୍ଥାନ ବୈଶ୍ୱାନର ରୂପର ପରିଚାୟକ। ଏହି 'ଅ' ମାତ୍ରା ବ୍ୟାପ୍ତି-ଅର୍ଥକ **'ଆପ୍ଲୃ'** ଧାତୁରୁ ନିଷ୍ପନ୍ନ ବା ଏହାର ଅର୍ଥ ବ୍ୟାପକ। ଅଥବା ଆଦିମାନ୍ (ପ୍ରଥମ-ମୁଖ୍ୟ) ହେବାରୁ ଏହାକୁ 'ଅ' କୁହାଯାଏ। ଯିଏ ଏହି ରହସ୍ୟକୁ ଜାଣି ତଦନୁସାରେ ଅନୁଷ୍ଠାନ କରେ ସିଏ ସକଳ ଅଭିଳାଷକୁ ପ୍ରାପ୍ତ କରିନିଏ ଓ ସମସ୍ତଙ୍କର ଆଦି ଅର୍ଥାତ୍ ପ୍ରଥମ, ମୁଖ୍ୟ, ନେତା ହୋଇଯାଏ ॥ ୯ ॥ 'ଉକାର' ଦ୍ୱିତୀୟ ମାତ୍ରା ପରମାତ୍ମାଙ୍କ ସ୍ୱପ୍ନସ୍ଥାନ ତୈଜସ ସ୍ୱରୂପକୁ ବୋଧ କରାଏ। ଉତ୍କର୍ଷ ଅଥବା ଉଭୟରୁ ଏହି 'ଉ'କାର ମାତ୍ରା ନିଷ୍ପନ୍ନ। ଯିଏ ଏହି ରହସ୍ୟକୁ ଜାଣି ତଦନୁସାରେ ଅନୁଷ୍ଠାନ କରେ ସିଏ ଜ୍ଞାନସନ୍ତାନ ଅର୍ଥାତ୍ ଜ୍ଞାନର ବିସ୍ତାର(ପରମ୍ପରା)କୁ ଅଥବା ଜ୍ଞାନସନ୍ତତି-ଶିଷ୍ୟପରମ୍ପରାକୁ ବୃଦ୍ଧି କରେ, ସମସ୍ତଙ୍କ ପ୍ରତି ସମଭାବ ସମ୍ପନ୍ନ, ସମସ୍ତଙ୍କ ଆଦରଣୀୟ ହୋଇଯାଏ। ତାଙ୍କ କୁଳରେ କେହି ଅବ୍ରହ୍ମବିତ୍ ହୁଏ ନାହିଁ ॥ ୧୦ ॥ 'ଓମ୍'ର ତୃତୀୟ ମାତ୍ରା 'ମକାର' ପରମାତ୍ମାଙ୍କ ସୁଷୁପ୍ତସ୍ଥାନ

ପ୍ରାଜ୍ଞ ରୂପର ଜ୍ଞାନ ଦିଏ। ଜ୍ଞାନାର୍ଥକ ବା ପରିମାପାର୍ଥକ **'ମା'** ଧାତୁରୁ ନିଷ୍ପନ୍ନ **'ମିତି'** (ପ୍ରମାଣ ବା ପରିମାପ) ରୁ ଅଥବା **'ଅପୀତି'** (ଲୟ, ସମାପ୍ତି)ରୁ 'ମ୍' ମାତ୍ରା ନିଷ୍ପନ୍ନ। ଯିଏ ଏହି ତତ୍ତ୍ୱକୁ ଜାଣି ତଦନୁସାରେ ଅନୁଷ୍ଠାନ କରେ ସିଏ ଏ ସମସ୍ତଙ୍କୁ (ସମଗ୍ର ବିଶ୍ୱକୁ) ଜାଣିନିଏ, ମାପ କରିନିଏ ଅଥବା ତା'ର ବିଷୟ, ଦୁଃଖ, ଅଜ୍ଞାନର ସମାପ୍ତି, ଜଗତର ଅପୀତି ହୋଇଯାଏ ॥ ୧୧ ॥

ଏହି ତିନି ଉପନିଷଦ ବାକ୍ୟ ସମ୍ପର୍କରେ ଯଦି କୁହାଯାଏ କି ଏଥିରେ ବିନ୍ଦୁରେ ସିନ୍ଧୁ ଅନ୍ତର୍ନିହିତ ହୋଇରହିଛି, ତେବେ ଅତିଶୟୋକ୍ତି ହେବ ନାହିଁ। ଆମେ ସଂକ୍ଷେପରେ ଏହି ବାକ୍ୟତ୍ରୟର ଭାବାର୍ଥ ଆଲୋଚନା କରିବା। 'ଓମ୍‌ମ୍'ରେ 'ଅ' ପ୍ରଥମ ମାତ୍ରା, 'ଉ' ଦ୍ୱିତୀୟ ମାତ୍ରା ଓ 'ମ୍' ତୃତୀୟ ମାତ୍ରା। ଏ ତିନି ମାତ୍ରା ପରମାତ୍ମାଙ୍କ ଅନନ୍ତ ରୂପ (ଗୁଣ) ମଧ୍ୟରୁ ମୁଖ୍ୟ ତିନୋଟିର ପରିଚୟ ଦେଇଥାଏ। ସେ ତିନୋଟି ସ୍ଥିତିରେ ଜ୍ଞାନ ମନୁଷ୍ୟକୁ ଈଶ୍ୱରଙ୍କ ସ୍ୱରୂପ ସମ୍ପର୍କରେ ପର୍ଯ୍ୟାପ୍ତ ଜ୍ଞାନ ଦେଇଥାଏ।

'ଅ'ର ସମ୍ବନ୍ଧ ଈଶ୍ୱରଙ୍କ ବୈଶ୍ୱାନର ରୂପ ସହ ଅଛି ବୋଲି କୁହାଯାଇଛି। 'ବୈଶ୍ୱାନର'ର ଅର୍ଥ ବିଶ୍ୱର ବା ସମସ୍ତଙ୍କର ନେତା, ସମସ୍ତଙ୍କୁ ଉତ୍ତମ ରୂପେ ପରିଚାଳକ। ବାସ୍ତବରେ 'ଅ' ବର୍ଣ୍ଣମାଳାର ସବୁ ବର୍ଣ୍ଣର ନେତା, ସଞ୍ଚାଳକ। 'କ'ରୁ 'ହ' ପର୍ଯ୍ୟନ୍ତ ସମସ୍ତ ବ୍ୟଞ୍ଜନ ବର୍ଣ୍ଣକୁ 'ଅ' ହିଁ ଚଳାଏ, ପ୍ରକାଶିତ କରେ; 'ଅ' ବିନା କୌଣସି ବ୍ୟଞ୍ଜନକୁ ଉଚ୍ଚାରଣ କରାଯାଇପାରେ ନାହିଁ। କାରଣ **'ଅନ୍ୱଗ୍‌ଭବତି ବ୍ୟଞ୍ଜନମିତି'** (ମହାଭାଷ୍ୟ. ଅ.୧:ପା୨: ସୂ.୨୯:ଅ.୧)— ଯାହାର ଉଚ୍ଚାରଣ ସ୍ୱରବର୍ଣ୍ଣର ବିନା ସହାୟତାରେ ହୁଏ ନାହିଁ, ଅନୁ-ଅକ୍' ଅର୍ଥାତ୍ ଯାହା ପଛରେ ଅ,ଇ,ଉ,ର ଆଦି ସ୍ୱରବର୍ଣ୍ଣ ଉଚ୍ଚାରଣରେ ସହାୟକ ହୋଇଥାନ୍ତି ତାକୁ ବ୍ୟଞ୍ଜନ କୁହାଯାଏ।

ଆଗକୁ ନେବା ଲୋକ ପ୍ରାୟତଃ ସମସ୍ତଙ୍କ ଆଗରେ ଚାଲେ। ବର୍ଣ୍ଣମାଳାର ସର୍ବ ପ୍ରଥମରେ 'ଅ' ଅଛି। ସେହିପରି ବର୍ଣ୍ଣୋଚାରଣ ନିମନ୍ତେ କଣ୍ଠ, ମୂର୍ଦ୍ଧନା, ତାଲୁ, ଦନ୍ତମୂଳ, ଓଷ୍ଠ ଏପରି ଯେଉଁ ୫ଟି ସ୍ଥାନ ଅଛି ତନ୍ମଧ୍ୟରୁ ସର୍ବପ୍ରଥମ ସ୍ଥାନ ହେଲା କଣ୍ଠ। **'ଅକୁହବିସର୍ଜନୀୟାଃ କଣ୍ଠ୍ୟାଃ'** (ବର୍ଣ୍ଣୋଚାରଣ ଶିକ୍ଷା.୫) ଅନୁସାରେ 'ଅ'ର ଉଚ୍ଚାରଣ ସ୍ଥାନ ହେଲା କଣ୍ଠ। ଏହି ଦୃଷ୍ଟିରୁ ସର୍ବବର୍ଣ୍ଣାଗ୍ରଣୀକୁ ସର୍ବାଗ୍ରଣୀ ବିଶ୍ୱାନର ପରମେଶ୍ୱରଙ୍କ ପ୍ରତୀକ = ବୋଧକ = ବାଚକ = ସଂକେତକ କହିବା କୌଣସି ପ୍ରକାରେ ଅସଙ୍ଗତ ନୁହେଁ, ବରଂ ସମୀଚୀନ।

ଶୋଇଥିବା ବ୍ୟକ୍ତି ସ୍ୱେଚ୍ଛାପୂର୍ବକ ନିଜ ପାଇଁ ମଧ୍ୟ କୌଣସି କ୍ରିୟା କରିପାରେ ନାହିଁ, ଆଉ ଅନ୍ୟକୁ ସଞ୍ଚାଳନ କରିବା ବିଷୟରେ କ'ଣ କୁହାଯିବ! ଜାଗ୍ରତ-ଜାଗରୁକ ବ୍ୟକ୍ତି ହିଁ ଅନ୍ୟମାନଙ୍କର ନେତୃତ୍ୱ କରିପାରେ। ଅତଃ ଭଗବାନଙ୍କ ବୈଶ୍ୱାନରତ୍ୱ ବୋଧକ 'ଅ'କୁ ଜାଗରିତ ସ୍ଥାନ କହିବା ଯୁକ୍ତିଯୁକ୍ତ।

ସମସ୍ତଙ୍କୁ ଚଳାଇବାପାଇଁ ସର୍ବତ୍ର ଉପସ୍ଥିତ ରହିବା ଅନିବାର୍ଯ୍ୟ। ବୈଶ୍ୱାନରଙ୍କ ପ୍ରତୀକ ଏହି 'ଅ' **'ଆପ୍‌ଲୃ ବ୍ୟାପ୍ତୌ'** (ସର୍ବତ୍ର ବ୍ୟାପକ) ଧାତୁରୁ ନିଷ୍ପନ୍ନ ହେବା କଥା କୁହାଯାଇଛି। ତଥା ସର୍ବାଗ୍ରଣୀ ହୋଇଥିବାରୁ 'ଆଦି' ଶବ୍ଦରେ ସଂକେତିତ କରାଯାଇଛି। ଅତଃ ଏସବୁ କଥନର ଭାବାର୍ଥ ହେଲା କି 'ଅ' ମାତ୍ରାର ଧ୍ୟାନ କରିବା ଦ୍ୱାରା ଈଶ୍ୱରଙ୍କ ବୈଶ୍ୱାନରତ୍ୱ, ସଦା ଜାଗରୁକତ୍ୱ ତଥା ଏଥିପାଇଁ ସଦା କ୍ରିୟାଶୀଳତ୍ୱ, ସର୍ବକର୍ତ୍ତୃତ୍ୱ, ସର୍ବବ୍ୟାପକତ୍ୱ ଧର୍ମର ବୋଧ ହୋଇଥାଏ। ଈଶ୍ୱରଙ୍କୁ ଯିଏ ଏହି ରୂପେ ସ୍ମରଣ କରିବ, ସିଏ ଅବଶ୍ୟ ପ୍ରମୁଖ ହେବ, ଏବଂ ତା'ର ସକଳ କାମନା ପୂର୍ଣ୍ଣ ହେବ। କିପରି ? ସିଏ ଆଳସ୍ୟ-ପ୍ରମାଦଗ୍ରସ୍ତ ହେବ ନାହିଁ, ଅସତର୍କ ହେବ ନାହିଁ, ଅନ୍ୟାୟର ପନ୍ଥା ଅବଲମ୍ବନ କରିବନି, ଅନୁଚିତ କାମନା ପୋଷଣ କରିବ ନାହିଁ। ଏଣୁ ତା'ର ଯଥାର୍ଥ କାମନା ପୂର୍ଣ୍ଣ ହେବ।

'ଉ'ମାତ୍ରାର ସମ୍ବନ୍ଧ ଈଶ୍ୱରଙ୍କ ତୈଜସ ରୂପ ସହ ବୋଲି କୁହାଯାଇଛି। ତେଜ ବା ପ୍ରକାଶର ସ୍ୱରୂପ ହେଲା ଆଗକୁ ସମ୍ପ୍ରସାରଣ। 'ଉ'କାର ଉଚ୍ଚାରଣ କରିବା ସମୟରେ ମୁହଁ ଆଗକୁ ପ୍ରସାରିତ ହୁଏ। ସ୍ୱପ୍ନର ଅର୍ଥ ବାହ୍ୟ ବ୍ୟାପାରରୁ ବିରତ ହୋଇ ଅନ୍ତଶ୍ଚିନ୍ତାରେ ସ୍ଥିତ ହେବାର ଦଶା। ବିଚାର ଦ୍ୱାରା ଜ୍ଞାନଧାରା-ପ୍ରବାହ ବଢ଼େ। ଜ୍ଞାନୀ ନିକଟରେ ଅଜ୍ଞାନର କ'ଣ ଆବଶ୍ୟକତା ? ଅତଃ ଫଳଶ୍ରୁତି ସ୍ୱରୂପ କୁହାଯାଇଛି କି ଏପରି ଜ୍ଞାନୀଙ୍କ କୂଳ (ବଂଶ ପରମ୍ପରା, ଶିଷ୍ୟ ପରମ୍ପରା)ରେ ଅଜ୍ଞାନୀ, ଅବ୍ରହ୍ମବିତ୍ ରହେ ନାହିଁ। ବିଚାର ଦ୍ୱାରା ମନୁଷ୍ୟର ମନୁଷ୍ୟତା ବଢ଼େ। ଅତଃ କୁହାଯାଇଛି କି

'ଉ'ର ସମ୍ପର୍କ ଉତ୍କର୍ଷ ସହ ରହିଛି । ଜାଗ୍ରତ ଓ ସୁଷୁପ୍ତିର ମଧ୍ୟବର୍ତ୍ତୀ ସ୍ଥିତିର ନାମ ସ୍ୱପ୍ନ । ବାହ୍ୟବ୍ୟାପାରଶୂନ୍ୟ ହୋଇଥିବାରୁ ଏହା ସୁଷୁପ୍ତି ସହ ସମ୍ବନ୍ଧ ରଖେ, ଆନ୍ତରିକ ମାନସିକ ବ୍ୟାପାର ବଜାୟ ରହିଥିବା କାରଣରୁ ଏହାର ଜାଗ୍ରତ ସହ ମଧ୍ୟ ସମ୍ପର୍କ ଅଛି । ଅତଃ କୁହାଯାଇଛି ଏହି 'ଉ'କୁ ଉଭୟରୁ ନିଆଯାଇଛି । ଜାଗ୍ରତ ବ୍ୟବହାରର ସଂସ୍କାରର ବିଚାର କରୁଥିବା ହେତୁ ସ୍ୱପ୍ନ ଜାଗ୍ରତ ଭଳି, ଏବଂ ବାହାର ସହିତ ବ୍ୟବହାରରୁ ବିରହିତ ହୋଇଥିବା କାରଣରୁ ସୁଷୁପ୍ତି ତୁଲ୍ୟ ।

ସ୍ୱପ୍ନର ସମ୍ବନ୍ଧ ମନ ସହ ରହିଛି । ମନକୁ ବେଦ (ଯଜୁଃ. ୩୪:୧)ରେ **'ଜ୍ୟୋତିଷାଂ ଜ୍ୟୋତିଃ'** ବୋଲି କୁହାଯାଇଛି । ଯଦି ଅନ୍ଧକାର ହୁଏ, ଚେତନାର ଅଭାବ ହୁଏ ତେବେ ସଂସାରର ବ୍ୟବହାର କିପରି ଚାଲିବ ? ଏଣୁ କୁହାଯାଇଛି କି ଯେତେବେଳେ ଈଶ୍ୱର ସୃଷ୍ଟି ପୂର୍ବରୁ ସୃଷ୍ଟିରଚନାର ଚିନ୍ତନ କରନ୍ତି, ସେତେବେଳେ ସେ ତୈଜସ ସ୍ୱରୂପରେ ଥାଆନ୍ତି । ବେଦ (ଋକ୍. ୧୦:୧୨୧:୧)ରେ ଏହି କଥା କୁହାଯାଇଛି **— 'ହିରଣ୍ୟଗର୍ଭଃ ସମବର୍ତ୍ତତାଗ୍ରେ'—** ସମଗ୍ର ଜ୍ୟୋତିଃ ତାଙ୍କ ଗର୍ଭ ଭିତରେ ଅପ୍ରକଟ ରୂପେ ବିଦ୍ୟମାନ ଥାଏ ।

**'ମା ମାନେ'** ବା **'ମିଞ୍ ପ୍ରକ୍ଷେପଣେ'** ଧାତୁରୁ 'ମ' ନିଷ୍ପନ୍ନ ବୋଲି କୁହାଯାଇଛି । **'ମା ମାନେ'**ର ଅର୍ଥ ମାପିବା ଏବଂ **'ମିଞ୍ ପ୍ରକ୍ଷେପଣେ'**ର ଅର୍ଥ ଫିଙ୍ଗିବା, ସମାପ୍ତ କରିବା । 'ମ୍'ର ଭାବକୁ ବୁଝାଇବା ପାଇଁ 'ଅପୀତି' କୁହାଯାଇଛି । 'ଅପୀତି'ର ଅର୍ଥ ହେଲା ଲୟ, ପ୍ରଳୟ, ବିନାଶ । 'ମ୍' ଉଚ୍ଚାରଣ କରିବା ସମୟରେ ଉଭୟ ଓଷ୍ଠର ମିଶିବା କ୍ରିୟା ସମାପ୍ତିର ପରିଚାୟକ । ପ୍ରଳୟ ପରେ ପୁଣି ସୃଷ୍ଟି ହୁଏ, ଅତଃ ପ୍ରଳୟ କରିବା ସମୟରେ କାର୍ଯ୍ୟର ବିଘଟନ ଏଭଳି କରିବା ଉଚିତ କି ତାହା କାରଣ ରୂପରେ ପରିବର୍ତ୍ତିତ ହୋଇଯିବ । ଯଦ୍ୱାରା ପୁନଃ କାର୍ଯ୍ୟରୂପରେ ପରିଣତ କରାଯାଇପାରିବ । ପରମାତ୍ମା ଜଗତର ପ୍ରଳୟ ଏପରି ଭାବେ କରନ୍ତି । ତେଣୁ ତାଙ୍କୁ ପ୍ରାଜ୍ଞ କୁହାଯାଏ ।

ଯିଏ ତୃତୀୟ ମାତ୍ରା ଦ୍ୱାରା ପରମାତ୍ମାଙ୍କ ଧ୍ୟାନ କରେ ସିଏ ନିଜର ସମସ୍ତ ବାସନା, ଯାଦ୍ୱାରାକି ତା'ର ସଂସାର - ଜନ୍ମ-ମରଣ ପ୍ରବାହ ଚାଲିଛି, ତାହା ସମାପ୍ତ କରିଦିଏ ।

ମାଣ୍ଡୂକ୍ୟ ଉପନିଷଦର ଋଷିଙ୍କର ଏହା ସଂକ୍ଷିପ୍ତ ଆଶୟ ।

କେତେକ ବିଚାରକ 'ଅ'ରେ ସୃଷ୍ଟିକର୍ତ୍ତୃତ୍ୱ, 'ଉ'ରେ ସୃଷ୍ଟିଧର୍ତୃତ୍ୱ ତଥା 'ମ'ରେ ସୃଷ୍ଟିହର୍ତ୍ତୃତ୍ୱ ଭାବ ସ୍ୱୀକାର କରନ୍ତି । 'ଅ'ର ଅକ୍ଷରର ଆରମ୍ଭ ହେଉଥିବାରୁ ତାହା କର୍ତ୍ତାର ବୋଧ କରାଇଥାଏ, 'ଉ' ଉଚ୍ଚାରଣ କରିବା ସମୟରେ ମୁଖ ଆଗକୁ ପ୍ରସାରିତ ହୋଇଯାଏ । ଅତଃ ଏହା ବିଧାତାଙ୍କ ବୋଧକ । 'ମ'ରେ ମୁଖ ବନ୍ଦ ହୋଇଯାଉଥିବାରୁ ଏହା ଦ୍ୱାରା ସୃଷ୍ଟି ସଂହାରର ସୂଚନା ମିଳେ । ଅର୍ଥାତ୍ **'ଓ୩ମ୍'**ର ଏ ତିନି ମାତ୍ରା ଈଶ୍ୱରଙ୍କ ସୃଷ୍ଟିକର୍ତ୍ତା, ସୃଷ୍ଟିଧର୍ତ୍ତା ଓ ସୃଷ୍ଟିସଂହର୍ତ୍ତା ରୂପର ପରିଚୟ ଦିଏ ।

ସତ୍ୟାର୍ଥପ୍ରକାଶର ପ୍ରଥମ ସମୁଲ୍ଲାସରେ ମହର୍ଷି ଦୟାନନ୍ଦ 'ଓ୩ମ୍'ର ଏହି 'ଅ', 'ଉ' ଓ 'ମ' ତିନି ଅକ୍ଷରର ତାତ୍ପର୍ଯ୍ୟ ବିଶଦ୍ ରୂପେ ବୁଝାଇଛନ୍ତି—

**'ଅ' କାରରେ ଗୃହୀତ ନାମର ଅର୍ଥ—**

**ବିରାଟ୍ — 'ବି'** ଉପସର୍ଗ ପୂର୍ବକ **'ରାଜୃ ଦୀପ୍ତୌ'** ଧାତୁରେ **'କ୍ୱିପ୍'** ପ୍ରତ୍ୟୟ ଯୋଗରେ **'ବିରାଟ୍'** ଶବ୍ଦ ଉତ୍ପନ୍ନ ହୁଏ । **'ଯୋ ବିବିଧଂ ନାମ ଚରାଽଚରଂ ଜଗଦ୍-ରାଜୟତି ପ୍ରକାଶୟତି ସ ବିରାଟ୍' —** ବିବିଧ ଅର୍ଥାତ୍ ବହୁ ପ୍ରକାର ଚରାଚର ଜଗତର ପ୍ରକାଶକ ହୋଇଥିବାରୁ ପରମେଶ୍ୱରଙ୍କ ନାମ **'ବିରାଟ୍'** ।

**ଅଗ୍ନି — 'ଅଞ୍ଚୁ ଗତିପୂଜନୟୋଃ'** ତଥା **'ଅଗ', 'ଅଗି', 'ଇଣ୍'** ଗତ୍ୟର୍ଥକ ଧାତୁ ଅଟନ୍ତି । ଏସବୁ ଧାତୁରୁ **'ଅଗ୍ନି'** ଶବ୍ଦ ଉତ୍ପନ୍ନ ହୁଏ । **'ଗତେସ୍ତ୍ରୟୋଽର୍ଥାଃ - ଜ୍ଞାନଂ ଗମନଂ ପ୍ରାପ୍ତିଶ୍ଚେତି । ପୂଜନଂ ନାମ ସତ୍କାରଃ'** । ଗତିର ତିନୋଟି ଅର୍ଥ - ଜ୍ଞାନ, ଗମନ ଓ ପ୍ରାପ୍ତି । ପୂଜନର ଅର୍ଥ ସତ୍କାର । ଅତଃ **'ଯୋଽଞ୍ଚତି, ଅଚ୍ୟତେଽଗତି-ଅଙ୍ଗତ୍ୟେତି ବା ସୋଽୟମଗ୍ନିଃ'—** ଯିଏ ଜ୍ଞାନସ୍ୱରୂପ, ସର୍ବଜ୍ଞ ତଥା ଜାଣିବା, ପ୍ରାପ୍ତ କରିବା ଓ ପୂଜା କରିବା ଯୋଗ୍ୟ, ସେ ହିଁ ଅଗ୍ନି । ଏସବୁ ଲକ୍ଷଣରେ ସମ୍ପନ୍ନ ହୋଇଥିବାରୁ ପରମେଶ୍ୱରଙ୍କ ନାମ **'ଅଗ୍ନି'** ।

**ବିଶ୍ୱ — 'ବିଶ ପ୍ରବେଶନେ'** ଧାତୁରୁ **'ବିଶ୍ୱ'**

ଶବ୍ଦ ନିଷ୍ପନ୍ନ । **'ବିଶନ୍ତି ପ୍ରବିଷ୍ଟାନି ସନ୍ତି ସର୍ବାଣି-ଆକାଶାଦୀନି ଭୂତାନି ଯସ୍ମିନ୍, ଯୋ ବାଽଽକାଶାଦିଷୁ ସର୍ବେଷୁ ଭୂତେଷୁ ପ୍ରବିଷ୍ଟଃ ସ ବିଶ୍ୱ ଈଶ୍ୱରଃ' —** ଆକାଶାଦି ସମସ୍ତ ଭୂତ ଯାହାଙ୍କଠାରେ ପ୍ରବେଶ କରିଅଛନ୍ତି, ଅଥବା ଯିଏ ବ୍ୟାପକ ହୋଇଥିବା ହେତୁ ଏସବୁରେ ପ୍ରବିଷ୍ଟ ହୋଇ ରହିଛନ୍ତି, ସେହି ପରମେଶ୍ୱରଙ୍କ ନାମ **'ବିଶ୍ୱ'** ।

**'ଉ' କାରରେ ଗୃହୀତ ନାମର ଅର୍ଥ —**

**ହିରଣ୍ୟଗର୍ଭ — 'ଜ୍ୟୋତିର୍ବୈ ହିରଣ୍ୟମ୍, ତେଜୋ ବୈ ହିରଣ୍ୟମ୍'—** ଇତ୍ୟୈତରେୟଶତପଥବ୍ରାହ୍ମଣେ । **'ହିରଣ୍ୟାନି ସୂର୍ଯ୍ୟାଦୀନି ତେଜାଂସି ଗର୍ଭେ ଯସ୍ୟ ସ ହିରଣ୍ୟଗର୍ଭଃ'** ଅଥବା **'ଯୋ ହିରଣ୍ୟାନାଂ ସୂର୍ଯ୍ୟାଦୀନାଂ ତେଜସାଂ ଗର୍ଭ ଉତ୍ପତ୍ତିନିମିତ୍ତମଧିକରଣଂ ସ ହିରଣ୍ୟଗର୍ଭଃ' —** ସୂର୍ଯ୍ୟାଦି ତେଜୋମୟ ଲୋକ ଯାହାଙ୍କଠାରେ ଉତ୍ପନ୍ନ ହୋଇ, ଯାହାଙ୍କ ଆଧାରରେ ରହନ୍ତି ଅଥବା ଯିଏ ସୂର୍ଯ୍ୟାଦି ତେଜଃସ୍ୱରୂପ ପଦାର୍ଥମାନଙ୍କର ଗର୍ଭ ଅର୍ଥାତ୍ ଉତ୍ପତ୍ତି ଓ ନିବାସ ସ୍ଥାନ, ସେହି ପରମେଶ୍ୱରଙ୍କ ନାମ **'ହିରଣ୍ୟଗର୍ଭ'** । ଏ ସମ୍ବନ୍ଧରେ ଯଜୁର୍ବେଦର ମନ୍ତ୍ର ପ୍ରମାଣ ଅଛି —

**ହିରଣ୍ୟଗର୍ଭଃ ସମବର୍ତ୍ତତାଗ୍ରେ ଭୂତସ୍ୟ ଜାତଃ ପତିରେକ ଆସୀତ୍ ।**

**ସ ଦାଧାର ପୃଥିବୀଂ ଦ୍ୟାମୁତେମାଂ କସ୍ମୈ ଦେବାୟ ହବିଷା ବିଧେମ ॥** (ଯଜୁଃ. ୧୩:୪)

ଏପରି ସ୍ଥଳରେ **'ହିରଣ୍ୟଗର୍ଭ'** ଶବ୍ଦରେ ପରମେଶ୍ୱରଙ୍କୁ ଗ୍ରହଣ କରାଯାଏ ।

**ବାୟୁ — 'ବା ଗତିଗନ୍ଧନୟୋଃ'** ଧାତୁରୁ **'ବାୟୁ'** ଶବ୍ଦର ଉତ୍ପତ୍ତି । **ଗନ୍ଧନଂ ହିଂସନମ୍ । 'ଯୋ ବାତି ଚରାଽଚରଂ ଜଗଦ୍ଧରତି ଜୀବୟତି ପ୍ରଲୟତି ବା ବଲିନାଂ ବଲିଷ୍ଠଃ ସ ବାୟୁଃ' —** ଯିଏ ଚରାଚର ଜଗତକୁ ଧାରଣ, ପାଳନ ଓ ପ୍ରଳୟ କରନ୍ତି ଏବଂ ସମସ୍ତ ବଳବାନଙ୍କଠାରୁ ବଳବାନ୍, ସେହି ଈଶ୍ୱରଙ୍କ ନାମ **'ବାୟୁ'** ।

**ତୈଜସ — 'ତିଜ ନିଶାନେ'** ଧାତୁରୁ **'ତେଜଃ'** ଏବଂ ତହିଁରେ ତଦ୍ଧିତ ପ୍ରତ୍ୟୟ କଲେ **'ତୈଜସ'** ଶବ୍ଦ ଉତ୍ପନ୍ନ ହୁଏ । ଯେହେତୁ ଈଶ୍ୱର ସ୍ୱୟଂପ୍ରକାଶ ଓ ସୂର୍ଯ୍ୟାଦି ତେଜସ୍ୱୀ ଲୋକର ପ୍ରକାଶକ, ଏଣୁ ଈଶ୍ୱରଙ୍କ ନାମ **'ତୈଜସ'** ।

**'ମ'କାରରେ ଗୃହୀତ ନାମର ଅର୍ଥ—**

**ଈଶ୍ୱର — 'ଈଶ ଐଶ୍ୱର୍ଯ୍ୟେ'** ଧାତୁରୁ **'ଈଶ୍ୱର'** ଶବ୍ଦ ସିଦ୍ଧ ହୁଏ । **'ଯ ଈଷ୍ଟେ ସର୍ବୈଶ୍ୱର୍ଯ୍ୟବାନ୍ ବର୍ତ୍ତତେ ସ ଈଶ୍ୱରଃ' —** ଯାହାଙ୍କର ସତ୍ୟ ବିଚାର-ଶୀଳ-ଜ୍ଞାନ ଓ ଅନନ୍ତ ଐଶ୍ୱର୍ଯ୍ୟ ଅଛି, ଏଣୁ ସେହି ପରମାତ୍ମାଙ୍କ ନାମ **'ଈଶ୍ୱର'** ।

**ଆଦିତ୍ୟ —'ଦୋ ଅବଖଣ୍ଡନେ'** ଧାତୁରୁ **'ଅଦିତି'** ଏବଂ ଏଥିରେ ତଦ୍ଧିତ ପ୍ରତ୍ୟୟ ଯୋଗରେ **'ଆଦିତ୍ୟ'** ଶବ୍ଦ ନିଷ୍ପନ୍ନ । **'ଅବଖଣ୍ଡନଂ ନାମ ବିନାଶଃ' । 'ନ ବିଦ୍ୟତେ ବିନାଶୋ ଯସ୍ୟ ସୋଽୟମଦିତିଃ, ଅଦିତିରେବ ଆଦିତ୍ୟଃ'—** ଯାହାଙ୍କର କେବେ ବିନାଶ ନାହିଁ, ତାହାକୁ ଅଦିତି କୁହାଯାଏ । ଅଦିତି ହିଁ ଆଦିତ୍ୟ । ଅତଃ ବିନାଶ ରହିତ ସେହି ଈଶ୍ୱରଙ୍କ ନାମ **'ଆଦିତ୍ୟ'** ।

**ପ୍ରାଜ୍ଞ — 'ପ୍ର'** ଉପସର୍ଗ ପୂର୍ବକ **'ଜ୍ଞା ଅବବୋଧନେ'** ଧାତୁରୁ **'ପ୍ରଜ୍ଞ'** ଏବଂ ଏଥିରେ ତଦ୍ଧିତ ପ୍ରତ୍ୟୟ କଲେ **'ପ୍ରାଜ୍ଞ'** ଶବ୍ଦ ସିଦ୍ଧ ହୁଏ । **'ଯଃ ପ୍ରକୃଷ୍ଟତୟା ଚରାଽଚରସ୍ୟ ଜଗତୋ ବ୍ୟବହାରଂ ଜାନାତି ସ ପ୍ରଜ୍ଞଃ, ପ୍ରଜ୍ଞ ଏବ ପ୍ରାଜ୍ଞଃ' —** ଯିଏ ଅଭ୍ରାନ୍ତ ଜ୍ଞାନଯୁକ୍ତ, ସକଳ ଚରାଚର ଜଗତର ବ୍ୟବହାରକୁ ଯଥାଯଥ ଭାବେ ଜାଣନ୍ତି, ସେହି ଈଶ୍ୱର ପ୍ରଜ୍ଞ ଅଟନ୍ତି । ପ୍ରଜ୍ଞଙ୍କୁ ହିଁ ପ୍ରାଜ୍ଞ କୁହାଯାଏ । ସେହି ଈଶ୍ୱରଙ୍କ ନାମ **'ପ୍ରାଜ୍ଞ'** ।

**ଅବଶିଷ୍ଟାଂଶ ପରସଂଖ୍ୟାରେ...**

ଉପସ୍ଥାପନା

**କୃଷ୍ଣାକୁମାରୀ**

❖❖❖

# ସ୍ୱସ୍ତିବାଚନ

ପୂର୍ବାନୁକ୍ରମିକ ...

ସ୍ୱାମୀ ସୁଧାନନ୍ଦ ସରସ୍ୱତୀ

**ଓ୩ମ୍ ସ୍ୱସ୍ତିରିଦ୍ଧି ପ୍ରପଥେ ଶ୍ରେଷ୍ଠା ରେକ୍ଣସ୍ୱତ୍ୟଭି ୟା ବାମମେତି । ସା ନୋ ଅମା ସୋ ଅରଣେ ନି ପାତୁ ସ୍ୱାବେଶା ଭବତୁ ଦେବଗୋପା ॥ ୨୨ ॥**

(ଋକ୍. ୧୦:୬୩:୩-୧୬)

**ପଦାର୍ଥ —** **(ୟା)** ଯେଉଁ **(ଶ୍ରେଷ୍ଠା)** ଉତ୍ତମ ଗୁଣଯୁକ୍ତା **(ରେକ୍ଣବତୀ)** ଧନ-ଧାନ୍ୟ ଯୁକ୍ତା **(ସ୍ୱସ୍ତିଃ)** ସମୃଦ୍ଧି **(ଇତ୍ ହି)** ନିଶ୍ଚୟ ରୂପେ **(ପ୍ରପଥେ)** ଉତ୍ତମ ମାର୍ଗ, ବେଦମାର୍ଗରେ **(ବାମମ୍ ଅଭି ଏତି)** ଯଜ୍ଞକୁ ପ୍ରାପ୍ତ କରାଏ, ଲାଭ ପାଇଁ ଆମକୁ ପ୍ରାପ୍ତ ହୁଏ **(ସା)** ସେ **(ନଃ)** ଆମକୁ **(ଅମା)** ଗୃହରେ, **(ସା ଉ)** ସେ ହିଁ **(ଅରଣେ)** ଦୁର୍ଗମ ଓ କଷ୍ଟଯୁକ୍ତ ସ୍ଥାନରେ, ବନାଦିରେ **(ନିପାତୁ)** ରକ୍ଷା କରୁ । **(ଦେବ ଗୋପା)** ବିଦ୍ୱାନଙ୍କ ଦ୍ୱାରା ସୁରକ୍ଷିତ ସେହି ସମୃଦ୍ଧି **(ସ୍ୱାବେଶା)** ଆମ ପାଇଁ ସୁନ୍ଦର ନିବାସଯୋଗ୍ୟ ସ୍ଥାନ ଦାୟକ **(ଭବତୁ)** ହେଉ ।

**ଭାବାର୍ଥ —** ହେ ପ୍ରଭୋ ! ଧନ-ଧାନ୍ୟ ଯୁକ୍ତା ସମୃଦ୍ଧି ଉତ୍ତମ ଗୁଣରେ ସଂଯୁକ୍ତା ହେଉ; ଆମ ସମୃଦ୍ଧି ଉତ୍ତମ ମାର୍ଗ, ବେଦମାର୍ଗରେ ଯଜ୍ଞକୁ ପ୍ରାପ୍ତ କରାଉ, ବେଦପଥରେ ହିଁ ଉନ୍ନତି ପାଇଁ ପ୍ରେରଣା ଦେଉ । ଅର୍ଥାତ୍ ଆମେ ଧନ-ଧାନ୍ୟଯୁକ୍ତ ହୋଇ ଆତ୍ମକଲ୍ୟାଣକର କାର୍ଯ୍ୟ ତ କରୁ, କିନ୍ତୁ ଆତ୍ମାର ଅବନତି ହେବା ଭଳି ମାର୍ଗରେ କଦାପି ଅଗ୍ରସର ନ ହେଉ ।

**ଓ୩ମ୍ ଇଷେ ତ୍ୱୋର୍ଜେ ତ୍ୱା ବାୟବ ସ୍ଥ ଦେବୋ ବଃ ସବିତା ପ୍ରାର୍ପୟତୁ ଶ୍ରେଷ୍ଠତମାୟ କର୍ମଣଂ ଆପ୍ୟାୟଧ୍ୱମଘ୍ନ୍ୟାଂ ଇନ୍ଦ୍ରାୟ ଭାଗଂ ପ୍ରଜାବତୀରନମୀବାଂ ଅୟକ୍ଷ୍ମା ମା ବ ସ୍ତେନଂ ଈଶତ ମାଘଶଂସୋ ଧ୍ରୁବାଂ ଅସ୍ମିନ୍ ଗୋପତୌ ସ୍ୟାତ ବହ୍ୱୀର୍ୟଜମାନସ୍ୟ ପଶୂନ୍ ପାହି ॥ ୨୩ ॥**

(ଯଜୁଃ. ୧:୧)

**ପଦାର୍ଥ —** ହେ ସର୍ବରକ୍ଷକ ପ୍ରଭୋ ! **(ବାୟବଃ)** ସମସ୍ତ ଗତିଶୀଳ, ଜୀବନ-ପଥରେ ଅଗ୍ରସର ପ୍ରାଣୀ **(ଇଷେ)** ଅନ୍ନ ଆଦି ଉତ୍ତମୋତ୍ତମ ଭୋଗ୍ୟପଦାର୍ଥର ପ୍ରାପ୍ତି ପାଇଁ **(ତ୍ୱା)** ଆପଣଙ୍କୁ **(ଊର୍ଜେ)** ବଳ-ପରାକ୍ରମ ପାଇଁ **(ତ୍ୱା)** ଆପଣଙ୍କୁ **(ସ୍ଥ)** ଆଶ୍ରୟ, ଆଧାର କରି ସ୍ଥିତ ଅଛନ୍ତି । **(ସବିତା)** ସକଳଜଗଦୁତ୍ପାଦକ, ସର୍ବୈଶ୍ୱର୍ଯ୍ୟବାନ୍, ସଦା ଶୁଭ କର୍ମରେ ପ୍ରେରକ, **(ଦେବଃ)** ସର୍ବସୁଖଦାୟକ **(ବଃ)** ତୁମ-ଆମ ସମସ୍ତଙ୍କୁ **(ଶ୍ରେଷ୍ଠତମାୟ)** ଅତ୍ୟୁତ୍ତମ **(କର୍ମଣେ)** କର୍ମ ନିମନ୍ତେ **(ପ୍ରାର୍ପୟତୁ)** ଉତ୍ତମ ରୂପେ ସଂଯୁକ୍ତ କରନ୍ତୁ, ଆଗକୁ ବଢ଼ାନ୍ତୁ; ତୁମ-ଆମ ସମସ୍ତଙ୍କ ଭିତରେ ଅତ୍ୟୁତ୍ତମ କର୍ମ ନିମନ୍ତେ ଅଗ୍ରସର ହେବା ପାଇଁ ପ୍ରେରଣା-ଉତ୍ସାହ ଉତ୍ପନ୍ନ କରନ୍ତୁ । ଆମ ଗୃହରେ **(ଅନମୀବାଃ)** ଛୋଟ-ଛୋଟ ରୋଗରୁ ରହିତ, **(ଅୟକ୍ଷ୍ମାଃ)** ଯକ୍ଷ୍ମାଦି ଭୟଙ୍କର ରୋଗରୁ ରହିତ **(ପ୍ରଜାବତୀଃ)** ସ୍ୱସ୍ଥ-ଉତ୍ତମ ପ୍ରଜା ଅର୍ଥାତ୍ ବତ୍ସା ସମ୍ପନ୍ନା **(ଅଘ୍ନ୍ୟାଃ)** ଅହିଂସନୀୟା ଗୋବଂଶ **(ଇନ୍ଦ୍ରାୟ)** ରାଷ୍ଟ୍ରର ଉନ୍ନତି ନିମନ୍ତେ **(ଭାଗମ୍)** ଭଜନୀୟ, ସେବନୀୟ ଦୁଧରେ **(ଆପ୍ୟାୟଧ୍ୱମ୍)** ପରିପୂର୍ଣ୍ଣ ହୋଇ ରହନ୍ତୁ । **(ବଃ)** ଆପଣଙ୍କ କୃପାରେ ଆମ ଉପରେ **(ସ୍ତେନଃ ମା ଈଶତ)** କୌଣସି ଚୋର-ଡକାଏତ ସ୍ୱାମୀତ୍ୱ-ଶାସନ ନ କରୁ, **(ଅଘଶଂସଃ ମା)** କୌଣସି ପାପାଚାରୀ-ଦୁରାଚାରୀ ବ୍ୟକ୍ତି ସ୍ୱାମୀତ୍ୱ-ଶାସନ ନ କରୁ । **(ଅସ୍ମିନ୍ ଗୋପତୌ)** ଏହି ଗୋପାଳକ, ଗୋରକ୍ଷକ, ଗୋସ୍ୱାମୀ ଠାରେ (ମୋ ଠାରେ) **(ଧ୍ରୁବା ବହ୍ୱୀଃ ସ୍ୟାତ)** ସ୍ଥିର ରୂପେ ବହୁସଂଖ୍ୟାରେ ଗବାଦି

ପଶୁ ରହନ୍ତୁ । ହେ ପ୍ରଭୋ ! ଆପଣ **(ଯଜମାନସ୍ୟ)** ଯଜମାନ ଅର୍ଥାତ୍ ଶୁଭ କର୍ମ କରୁଥିବା ବ୍ୟକ୍ତିଙ୍କ **(ପଶୂନ୍)** ପଶୁ-ଧନ-ସମ୍ପଦକୁ **(ପାହି)** ରକ୍ଷାକରନ୍ତୁ ।

**ଭାବାର୍ଥ —** ହେ ସର୍ବରକ୍ଷକ ଓ ସର୍ବବ୍ୟାପକ ପରମେଶ୍ୱର ! ସମସ୍ତ ଗତିଶୀଳ, ଜୀବନ-ପଥରେ ଅଗ୍ରସର ପ୍ରାଣୀ ଅନ୍ନ ଆଦି ଉତ୍ତମୋତ୍ତମ ଭୋଗ୍ୟପଦାର୍ଥର ପ୍ରାପ୍ତି ତଥା ବଳ-ପରାକ୍ରମ, ଜୀବନୀଶକ୍ତି ପାଇଁ ଆପଣଙ୍କୁ ଆଶ୍ରୟ, ଆଧାର କରି ସ୍ଥିତ ଅଛନ୍ତି; ଆପଣଙ୍କଠାରୁ ହିଁ ଏସବୁର ପ୍ରାର୍ଥନା-ଯାଚନା କରନ୍ତି । ଆପଣ ସକଳଜଗଦୁତ୍ପାଦକ, ସର୍ବୈଶ୍ୱର୍ଯ୍ୟବାନ୍, ସଦା ଶୁଭ କର୍ମରେ ପ୍ରେରକ, ସର୍ବସୁଖପ୍ରଦାୟକ ଅଟନ୍ତି । ଅତଃ ଆପଣ ଅତ୍ୟୁତ୍ତମ କର୍ମ ସହ ଆମକୁ ସଂଯୁକ୍ତ କରନ୍ତୁ, ଶ୍ରେଷ୍ଠତମ କର୍ମ କରିବା ପାଇଁ ନିରନ୍ତର ପ୍ରେରିତ କରନ୍ତୁ, ଏଥିପାଇଁ ଆମ ହୃଦୟରେ ଉତ୍ସାହ ଉତ୍ପନ୍ନ କରନ୍ତୁ ତଥା ସମସ୍ତ ଆବଶ୍ୟକ ସାଧନ ସୁଲଭ କରାନ୍ତୁ । ଆମେ ସଦା ପ୍ରଗତିଶୀଳ ଓ ଉନ୍ନତି ପଥରେ ଅଗ୍ରସର ହେଉ । ଆମର ଦୁଗ୍ଧବତୀ ଗୋବଂଶ ହୃଷ୍ଟ-ପୁଷ୍ଟ ହୁଅନ୍ତୁ ଏବଂ ରାଷ୍ଟ୍ରକୁ ଦୁଗ୍ଧ-ଘୃତାଦି ସମସ୍ତ ସେବନୀୟ ପଦାର୍ଥରେ ସମୁନ୍ନତ କରନ୍ତୁ । ଆମ ଗୋସମ୍ପଦ ଉତ୍ତମ ପ୍ରଜା ଅର୍ଥାତ୍ ବତ୍ସ-ବତ୍ସା ପ୍ରସବିନୀ ହୁଅନ୍ତୁ, ସାମାନ୍ୟ ଓ ଗୁରୁତର ରୋଗରୁ ରହିତ ରହନ୍ତୁ । ହେ ପ୍ରଭୋ ! ଆପଣଙ୍କ କୃପାରେ ଆମ ଉପରେ କୌଣସି ଚୋର-ଡକାଏତ, ପାପାଚାରୀ-ଦୁରାଚାରୀ ବ୍ୟକ୍ତି ସ୍ୱାମୀତ୍ୱ-ଶାସନ ନ କରୁ, ଆମେ କଦାପି ଏଭଳି ବ୍ୟକ୍ତିଙ୍କ ଅଧୀନ ନ ହେଉ, ଆମ ଉପରେ ଏଭଳି ବ୍ୟକ୍ତିଙ୍କ ଶାସନ ହେବା ପାଇଁ କଦାପି ସାହାଯ୍ୟ, ସହଯୋଗ, ପରିବେଶ ଉତ୍ପନ୍ନ ନ କରୁ । ଗୋଜାତିର ପାଳକ, ରକ୍ଷକ, ସ୍ୱାମୀଙ୍କ ଆଶ୍ରୟରେ ଗୋବଂଶ ସ୍ଥିରତା ପୂର୍ବକ ରହନ୍ତୁ ଏବଂ ବହୁ ସଂଖ୍ୟାରେ ବୃଦ୍ଧିପ୍ରାପ୍ତ ହୁଅନ୍ତୁ । ହେ ପ୍ରଭୋ ! ଆପଣ ଯଜମାନ ଅର୍ଥାତ୍ ଯଜ୍ଞ କର୍ମ କରୁଥିବା, ଶ୍ରେଷ୍ଠ କର୍ମ କରୁଥିବା ବ୍ୟକ୍ତିଙ୍କ ପଶୁ-ଧନ-ସମ୍ପଦ ଆଦିକୁ ରକ୍ଷା କରନ୍ତୁ ।

**ଓ୩ମ୍ ଆ ନୋ ଭଦ୍ରାଃ କ୍ରତବୋ ୟନ୍ତୁ ବିଶ୍ୱତୋଽଦବ୍ଧାସୋଽଅପରୀତାସ ଉଦ୍ଭିଦଃ । ଦେବା ନୋ ୟଥା ସଦମିଦ୍ବୃଧେଽଅସନ୍ନପ୍ରାୟୁବୋ ରକ୍ଷିତାରୋ ଦିବେଦିବେ ॥ ୨୪ ॥**

**ପଦାର୍ଥ —** ହେ ପରମେଶ୍ୱର ! **(ନଃ)** ଆମକୁ **(ବିଶ୍ୱତଃ)** ସବୁ ଦିଗରୁ **(ଅଦବ୍ଧାସଃ)** ଛଳ-କପଟ-ଦମ୍ଭ-ହିଂସା ଆଦିରୁ ରହିତ, ଅନାକ୍ଷେପଣୀୟ, ଅନିନ୍ଦିତ, ତ୍ରୁଟିରହିତ, **(ଅପରୀତାସଃ)** ବିପରୀତ ପରିଣାମ ଅନୁତ୍ପାଦକ, **(ଉଦ୍ଭିଦଃ)** ଦୁଃଖବିନାଶକ, ଉତ୍ତମ ସଂସ୍କାର ଓ କର୍ମ ଉତ୍ପାଦକ, ଅନ୍ତରରୁ ପ୍ରତିଭା ରୂପେ ସ୍ଫୁରିତ **(ଭଦ୍ରାଃ)** କଲ୍ୟାଣକାରୀ **(କ୍ରତବଃ)** କର୍ମ ଓ ବିଚାର-ସଂକଳ୍ପ-ପ୍ରଜ୍ଞା **(ଆ)** ଉତ୍ତମ ରୂପେ **(ୟନ୍ତୁ)** ପ୍ରାପ୍ତ ହେଉ । **(ୟଥା)** ଯେପରିକି **(ଦେବାଃ)** ଦିବ୍ୟ ଗୁଣ-କର୍ମ-ସ୍ୱଭାବ ସମ୍ପନ୍ନ ବିଦ୍ୱାନ୍‌ଗଣ **(ଦିବେ-ଦିବେ)** ପ୍ରତିଦିନ **(ସଦମ୍ ଇତ୍)** ସଦା-ସର୍ବଦା, ପ୍ରତିକ୍ଷଣ **(ଅପ୍ରାୟୁବଃ)** ଅପ୍ରମାଦୀ, ସାବଧାନ ହୋଇ **(ନଃ)** ଆମ **(ବୃଧେ)** ଉନ୍ନତି-ସମୃଦ୍ଧିରେ ସହାୟକ ଏବଂ **(ରକ୍ଷିତାରଃ)** ରକ୍ଷକ, ପାଳକ **(ଆସନ୍)** ହୁଅନ୍ତୁ ।

**ଭାବାର୍ଥ —** ହେ ପ୍ରଭୋ ! ଆମକୁ ଛଳ-କପଟ-ଦମ୍ଭ-ହିଂସା ଆଦିରୁ ରହିତ, ତ୍ରୁଟିରହିତ, କଲ୍ୟାଣକାରୀ କର୍ମ ଓ ବିଚାର-ସଂକଳ୍ପ ପ୍ରଜ୍ଞା ସବୁ ଦିଗରୁ ପ୍ରାପ୍ତ ହେଉ । ଆମ କର୍ମ ଏପରି ହେଉ ଯାହାକୁ କେହି ଆକ୍ଷେପ-ନିନ୍ଦା କରିପାରିବେ ନାହିଁ, ଯାହାର କି କୌଣସି ଓଲଟା ଫଳ ଫଳୁନଥିବ । ବିଦ୍ୱାନ୍‌ଗଣ ଯେପରି ସର୍ବଦା ଆମର ଉନ୍ନତି ନିମନ୍ତେ ଶୁଭକର୍ମରେ ସହାୟକ ହେବେ ସେଥିପାଇଁ ସେମାନେ ପ୍ରତିଦିନ ଅପ୍ରମାଦୀ, ସଦା ସାବଧାନ ଓ ରକ୍ଷକ ହୁଅନ୍ତୁ । ସେମାନେ ଏପରି ସହଯୋଗ ଓ ମାର୍ଗଦର୍ଶନ କରନ୍ତୁ ଯଦ୍ଦ୍ୱାରା କି ଆମର ଉନ୍ନତି, ସମୃଦ୍ଧି ଓ ରକ୍ଷା ହୋଇପାରିବ ।

**ଓ୩ମ୍ ଦେବାନାଂ ଭଦ୍ରା ସୁମତିର୍ରଜୂୟତାଂ ଦେବାନାଂ ରାତିରଭି ନୋ ନିବର୍ତ୍ତତାମ୍ । ଦେବାନାଂ ସଖ୍ୟମୁପସେଦିମା ବୟଂ ଦେବା ନଽ ଆୟୁଃ ପ୍ରତିରନ୍ତୁ ଜୀବସେ ॥ ୨୫ ॥**

**ପଦାର୍ଥ —** **(ରଜୂୟତାମ୍)** ସରଳ ସ୍ୱଭାବ ସମ୍ପନ୍ନ **(ଦେବାନାମ୍)** ବିଦ୍ୱାନ୍ ଜନଙ୍କ **(ଭଦ୍ରା)** କଲ୍ୟାଣକାରିଣୀ **(ସୁମତିଃ)** ଉତ୍ତମ ବୁଦ୍ଧି ଆମକୁ ପ୍ରାପ୍ତ ହେଉ । **(ଦେବାନାମ୍)** ଦାତାଙ୍କ **(ରାତିଃ)** ଦାନଶୀଳତା, ଉଦାରତା

**(ନଃ)** ଆମ **(ଅଭି)** ଆଡ଼କୁ **(ନିବର୍ତ୍ତତାମ୍)** ଚାଲି ଆସୁ । **(ଦେବାନାମ୍)** ବିଦ୍ୱାନଙ୍କ **(ସଖ୍ୟମ୍)** ମିତ୍ରତା **(ବୟମ୍)** ଆମେ **(ଉପସେଦିମ)** ପ୍ରାପ୍ତ କରୁଁ । **(ଦେବାଃ)** ବିଦ୍ୱାନ୍‌ଗଣ **(ନଃ)** ଆମ **(ଆୟୁଃ)** ଆୟୁକୁ **(ଜୀବସେ)** ଦୀର୍ଘଜୀବନ ନିମନ୍ତେ **(ପ୍ରତିରନ୍ତୁ)** ବୃଦ୍ଧି କରନ୍ତୁ ।

**ଭାବାର୍ଥ —** ହେ ପରମେଶ୍ୱର ! ଆପଣଙ୍କ କୃପାରେ ସରଳ-ନିଷ୍କପଟ ସ୍ୱଭାବ ସମ୍ପନ୍ନ ବିଦ୍ୱାନ୍‌ଜନଙ୍କ କଲ୍ୟାଣକାରିଣୀ ଉତ୍ତମ ବୁଦ୍ଧି ଆମକୁ ପ୍ରାପ୍ତ ହେଉ । ଦାତାଙ୍କ ଦାନଶୀଳତା, ଉଦାରତା ଆମକୁ ପ୍ରାପ୍ତ ହେଉ । ଏସବୁ ଗୁଣର ପ୍ରାପ୍ତି ସକାଶେ ଆମେ ଉତ୍ତମ ବିଦ୍ୱାନ୍, ଦାତାଙ୍କ ମିତ୍ରତା ପ୍ରାପ୍ତ କରୁଁ । ସେହି ବିଦ୍ୱାନ୍ ଉତ୍ତମ ରସାୟନ ଆଦିର ସେବନ କରାଇ, ଉତ୍ତମ ଉପାୟ, ଜ୍ଞାନ ଓ କର୍ମ ଦ୍ୱାରା ସୁସ୍ଥ ଓ ଦୀର୍ଘ ଜୀବନ ନିମିତ୍ତ ଆମ ଆୟୁ ବୃଦ୍ଧି କରନ୍ତୁ ।

**ଓ୩ମ୍ ତମୀଶାନଂ ଜଗତସ୍ତସ୍ଥୁଷସ୍ପତିଂ ଧିୟଞ୍ଜିନ୍ୱମବସେ ହୂମହେ ବୟମ୍ । ପୂଷା ନୋ ୟଥା ବେଦସାମସଦ୍‌ବୃଧେ ରକ୍ଷିତା ପାୟୁରଦବ୍‌ଧଃ ସ୍ୱସ୍ତୟେ ॥ ୨୬ ॥**

**ପଦାର୍ଥ —** **(ତମ୍)** ସେହି **(ଈଶାନମ୍)** ସକଳ ଜଗତର ନିୟନ୍ତକ- ଶାସକ, ସମସ୍ତ ଐଶ୍ୱର୍ଯ୍ୟର ସ୍ୱାମୀ, **(ଜଗତଃ)** ଜଙ୍ଗମ, ଚର ଓ **(ତସ୍ଥୁଷଃ)** ସ୍ଥାବର, ଅଚର ଜଗତର **(ପତିମ୍)** ପାଳକ, ରକ୍ଷକ, **(ଧିୟଞ୍ଜିନ୍ୱମ୍)** ବୁଦ୍ଧିକୁ ତୃପ୍ତ, ପ୍ରସନ୍ନ, ଶୁଦ୍ଧ, ବିକାସ, ପୂର୍ଣ୍ଣ କାରକ ପରମେଶ୍ୱରଙ୍କୁ **(ଅବସେ)** ରକ୍ଷା ନିମନ୍ତେ **(ବୟମ୍)** ଆମେ **(ହୂମହେ)** ସ୍ତୁତି-ପ୍ରାର୍ଥନା- ଉପାସନା କରୁ । **(ୟଥା)** ଯେପରିକି ସେହି **(ପୂଷା)** ପୋଷକ ପରମାତ୍ମା **(ନଃ)** ଆମର **(ବେଦସାମ୍)** ବିଦ୍ୟାଦି ସବୁ ପ୍ରକାର ଧନର **(ବୃଧେ)** ବୃଦ୍ଧି-ସମୃଦ୍ଧି ନିମନ୍ତେ **(ଅସତ୍)** ହୁଅନ୍ତୁ, ସେହିପରି **(ସ୍ୱସ୍ତୟେ)** କଲ୍ୟାଣ ନିମନ୍ତେ **(ରକ୍ଷିତା)** ରକ୍ଷକ, **(ପାୟୁଃ)** ପାଳକ ଓ **(ଅଦବ୍‌ଧଃ)** ହାନି-ହିଂସା ଆଦିରୁ ରହିତ, ସହାୟକ ହୁଅନ୍ତୁ; ଆମର ସମୃଦ୍ଧି ଓ କଲ୍ୟାଣ କରନ୍ତୁ ।

**ଭାବାର୍ଥ —** ସେହି ସକଳ ଜଗତର ନିୟନ୍ତକ-ଶାସକ, ସମସ୍ତ ଐଶ୍ୱର୍ଯ୍ୟର ସ୍ୱାମୀ ପରମେଶ୍ୱର ଚରାଚର, ସ୍ଥାବର-ଜଙ୍ଗମ ଜଗତର ପାଳକ, ରକ୍ଷକ ତଥା ଆମ ବୁଦ୍ଧିକୁ ତୃପ୍ତ, ପ୍ରସନ୍ନ, ଶୁଦ୍ଧ, ବିକାସ, ପୂର୍ଣ୍ଣ କାରକ, ସଦା ସନ୍‌ମାର୍ଗରେ ପ୍ରେରକ ଅଟନ୍ତି । ଅତଃ ଆମ ରକ୍ଷା ପାଇଁ ଆମେ ତାଙ୍କୁ ହିଁ ସ୍ତୁତି-ପ୍ରାର୍ଥନା-ଉପାସନା କରୁଛୁ । ସେହି ସକଳ ଜୀବଙ୍କ ପୋଷଣକର୍ତ୍ତା ପରମାତ୍ମା ଆମର ବିଦ୍ୟାଦି ସବୁ ପ୍ରକାର ଧନର ଉନ୍ନତି, ବୃଦ୍ଧି-ସମୃଦ୍ଧି କରନ୍ତୁ; ସେହି ରକ୍ଷକ, ପାଳକ, ବିଘ୍ନବିନାଶକ ପ୍ରଭୁ ଆମର କଲ୍ୟାଣ କରନ୍ତୁ ।

**ଓ୩ମ୍ ସ୍ୱସ୍ତି ନଂ ଇନ୍ଦ୍ରୋ ବୃଦ୍ଧଶ୍ରବାଃ ସ୍ୱସ୍ତି ନଃ ପୂଷା ବିଶ୍ୱବେଦାଃ । ସ୍ୱସ୍ତି ନସ୍ତାର୍କ୍ଷ୍ୟୋ ଅରିଷ୍ଟନେମିଃ ସ୍ୱସ୍ତି ନୋ ବୃହସ୍ପତିର୍ଦଧାତୁ ॥ ୨୭ ॥**

**ପଦାର୍ଥ —** **(ବୃଦ୍ଧଶ୍ରବାଃ)** ବୃଦ୍ଧିପ୍ରାପ୍ତ ଶ୍ରବ=ଖ୍ୟାତି ସମ୍ପନ୍ନ, ଅନନ୍ତ କୀର୍ତ୍ତିମାନ, **(ଇନ୍ଦ୍ରଃ)** ପରମ ଐଶ୍ୱର୍ଯ୍ୟବାନ୍ ପରମେଶ୍ୱର **(ନଃ)** ଆମର **(ସ୍ୱସ୍ତି)** କଲ୍ୟାଣ କରନ୍ତୁ । **(ପୂଷା)** ଜଗତର ପାଳକ-ପୋଷକ, **(ବିଶ୍ୱବେଦାଃ)** ମହାନ୍ ଜ୍ଞାନବାନ୍, ସର୍ବଜ୍ଞ ପରମାତ୍ମା **(ନଃ)** ଆମ ପାଇଁ କଲ୍ୟାଣକାରୀ ହୁଅନ୍ତୁ । **(ତାର୍କ୍ଷ୍ୟଃ)** ସର୍ବବ୍ୟାପକ, ସମସ୍ତଙ୍କ ପକ୍ଷେ ଜାଣିବାର ଯୋଗ୍ୟ, ଭବସାଗରରୁ ଉଦ୍ଧାରକ, **(ଅରିଷ୍ଟନେମିଃ)** ଦୁଃଖନିବାରକ ଓ ସୁଖପ୍ରାପକ ପରମାତ୍ମା **(ନଃ)** ଆମ ପାଇଁ **(ସ୍ୱସ୍ତି)** ସୁଖକର ହୁଅନ୍ତୁ । **(ବୃହସ୍ପତିଃ)** ଅଖିଳ ବ୍ରହ୍ମାଣ୍ଡର ସ୍ୱାମୀ, ନିଖିଳ ଜ୍ଞାନର ଅଧିପତି ପରମାତ୍ମା **(ନଃ)** ଆମ ପାଇଁ **(ସ୍ୱସ୍ତି)** କଲ୍ୟାଣ **(ଦଧାତୁ)** ଧାରଣ କରନ୍ତୁ ।

**ଭାବାର୍ଥ —** ସଂସାରରେ ବିଖ୍ୟାତ, ଅନନ୍ତ ଯଶସ୍ୱୀ, ପରମୈଶ୍ୱର୍ଯ୍ୟବାନ୍ ପରମାତ୍ମା ଆମର କଲ୍ୟାଣ କରନ୍ତୁ । ସାରା ସଂସାରର ପାଳକ-ପୋଷକ, ସକଳ ସମ୍ପଦର ସ୍ୱାମୀ, ସର୍ବଜ୍ଞ, ପରମାତ୍ମା ଆମ ପାଇଁ କଲ୍ୟାଣକାରୀ ହୁଅନ୍ତୁ । ସର୍ବବ୍ୟାପକ, ସମସ୍ତଙ୍କ ପକ୍ଷେ ଜ୍ଞେୟ, ଭବସାଗରରୁ ଉଦ୍ଧାରକ, ଦୁଃଖବିନାଶକ ଓ ସୁଖପ୍ରାପକ ପରମାତ୍ମା ଆମ ପାଇଁ ସୁଖକର ହୁଅନ୍ତୁ । ଅଖିଳ ବ୍ରହ୍ମାଣ୍ଡର ସ୍ୱାମୀ, ନିଖିଳ ଜ୍ଞାନର ଅଧିପତି ପରମାତ୍ମା ଆମ ପାଇଁ କଲ୍ୟାଣ ଧାରଣ କରନ୍ତୁ ।

**ଓ୩ମ୍ ଭଦ୍ରଂ କର୍ଣ୍ଣେଭିଃ ଶୃଣୁୟାମ ଦେବା**

**ଭଦ୍ରଂ ପଶ୍ୟେମାକ୍ଷଭିର୍ଯଜତ୍ରାଃ । ସ୍ଥିରୈରଙ୍ଗୈସ୍ତୁଷ୍ଟୁବାଂସସ୍ତନୂଭିର୍ବ୍ୟଶେମହି ଦେବହିତଂ ଯଦାୟୁଃ ॥ ୨୮ ॥** (ଯଜୁଃ. ୨୫:୧୪,୧୫,୧୮,୧୯,୨୧)

**ପଦାର୍ଥ —** **(ଦେବାଃ)** ହେ ଦିବ୍ୟଗୁଣଯୁକ୍ତ, **(ଯଜତ୍ରାଃ)** ସୃଷ୍ଟିଯଜ୍ଞର ବିଧାତା, ଯଜନୀୟ, ସତ୍‌କରଣୀୟ ପରମାତ୍ମନ୍! ଆପଣଙ୍କ କୃପାରେ ଆମେ **(କର୍ଣ୍ଣେଭିଃ)** କାନରେ **(ଭଦ୍ରମ୍)** କଲ୍ୟାଣକାରୀ କଥା **(ଶୃଣୁୟାମ)** ଶୁଣୁଁ, **(ଅକ୍ଷଭିଃ)** ଆଖିରେ **(ଭଦ୍ରମ୍)** କଲ୍ୟାଣକାରୀ ଦୃଶ୍ୟ **(ପଶ୍ୟେମ)** ଦେଖୁ । **(ତୁଷ୍ଟୁବାଂସଃ)** ଆପଣଙ୍କ ସ୍ତୁତି-ଉପାସନା କରିକରି ଆମେ **(ସ୍ଥିରୈଃ)** ସୁଦୃଢ଼ **(ଅଙ୍ଗୈଃ)** ଅଙ୍ଗ-ପ୍ରତ୍ୟଙ୍ଗ ଯୁକ୍ତ **(ତନୂଭିଃ)** ଶରୀର ଦ୍ୱାରା **(ଦେବହିତମ୍)**ଇନ୍ଦ୍ରିୟମାନଙ୍କ ପାଇଁ ହିତକର ଅର୍ଥାତ୍ ସ୍ୱାସ୍ଥ୍ୟ-ସାମର୍ଥ୍ୟଯୁକ୍ତ ଇନ୍ଦ୍ରିୟ ସହ, ପରମାତ୍ମା ଦେବଙ୍କ ଦ୍ୱାରା ଆମ କର୍ମାନୁସାରେ ନିୟତ **(ଯତ୍)** ଯେଉଁ **(ଆୟୁଃ)** ଆୟୁ, ତାକୁ **(ବ୍ୟଶେମହି)** ଉତ୍ତମ ରୂପେ ପ୍ରାପ୍ତ କରୁଁ ।

**ଭାବାର୍ଥ —** ହେ ଦିବ୍ୟଗୁଣଯୁକ୍ତ, ସୃଷ୍ଟିଯଜ୍ଞର ବିଧାତା, ଯଜନୀୟ-ସତ୍‌କରଣୀୟ ପରମାତ୍ମନ୍! ଆପଣଙ୍କ କୃପାରେ ଆମେ କାନରେ ସଦା ଭଦ୍ର, କଲ୍ୟାଣକାରୀ କଥା ଶୁଣୁଁ; ପରନିନ୍ଦା, ପରଚର୍ଚ୍ଚା, ଅଶ୍ଳୀଳ ଆଦି ଅଭଦ୍ର, ଅକଲ୍ୟାଣକର କଥା କଦାପି ନ ଶୁଣୁଁ । ଆଖିରେ ସଦୈବ ଭଦ୍ର, କଲ୍ୟାଣକାରୀ ଦୃଶ୍ୟ ଦେଖୁ, ଅଭଦ୍ର ଦୃଶ୍ୟ ନ ଦେଖୁ । ସ୍ଥିର, ସ୍ୱସ୍ଥ, ସୁଦୃଢ଼ ଅଙ୍ଗ-ପ୍ରତ୍ୟଙ୍ଗ ଯୁକ୍ତ ଶରୀର ଦ୍ୱାରା ଆପଣଙ୍କ ସ୍ତୁତି-ପ୍ରାର୍ଥନା-ଉପାସନା କରି କରି ଆପଣଙ୍କ ଦ୍ୱାରା ଆମ କର୍ମାନୁସାରେ ନିୟତ ଆୟୁ ପୂର୍ଣ୍ଣ ରୂପେ ପ୍ରାପ୍ତ କରୁ; ଅକାଳ ମୃତ୍ୟୁର ଗ୍ରାସ ନ ହେଉ ।

**ଓ୩ମ୍ ଅଗ୍ନ ଆ ଯାହି ବୀତୟେ ଗୃଣାନୋ ହବ୍ୟଦାତୟେ । ନି ହୋତା ସତ୍ସି ବର୍ହିଷି ॥ ୨୯ ॥**

**ପଦାର୍ଥ —** **(ଅଗ୍ନେ)** ହେ ପ୍ରକାଶସ୍ୱରୂପ, ଜ୍ଞାନ ସ୍ୱରୂପ ପରମାତ୍ମନ୍! **(ଗୃଣାନଃ)** ଆମ ଦ୍ୱାରା ସ୍ତୁତ (ସ୍ତୁତି କରାଯାଇଥିବା) ଆପଣ ଆମ ସ୍ତୁତି ଓ ପ୍ରାର୍ଥନାକୁ ସ୍ୱୀକାର କରି **(ବୀତୟେ)** ଦୁଃଖ ଦୂର କରିବା ପାଇଁ ତଥା ଉତ୍ତମ ଜ୍ଞାନ-ବିଜ୍ଞାନ, ଗୁଣ, ତେଜ, ଆନନ୍ଦ, କାମନା ଆଦି ପ୍ରାପ୍ତ କରାଇବା ନିମନ୍ତେ ଏବଂ **(ହବ୍ୟଦାତୟେ)** ଜୀବନଯଜ୍ଞର ହବ୍ୟରୂପକ ଉତ୍ତମ ଭୋଗ୍ୟପଦାର୍ଥ ପ୍ରଦାନ କରିବା ସକାଶେ **(ଆ ଯାହି)** ଆମକୁ ସବୁ ଦିଗରୁ ପ୍ରାପ୍ତ ହୁଅନ୍ତୁ । **(ହୋତା)** ଆମ କର୍ମାନୁସାରେ ସୁମନୋରଥ ପୂର୍ଣ୍ଣକାରୀ, ବାଞ୍ଛିତ ଫଳ ପ୍ରଦାୟକ ଆପଣ **(ବର୍ହିଷି)** ଯଜ୍ଞସ୍ୱରୂପ ଆମ ପବିତ୍ର ହୃଦୟ-ମନ୍ଦିରରେ **(ନିଃ)** ନିଶ୍ଚିତ ରୂପେ **(ସତ୍ସି)** ବସନ୍ତୁ, ବିରାଜମାନ କରନ୍ତୁ ।

**ଭାବାର୍ଥ —** ହେ ପ୍ରକାଶସ୍ୱରୂପ, ଜ୍ଞାନସ୍ୱରୂପ ପରମାତ୍ମନ୍! ଆମ ଦ୍ୱାରା ସ୍ତୁତ ଆପଣ ଆମ ସ୍ତୁତି-ପ୍ରାର୍ଥନାକୁ ସ୍ୱୀକାର କରି ଆମ ଦୁଃଖ ଦୂର କରିବା ପାଇଁ ତଥା ଉତ୍ତମ ଜ୍ଞାନ-ବିଜ୍ଞାନ, ଗୁଣ, ତେଜ, ଆନନ୍ଦ, କାମନା ଆଦି ପ୍ରାପ୍ତ କରାଇବା ନିମନ୍ତେ ଏବଂ ଜୀବନଯଜ୍ଞର ହବ୍ୟ ରୂପକ ଭୋଗ୍ୟପଦାର୍ଥ ପ୍ରଦାନ କରିବା ସକାଶେ ଆମକୁ ସବୁ ଦିଗରୁ ପ୍ରାପ୍ତ ହୁଅନ୍ତୁ । ଆମ କର୍ମାନୁସାରେ ସୁମନୋରଥ ପୂର୍ଣ୍ଣକାରୀ, ଇପ୍‌ସିତ ଫଳ ପ୍ରଦାୟକ ଆପଣ ଯଜ୍ଞସ୍ୱରୂପ ଆମ ପବିତ୍ର ହୃଦୟମନ୍ଦିରରେ ଅବଶ୍ୟମେବ ବିରାଜମାନ କରନ୍ତୁ ।

**ଓ୩ମ୍ ତ୍ୱମଗ୍ନେ ଯଜ୍ଞାନାଂ ହୋତା ବିଶ୍ୱେଷାଂ ହିତଃ । ଦେବେଭିର୍ମାନୁଷେ ଜନେ ॥ ୩୦ ॥**

(ସାମ. ପୂର୍ବ.୧:୧:୧,୨)

**ପଦାର୍ଥ —** **(ଅଗ୍ନେ)** ହେ ପ୍ରକାଶସ୍ୱରୂପ ପ୍ରଭୋ! **(ତ୍ୱମ୍)** ଆପଣ **(ଯଜ୍ଞାନାମ୍)** ସକଳ ଯଜ୍ଞର, ଶ୍ରେଷ୍ଠକର୍ମର **(ହୋତା)** ବିଧାତା, ପ୍ରେରକ ଅଟନ୍ତି; **(ବିଶ୍ୱେଷାମ୍)** ସାରା ସଂସାରର **(ହିତଃ)** ଧାରକ, ହିତକାରୀ ଅଟନ୍ତି । **(ଦେବେଭିଃ)** ସ୍ୱ ଦିବ୍ୟ ଗୁଣ ଦ୍ୱାରା **(ମାନୁଷେ ଜନେ)** ମନନଶୀଳ ଜନଙ୍କ ହୃଦୟରେ ବିରାଜମାନ କରନ୍ତୁ ।

**ଭାବାର୍ଥ —** ହେ ପ୍ରକାଶସ୍ୱରୂପ, ଜ୍ଞାନସ୍ୱରୂପ ପରମାତ୍ମନ୍! ଆପଣ ସକଳ ଯଜ୍ଞର, ଶ୍ରେଷ୍ଠକର୍ମର ବିଧାତା, ପ୍ରେରକ ଅଟନ୍ତି । ଆପଣ ହିଁ ସାରା ସଂସାରର ଧାରକ ଓ ହିତକାରୀ ଅଟନ୍ତି । ଆପଣ ସ୍ୱ ଦିବ୍ୟଗୁଣ ଦ୍ୱାରା ମନନଶୀଳ ଉପାସକଙ୍କ ହୃଦୟରେ ବିରାଜିତ ହୁଅନ୍ତି । ଆପଣ ତ ସର୍ବବ୍ୟାପକ ଅଟନ୍ତି; କିନ୍ତୁ ଅତ୍ୟନ୍ତ ମେଧାବୀ, ମନନଶୀଳ

ଉପାସକ ହିଁ ଆପଣଙ୍କ ଦିବ୍ୟଗୁଣର ଅନୁଭୂତି ମାଧ୍ୟମରେ ସ୍ୱ ହୃଦୟରେ ଆପଣଙ୍କ ସାକ୍ଷାତ୍କାର କରିପାରିଥାନ୍ତି ।

**ଓ୩ମ୍ ଯେ ତ୍ରିଷପ୍ତାଃ ପରିୟନ୍ତି ବିଶ୍ୱା ରୂପାଣି ବିଭ୍ରତଃ । ବାଚସ୍ପତିର୍ବଲା ତେଷାଂ ତନ୍ୱୋ ଅଦ୍ୟ ଦଧାତୁ ମେ ॥ ୩୧ ॥**

(ଅଥର୍ବ. ୧:୧:୧)

**ପଦାର୍ଥ —** **(ଯେ)** ଯେଉଁ **(ତ୍ରିଷପ୍ତାଃ)** ୩ x ୭ =୨୧ ତତ୍ତ୍ୱ **(ବିଶ୍ୱା)** ସମସ୍ତ **(ରୂପାଣି)** ପ୍ରାଣୀ-ରୂପ **(ବିଭ୍ରତଃ)** ଧାରଣ କରି **(ପରିୟନ୍ତି)** ସବୁ ଆଡ଼େ ପରିବ୍ୟାପ୍ତ, ଭ୍ରମଣ କରନ୍ତି **(ତେଷାମ୍)** ସେଗୁଡ଼ିକର **(ତନ୍ୱଃ)** ତନୁର **(ବଲା)** ବଳ-ସାମର୍ଥ୍ୟକୁ **(ବାଚସ୍ପତିଃ)** ବେଦବାଣୀର ପତି, ବେଦଜ୍ଞାନର ଉପଦେଷ୍ଟା ପରମାତ୍ମା **(ଅଦ୍ୟ)** ଆଜି **(ମେ)** ମୋ ଭିତରେ **(ଦଧାତୁ)** ଧାରଣ କରାନ୍ତୁ ।

**ଭାବାର୍ଥ —** ସତ୍ତ୍ୱ, ରଜ ଓ ତମ ଏହି ତ୍ରିଗୁଣର ବିକାର ହୋଇଥିବା ୨୧ ତତ୍ତ୍ୱ = ୫ ମହାଭୂତ, ୫ ତନ୍ମାତ୍ର, ୫ ଜ୍ଞାନେନ୍ଦ୍ରିୟ, ୫ କର୍ମେନ୍ଦ୍ରିୟ ଓ ୧ ଅନ୍ତଃକରଣ (ମନ, ବୁଦ୍ଧି, ଚିତ୍ତ, ଅହଂକାରର ସମାହାର ରୂପକ ଚତୁଷ୍ଟୟ) ସମସ୍ତ ପ୍ରାଣୀ-ରୂପ ଧାରଣ କରି ସବୁଆଡ଼େ ପରିବ୍ୟାପ୍ତ ହୋଇ ରହିଛନ୍ତି, ଭ୍ରମଣ କରନ୍ତି । ସେଗୁଡ଼ିକର ସ୍ୱରୂପର ବଳ-ସାମର୍ଥ୍ୟକୁ ବେଦବାଣୀର ଅଧିପତି, ଉପଦେଷ୍ଟା ପରମାତ୍ମା ଆଜି ମୋ ଭିତରେ ଧାରଣ କରାନ୍ତୁ । ଏହି ୨୧ ତତ୍ତ୍ୱରେ ଯେଉଁ ଶକ୍ତି-ସାମର୍ଥ୍ୟ ନିହିତ ଅଛି ସେସବୁର ଶକ୍ତିକୁ ପୂର୍ଣ୍ଣ ବିନିଯୋଗ କରିବାର ବିଜ୍ଞାନ ପରମାତ୍ମା ବେଦ ମାଧ୍ୟମରେ ପ୍ରଦାନ କରିଛନ୍ତି ।

**॥ ଇତି ସ୍ୱସ୍ତିବାଚନମ୍ ॥**

❖❖❖

**୨୮ ପୃଷ୍ଠାର ଅବଶିଷ୍ଟାଂଶ**

**ରାସଲୀଳା ପ୍ରଭୃତି ମିଥ୍ୟା ଦୋଷ ଶ୍ରୀକୃଷ୍ଣଙ୍କ ଉପରେ ଆରୋପ କରିଛନ୍ତି । ଏସବୁକୁ ପଢ଼ି-ଶୁଣି ଅନ୍ୟ ମତାବଲମ୍ବୀମାନେ ଶ୍ରୀକୃଷ୍ଣଙ୍କ ବହୁତ ନିନ୍ଦା କରନ୍ତି । ଯଦି ଏ ଭାଗବତ ଲେଖାଯାଇ ନ ଥାନ୍ତା, ତେବେ ଶ୍ରୀକୃଷ୍ଣଙ୍କ ଭଳି ମହାପୁରୁଷଙ୍କ ମିଥ୍ୟା ନିନ୍ଦା ସଂସାରରେ କାହିଁକି ହୋଇଥାନ୍ତା ?**

**'ଶିବପୁରାଣ'**ରେ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଥିବା କଥା କୁହାଯାଇଛି । ସେସବୁ କଥା ସର୍ବଥା ନିରର୍ଥକ । ନାମ ଦିଆଯାଇଛି 'ଜ୍ୟୋତିର୍ଲିଙ୍ଗ'; କିନ୍ତୁ ସେଥିରେ ପ୍ରକାଶର ତିଳେମାତ୍ର ଚିହ୍ନବର୍ଣ୍ଣ ନାହିଁ । ଲିଙ୍ଗର ଜ୍ୟୋତିରେ ଅନ୍ୟ ସବୁ ଜିନିଷ ଦେଖାଯିବା ଦୂରେ ଥାଉ, ରାତିରେ ମନ୍ଦିର ଭିତରେ ଦୀପ ନ ଜାଳିଲେ ଅନ୍ଧାରରେ ମନ୍ଦିର ଭିତରେ ଥିବା ଲିଙ୍ଗ ମଧ୍ୟ ଦେଖାଯାଏ ନାହିଁ । ଏଣୁ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଆଦି ଏସବୁ କଥନ ପୋପ୍‌ମାନଙ୍କ ଲୀଳା ମାତ୍ର ।

**ପ୍ରଶ୍ନ —** ଯେତେବେଳେ ଲୋକଙ୍କର ବେଦ ପଢ଼ିବା-ବୁଝିବାର ସାମର୍ଥ୍ୟ ରହିଲା ନାହିଁ ସେତେବେଳେ ସ୍ମୃତି ରଚନା କଲେ । ଯେତେବେଳେ ସ୍ମୃତି ପଢ଼ି-ବୁଝି ପାରିବାର ବୁଦ୍ଧି ନ ରହିଲା ସେତେବେଳେ ଶାସ୍ତ୍ର ଲେଖିଲେ; ଯେତେବେଳେ ଶାସ୍ତ୍ର ପଢ଼ିବାକୁ ଅସମର୍ଥ ହେଲେ ସେତେବେଳେ ପୁରାଣ ରଚନା କରାଗଲା । ବିଶେଷତଃ ସ୍ତ୍ରୀ-ଶୂଦ୍ରଙ୍କ ପାଇଁ ପୁରାଣ ରଚନା କରାଯାଇଛି । କାରଣ ବେଦକୁ ପଢ଼ିବା-ଶୁଣିବାର ଏମାନଙ୍କର ଅଧିକାର ନାହିଁ ।

**ଉତ୍ତର —** ଏ କଥନ ମିଥ୍ୟା । **କାରଣ ପଢ଼ିବା-ପଢ଼ାଇବା ଦ୍ୱାରା ହିଁ ସାମର୍ଥ୍ୟ ଆସେ । ଦ୍ୱିତୀୟତଃ, ବେଦ ପଢ଼ିବା-ଶୁଣିବାର ଅଧିକାର ସମସ୍ତଙ୍କର ଅଛି । ଦେଖନ୍ତୁ ! ଗାର୍ଗୀ ଆଦି ନାରୀ ବେଦର ବିଦୁଷୀ ଥିଲେ ଓ ଛାନ୍ଦୋଗ୍ୟ**(୪:୨:୨)**ରେ ବର୍ଣ୍ଣିତ ଜାନଶ୍ରୁତି ଶୂଦ୍ର ମଧ୍ୟ 'ରୈକ୍ୟମୁନି'ଙ୍କଠାରୁ ବେଦ ପଢ଼ିଥିଲେ ।** ତା'ଛଡ଼ା ଯଜୁର୍ବେଦର ୨୬ ଅଧ୍ୟାୟର ୨ୟ ମନ୍ତ୍ରରେ ସ୍ପଷ୍ଟ ରୂପେ ଲେଖାଯାଇଛି ଯେ — **'ବେଦକୁ ପଢ଼ିବା-ଶୁଣିବାର ଅଧିକାର ମନୁଷ୍ୟ ମାତ୍ରକେ ପ୍ରତ୍ୟେକଙ୍କର ଅଛି ।'** ତଥାପି ଯେଉଁମାନେ ଏପରି ମିଥ୍ୟାଗ୍ରନ୍ଥ ରଚନା କରି ଲୋକମାନଙ୍କୁ ସତ୍ୟଗ୍ରନ୍ଥରୁ ବିମୁଖ କରି, ନିଜ ଜାଲରେ ଫସାଇ, ନିଜ ସ୍ୱାର୍ଥ ସାଧନ କରୁଛନ୍ତି, ସେମାନେ ମହାପାପୀ ନ ହେବେ କାହିଁକି ?

**କ୍ରମଶଃ.....**

ଆତ୍ମୀୟ ନିବେଦନ:

# ବେଦଧାମ ସଂକଳ୍ପନା

ମନୁଷ୍ୟ ଜୀବନର ଉଦ୍ଦେଶ୍ୟ ଅଭ୍ୟୁଦୟ ଓ ନିଃଶ୍ରେୟସର ପ୍ରାପ୍ତି । ଏଥିପାଇଁ ପରମକାରୁଣିକ ପରମପିତା ପରମାତ୍ମାଙ୍କ ପ୍ରଦତ୍ତ ବେଦପଥ ହିଁ ଏକମାତ୍ର ଓ ସର୍ବଶ୍ରେଷ୍ଠ ଅବଲମ୍ବନ । ଅତଃ ଜୀବନରେ ଶାଶ୍ୱତ ସୁଖ-ଶାନ୍ତି- ଆନନ୍ଦର ଉପଲବ୍ଧି ନିମନ୍ତେ ଅମୃତର ସନ୍ତାନ ପ୍ରତ୍ୟକ ମଣିଷର ଆନ୍ତରିକ ଅଭିଳାଷ କ'ଣ ହେବା ଉଚିତ ସେ କଥା ବେଦବାଣୀରେ ଅଭିବ୍ୟକ୍ତ ହୋଇଛି— **'ସଂ ଶ୍ରୁତେନ ଗମେମହି ମା ଶ୍ରୁତେନ ବି ରାଧିଷି'** (ଅଥର୍ବ. ୧:୧:୪)— ହେ ପ୍ରଭୋ ! ଆମେ ସର୍ବଦା ବେଦପଥର ପଥିକ ହେଉ, ବେଦପଥରୁ କଦାପି ବିଚ୍ୟୁତ ନ ହେଉ । ଏହି ବୈଦିକ ସନ୍ଦେଶ-ନିର୍ଦ୍ଦେଶର ପରିପାଳନ ସକଶେ ବୈଦିକ ବିଚାରକୁ ସରଳ ଭାବେ ଓଡ଼ିଶାର ଘରେ-ଘରେ, ପୁରେ-ପୁରେ ପହଞ୍ଚାଇବା ଉଦ୍ଦେଶ୍ୟରେ ୨୦୦୪ରେ ଶ୍ରୁତିନ୍ୟାସ ଗଠନ କରାଗଲା । ସେଥି ନିମନ୍ତେ ପ୍ରଥମେ ପ୍ରବଚନ କାର୍ଯ୍ୟ ସାଙ୍ଗକୁ ଛୋଟ-ଛୋଟ ପୁସ୍ତକ ପ୍ରକାଶନ ଦିଗରେ ଧ୍ୟାନ କେନ୍ଦ୍ରିତ କରାଗଲା । ଇତିମଧ୍ୟରେ ଶ୍ରୁତିନ୍ୟାସର ପ୍ରକାଶନ ବିଭାଗ **'ବୈଦିକ ପ୍ରକାଶନ'** ପକ୍ଷରୁ ଅନେକ ପୁସ୍ତକ ପ୍ରକାଶିତ ହୋଇ ଜନସାଧାରଣଙ୍କ ମଧ୍ୟରେ ଆଦୃତି, ପାଠକୀୟ-ସ୍ୱୀକୃତି ଲାଭ କରିପାରିଛି । ତେଣୁ ଅଳ୍ପ କାଳ ମଧ୍ୟରେ **'ବୈଦିକ ପ୍ରକାଶନ'** ପକ୍ଷରୁ ପ୍ରକାଶିତ ପୁସ୍ତକର ଯେତେ ଅଧିକ ସଂସ୍କରଣ ବାହାରିଛି ଓ ଯେତେ ଅଧିକ ସଂଖ୍ୟକ ପୁସ୍ତକ ପ୍ରକାଶିତ ହୋଇଛି ସମ୍ଭବତଃ ଓଡ଼ିଶାର ଅନ୍ୟ କୌଣସି ବୈଦିକ ପୁସ୍ତକ ପ୍ରକାଶନୀ ସଂସ୍ଥା ପକ୍ଷରୁ ସେଭଳି ହୋଇପାରିନାହିଁ । ଓଡ଼ିଶାର ବେଦପ୍ରେମୀ ଜନତା ନୂତନ ପୁସ୍ତକ ପାଇଁ ନିରନ୍ତର ପ୍ରେରଣା ଓ ସହଯୋଗ ପ୍ରଦାନ କରିଆସୁଛନ୍ତି । ବେଦପ୍ରେମୀଙ୍କ ଆଗ୍ରହ ଓ ସହଯୋଗର ଫଳସ୍ୱରୂପ ସତ୍ୟାର୍ଥପ୍ରକାଶର ପୂର୍ବାର୍ଦ୍ଧ ବୈଦିକ ପ୍ରକାଶନ ପକ୍ଷରୁ ପ୍ରକାଶିତ ହୋଇ ଏକ ବର୍ଷ ମଧ୍ୟରେ ସମାପ୍ତ ସ୍ଥିତିରେ ପହଞ୍ଚି ଯାଇଛି ।

ଓଡ଼ିଶାରେ ଆର୍ଯ୍ୟସମାଜର ଦୀର୍ଘ ବର୍ଷର ପ୍ରଚାର ମଧ୍ୟରେ ବେଦପ୍ରେମୀମାନେ ଏକ ସର୍ବାଙ୍ଗସୁନ୍ଦର ବୈଦିକ ପତ୍ରିକାର ଅଭାବ ଅନୁଭବ କରୁଥିଲେ । ଶୁଭେଚ୍ଛୁଙ୍କ ଅନୁରୋଧକ୍ରମେ ଶ୍ରୁତିନ୍ୟାସ ପକ୍ଷରୁ ଏହି କାର୍ଯ୍ୟ ହାତକୁ ନିଆଯାଇ **'ଶ୍ରୁତିସୌରଭ'**ର ପ୍ରକାଶନ ଆରମ୍ଭ କରାଗଲା । ଆମ ପାଇଁ ଗୌରବର ବିଷୟ ଯେ ଶ୍ରୁତିନ୍ୟାସର ସହଯୋଗୀ, ଶୁଭେଚ୍ଛୁ, ପ୍ରଶଂସକଙ୍କ ସାମୂହିକ ଉଦ୍ୟମ ଫଳରେ ମାତ୍ର ୩ ବର୍ଷ ମଧ୍ୟରେ ଏହି ପତ୍ରିକା ଆର୍ଯ୍ୟଜଗତରେ ବିଭିନ୍ନ ପ୍ରାନ୍ତୀୟ ଭାଷାରେ ପ୍ରକାଶିତ ହେଉଥିବା ପତ୍ରିକା ମଧ୍ୟରେ ସଂଖ୍ୟାତ୍ମକ ଓ ଗୁଣାତ୍ମକ ଦୃଷ୍ଟିରୁ ଅଗ୍ରିମ ପଂକ୍ତିରେ ରହିପାରିଛି ।

ଓଡ଼ିଶାରେ ବେଦର ପ୍ରଚାର-ପ୍ରସାର ପାଇଁ ଆର୍ଯ୍ୟସମାଜଗୁଡ଼ିକ ପକ୍ଷରୁ ବାର୍ଷିକୋତ୍ସବର ପରମ୍ପରା ଉପରେ ମୁଖ୍ୟତଃ ଗୁରୁତ୍ୱାରୋପ କରାଯାଉଥିଲା । ଶ୍ରୁତିନ୍ୟାସ ପକ୍ଷରୁ ବିକଳ୍ପ ପ୍ରୟୋଗ ରୂପେ ୨୦୦୯ରୁ **'ଜୀବନ ନିର୍ମାଣ ଶିବିର'** ଆରମ୍ଭ କରାଗଲା । ଏହି ଶିବିରର ଉପଯୋଗିତା ଅନୁଭୂତ ହେବାରୁ ଏହା ଜନ ଆଦୃତି ଲାଭ କଲା । ଏହାର ସୁଖଦ ପରିଣାମସ୍ୱରୂପ ଏହି ଭଳି ଶିବିର ଓଡ଼ିଶାର ଆର୍ଯ୍ୟଜଗତରେ ଅନେକତ୍ର ବର୍ତ୍ତମାନ ଆୟୋଜିତ ହେଉଛି । ଏ ସବୁ ସତ୍ତ୍ୱେ ନ୍ୟାସ ପକ୍ଷରୁ ଆୟୋଜିତ ଶିବିରରେ କ୍ରମାଗତ ଭାବରେ ଶିବିରାର୍ଥୀଙ୍କ ସଂଖ୍ୟା ବଢ଼ିଚାଲିଛି । ଶିବିରର ଉପାଦେୟତାକୁ ଅନୁଭବ କରି ବିବିଧ ବର୍ଗର ଲୋକଙ୍କ ସକାଶେ ଭିନ୍ନ-ଭିନ୍ନ ଶିବିର ବର୍ଷର ଭିନ୍ନ-ଭିନ୍ନ ସମୟରେ ଆୟୋଜନ କରିବା ପାଇଁ ବେଦପ୍ରେମୀ ବନ୍ଧୁମାନେ ଦାବି କରୁଛନ୍ତି । ଶ୍ରୁତିନ୍ୟାସର ନିଜସ୍ୱ ଆଶ୍ରମ, କେନ୍ଦ୍ର ନଥିବାରୁ ଶିବିରାଦିର ଆୟୋଜନ ନିମନ୍ତେ ଶିବିର ଯୋଗ୍ୟ ସ୍ଥାନ ରୂପେ ଉତ୍ତମ ଆବାସିକ ବ୍ୟବସ୍ଥା ଥିବା ବିଦ୍ୟାଳୟ ଉପରେ ନିର୍ଭରଶୀଳ ହେବାକୁ ପଡୁଛି । ତେଣୁ କେବଳ ବିଦ୍ୟାଳୟର ଅବକାଶ ଓ ସେମାନଙ୍କ ନିଜସ୍ୱ କାର୍ଯ୍ୟକ୍ରମ ନ ଥିବା ଅବସରରେ ହିଁ ଶିବିର ଆୟୋଜନ ସମ୍ଭବ ହୋଇପାରୁଛି ।

ଏ ସମସ୍ୟାର ସମାଧାନ ପାଇଁ ଶ୍ରୁତିନ୍ୟାସର ନିଜସ୍ୱ ଆଶ୍ରମ ନିର୍ମାଣ ପାଇଁ ବେଦପ୍ରେମୀ ଜନତା ଦୀର୍ଘ ବର୍ଷରୁ ଦାବି କରିଆସୁଛନ୍ତି ।

ଦୂରଦର୍ଶନ ମାଧ୍ୟମରେ ବୈଦିକ ବିଚାରର ପ୍ରଚାର ଦ୍ୱାରା ସମାଜରେ ସୁଦୂରପ୍ରସାରୀ ଉତ୍ତମ ପ୍ରଭାବ ପଡ଼ିବ ବୋଲି ଅନୁଭବ କରାଯାଇ ଶ୍ରୁତିନ୍ୟାସ ପକ୍ଷରୁ ପ୍ରାର୍ଥନା ଚ୍ୟାନେଲ ସହ ଯୋଗାଯୋଗ କରାଯାଇ ୨୦୧୨ରେ **'ମନୁଷ୍ୟ ଦେହେ ଦିବ୍ୟଜ୍ଞାନ'** ନାମକ ବୈଦିକ ସିଦ୍ଧାନ୍ତ ସମ୍ବଳିତ କାର୍ଯ୍ୟକ୍ରମ ନିୟମିତ ରୂପେ ପ୍ରସାରିତ କରାଗଲା । ଏହା ଦର୍ଶକଙ୍କ ଦ୍ୱାରା ଆଦୃତ ହେଲା । ତା'ର ସୁଖଦ ପରିଣାମ ସ୍ୱରୂପ କିଛି ମାସ ପରେ ୨୦୧୨ରେ ହିଁ ପ୍ରାର୍ଥନା ଚ୍ୟାନେଲ୍ ପକ୍ଷରୁ **'ସର୍ବେ ଭବନ୍ତୁ ସୁଖିନଃ'** କାର୍ଯ୍ୟକ୍ରମ ଆତ୍ମପ୍ରକାଶ କଲା ଓ ବର୍ତ୍ତମାନ ତାହା ନିୟମିତ ରୂପେ ଓ.ଟି.ଭି. ଦ୍ୱାରା ପରିବେଷିତ ହେଉଛି । ଏହି କାର୍ଯ୍ୟକ୍ରମର ପ୍ରାରମ୍ଭ ସମୟରୁ ହିଁ ଆମେ ବୈଦିକ ସିଦ୍ଧାନ୍ତର ବାର୍ତ୍ତା ପରିବେଷଣ କରିଆସୁଛୁ । ଏହି କାର୍ଯ୍ୟକ୍ରମରେ ଆମର ବୈଦିକ ସିଦ୍ଧାନ୍ତ ସମ୍ବଳିତ ଚର୍ଚ୍ଚା ପ୍ରଭାବରେ ଓଡ଼ିଶାର ଘରେ-ଘରେ ବେଦ ଓ ବୈଦିକ ସିଦ୍ଧାନ୍ତ ପ୍ରତି ଅଭୂତପୂର୍ବ ଆଗ୍ରହ ପରିଲକ୍ଷିତ ହେଉଛି । ବୈଦିକ ସିଦ୍ଧାନ୍ତର ବିନ୍ଦୁ-ବିସର୍ଗ ଜାଣିନଥିବା ବହୁ ବ୍ୟକ୍ତି ବର୍ତ୍ତମାନ ନ୍ୟାସର ବ୍ୟବସ୍ଥା, ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଞ୍ଚାଳିତ ଆଶ୍ରମ ଆଦିରେ କିଛି-କିଛି ଦିନ ଅବସ୍ଥାନ କରି ବେଦ ବିଷୟକ ପ୍ରଶିକ୍ଷଣ ପ୍ରାପ୍ତ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି । ଶ୍ରୁତିନ୍ୟାସ ପକ୍ଷରୁ କରାଯାଉଥିବା ଏଭଳି ବିବିଧ ସୃଜନାତ୍ମକ କାର୍ଯ୍ୟ ଦ୍ୱାରା ନ୍ୟାସ ଆର୍ଯ୍ୟଜଗତର ଆଶା-ବିଶ୍ୱାସ-ଭରସାର କେନ୍ଦ୍ର ପାଲଟିଯାଇଛି ।

ଗୃହସ୍ଥଜୀବନ ପରେ ନିୟମିତ ସ୍ୱାଧ୍ୟାୟ-ସାଧନା-ସେବାରେ ସଂଲଗ୍ନ ରହି ତପସ୍ୟାମୟ ବାନପ୍ରସ୍ଥ ଜୀବନ ବ୍ୟତୀତ କରିବାକୁ ଚାହୁଁଥିବା ବ୍ୟକ୍ତିମାନଙ୍କ ପାଇଁ ସମୁଚିତ ବ୍ୟବସ୍ଥାଯୁକ୍ତ ଆଶ୍ରମ ଓଡ଼ିଶାରେ ଉପଲବ୍ଧ ନ ଥିବା କଥା ବହୁ ବେଦପ୍ରେମୀ ବାରମ୍ବାର ଆମକୁ କହିଆସୁଛନ୍ତି ତଥା ଏ କ୍ଷେତ୍ରରେ ଶ୍ରୁତିନ୍ୟାସ କିଛି ସୁଚିନ୍ତିତ କାର୍ଯ୍ୟଯୋଜନା ହାତକୁ ନେବା ପାଇଁ ବାରମ୍ବାର ଅନୁରୋଧ କରିଆସୁଛନ୍ତି । ତା' ସାଙ୍ଗକୁ ଏଭଳି ବ୍ୟକ୍ତିମାନଙ୍କର କହିବା କଥା ହେଲା ଯେ ପରିଣତ ବୟସର ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଆଶ୍ରମ ସେଭଳି ସୁବିଧାଯୁକ୍ତ ହେବା ଆବଶ୍ୟକ ଏବଂ ପରିଣତ ବୟସରେ ସ୍ୱାସ୍ଥ୍ୟଗତ ସମସ୍ୟାକୁ ଦୃଷ୍ଟିରେ ରଖି ଚିକିତ୍ସାର ସୁବ୍ୟବସ୍ଥା ଥିବା ନଗର ଠାରୁ ଅନତିଦୂରରେ ରହିବା ଉଚିତ ଯଦ୍ଦ୍ୱାରା ଅତି ଅଳ୍ପ ସମୟ ମଧ୍ୟରେ ସମୁଚିତ ଚିକିତ୍ସା ବ୍ୟବସ୍ଥା ପ୍ରାପ୍ତ କରାଯାଇ ପାରୁଥିବ । ଶ୍ରୁତିନ୍ୟାସର ଦୁର୍ବଳ ଆର୍ଥିକ ସ୍ଥିତି କାରଣରୁ ଆମେ ଦୂରରେ ଆଶ୍ରମ ସ୍ଥାପନ କରିବା ପାଇଁ ଅନେକ ସ୍ଥାନ ନିରୂପଣ କରିଥିଲୁ । କିନ୍ତୁ ସମସ୍ତ ସହଯୋଗୀ-ଶୁଭେଚ୍ଛୁ ଆଗ୍ରହ କଲେ ଯେ କଟକ-ଭୁବନେଶ୍ୱର ରାଜପଥର ୧୦-୧୫ କି.ମି. ବ୍ୟାସାର୍ଦ୍ଧ ମଧ୍ୟରେ ସ୍ଥାନ କ୍ରୟ କରାଯାଉ । ଅତଃ ଶ୍ରୁତିନ୍ୟାସର ସମ୍ବଳର ଅଭାବ ସତ୍ତ୍ୱେ ବେଦପ୍ରେମୀ ଆର୍ଯ୍ୟଜନତାଙ୍କ ଆଗ୍ରହକୁ ଶିରୋଧାର୍ଯ୍ୟ କରି ପରମପିତା ପରମାତ୍ମାଙ୍କ ମହତୀ ଅନୁକମ୍ପାରୁ କଟକ-ଭୁବନେଶ୍ୱରର ମଧ୍ୟବର୍ତ୍ତୀ ଫୁଲନଖରା ଛକଠାରୁ ନିଆଳି-କୋଣାର୍କ-ପୁରୀ ଯିବା ରାସ୍ତାରେ ୪ କି.ମି. ଦୂର ସ୍ଥିତ ତ୍ରିନାଥ ବଜାରଠାରୁ ବାମ ପାର୍ଶ୍ୱରେ ପ୍ରାୟ ୩.୫ କି.ମି. ଦୂରରେ ଉଷୁମାଠାରେ ପିଚୁ ରାସ୍ତା କଡ଼ରେ ୧.୩୫ ଏକର ଜମି କ୍ରୟ କରାଯାଇଛି । ଏଥିନିମନ୍ତେ ଶ୍ରୁତିନ୍ୟାସ ଥିବା ସମ୍ବଳ ନିଅଣ୍ଟ ହେବାରୁ ନ୍ୟାସର କର୍ମକର୍ତ୍ତା-ସହଯୋଗୀଙ୍କଠାରୁ ପ୍ରାୟ ୧୬ଲକ୍ଷ ଟଙ୍କା ଧାର ସୂତ୍ରରେ ନିଆଯାଇଛି ।

ଏଠାରେ ଶ୍ରୁତିନ୍ୟାସର ବହୁମୁଖୀ ଗତିବିଧି କେନ୍ଦ୍ର **'ବେଦଧାମ'** ନିର୍ମାଣ କରାଯିବା ପାଇଁ ନିର୍ଣ୍ଣୟ ନିଆଯାଇଛି । ବୈଦିକ ଧର୍ମ-ସଂସ୍କୃତିର ସୁରକ୍ଷା ଓ ପ୍ରଚାର-ପ୍ରସାର କଳ୍ପେ ଏଠାରେ ନିମ୍ନଲିଖିତ ଗତିବିଧି ସଞ୍ଚାଳନ କରାଯିବାକୁ ବିଚାର କରାଯାଇଛି —

**୧. ଶିବିର ଓ ପ୍ରଶିକ୍ଷଣ —** ଶ୍ରୁତିନ୍ୟାସର ନିଜସ୍ୱ ଆଶ୍ରମ ନ ଥିବାରୁ ବର୍ତ୍ତମାନ କେବଳ ବର୍ଷକୁ ଥରେ, ପ୍ରାୟତଃ ଦଶହରା ପୂଜା ଅବକାଶରେ, ଜୀବନ ନିର୍ମାଣ ଶିବିର ଆୟୋଜିତ ହୋଇଆସୁଛି । 'ବେଦଧାମ' ନିର୍ମାଣ ହେଲେ ଅନ୍ୟ ସମୟରେ ମଧ୍ୟ ବର୍ଷରେ ଅନେକ ଥର ଶିବିର କରାଯାଇପାରିବ । ବର୍ତ୍ତମାନ ଅନୁଷ୍ଠିତ ହେଉଥିବା ଶିବିରରେ ପ୍ରାୟ

୪୦୦-୪୫୦ ଶିବିରାର୍ଥୀ ଯୋଗ ଦେଉଛନ୍ତି। ଏଣୁ 'ବେଦଧାମ'ରେ ୫୦୦ ଜଣ ଶିବିରାର୍ଥୀଙ୍କ ରହିବା-ଖାଇବା-ପ୍ରଶିକ୍ଷଣ ନେବାର ସମୁଚିତ ବ୍ୟବସ୍ଥା ଆଧାରରେ ଆବଶ୍ୟକୀୟ ନିର୍ମାଣ କାର୍ଯ୍ୟ କରାଯିବ। ଆଖପାଖର ବିଦ୍ୟାଳୟର ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଧର୍ମ, ସଂସ୍କୃତି, ନୈତିକତା, ଅନୁଶାସନ, ରାଷ୍ଟ୍ରପ୍ରେମ ସମ୍ବନ୍ଧୀୟ ଜାଗରୁକତା ପାଇଁ ବିଭିନ୍ନ ସମୟରେ ବିବିଧ କାର୍ଯ୍ୟକ୍ରମ କରାଯିବ। କିଶୋର ବୟସର ବାଳକ-ବାଳିକାମାନଙ୍କ ପାଇଁ ପୃଥକ୍-ପୃଥକ୍ ଶିବିର ଭିନ୍ନ-ଭିନ୍ନ ସମୟରେ କରାଯିବାର ଯୋଜନା କରାଯାଇଛି। ତା' ଛଡ଼ା ଆଶ୍ରମରେ କିଛି-କିଛି ଦିନ ଅବସ୍ଥାନ କରି ବୈଦିକ ସଂସ୍କୃତି ସଂପର୍କରେ ପ୍ରଶିକ୍ଷଣ ନେବାକୁ ଚାହୁଁଥିବା ଲୋକଙ୍କ ପାଇଁ ମଧ୍ୟ କାର୍ଯ୍ୟକ୍ରମ ହାତକୁ ନିଆଯିବ।

**୨. ବାନପ୍ରସ୍ଥ-ସାଧକ ଆଶ୍ରମ —** ସ୍ୱାଧ୍ୟାୟ-ସାଧନା-ସେବାରେ ସଂଲଗ୍ନ ରହି ତପଃପୂତ ଜୀବନ ଯାପନ କରିବାକୁ ଚାହୁଁଥିବା ୪୦-୫୦ ଜଣ ବାନପ୍ରସ୍ଥୀ-ସାଧକଙ୍କ ସକାଶେ ଉତ୍ତମ ସାଧନଯୁକ୍ତ କକ୍ଷ ବିଶିଷ୍ଟ ବାନପ୍ରସ୍ଥ-ସାଧକ ଆଶ୍ରମ ନିର୍ମାଣ କରାଯାଇ ସାଧନା ନିମନ୍ତେ ଅନୁକୂଳ ବାତାବରଣ ଉପଲବ୍ଧ କରିବାର ଲକ୍ଷ୍ୟ ରଖାଯାଇଛି।

**୩. ଦର୍ଶନ ଯୋଗ ବିଦ୍ୟାଳୟ—** ବୈଦିକ ସଂସ୍କୃତିର ସୁରକ୍ଷା-ସମ୍ବର୍ଦ୍ଧନ ସକାଶେ ତ୍ୟାଗୀ-ତପସ୍ୱୀ-ବୈରାଗ୍ୟବାନ୍ ବିଦ୍ୱାନ୍ ସନ୍ନ୍ୟାସୀ-ବ୍ରହ୍ମଚାରୀଙ୍କର ମହତୀ ଆବଶ୍ୟକତା ରହିଛି। ଆର୍ଯ୍ୟଜଗତରେ ସର୍ବଭାରତୀୟ ସ୍ତରରେ ଖ୍ୟାତିପ୍ରାପ୍ତ ଦର୍ଶନ ଯୋଗ ମହାବିଦ୍ୟାଳୟ, ରୋଜଡ଼(ଗୁଜରାଟ)ର ଏକ ଶାଖା ବିଦ୍ୟାଳୟ ଭବିଷ୍ୟତରେ ଏହିଠାରେ ସଞ୍ଚାଳନ କରାଯିବାର ଲକ୍ଷ୍ୟ ରଖାଯାଇଛି। ଏହାଦ୍ୱାରା ଆଶ୍ରମରେ ଅବସ୍ଥାନ କରୁଥିବା ବାନପ୍ରସ୍ଥ-ସାଧକମାନେ ମଧ୍ୟ ଆର୍ଷବିଦ୍ୟା ଅଧ୍ୟୟନର ସୁଯୋଗ ପାଇବେ।

**୪. ସଂସ୍କାର କେନ୍ଦ୍ର —** ବୈଦିକ ଷୋଡ଼ଶ ସଂସ୍କାରକୁ ଲୋକପ୍ରିୟ କରିବା, ସମାଜରେ ତା'ର ପୁନଃ ପ୍ରସ୍ଥାପନା କରିବା ଉଦ୍ଦେଶ୍ୟରେ ଆଖପାଖର ଲୋକଙ୍କ ବିବାହ, ବ୍ରତାଦି ସକଳ ବୈଦିକ ସାମାଜିକ ଉତ୍ସବାନୁଷ୍ଠାନ ବୈଦିକ ପଦ୍ଧତିରେ କରିବାର ଆବଶ୍ୟକତା ପୂରଣ ସକାଶେ ଉଚିତ ବ୍ୟବସ୍ଥା କରାଯିବ।

**୫. ସେବା ପ୍ରକଳ୍ପ —** ନିର୍ଦ୍ଧନ-ଅସହାୟ ଲୋକଙ୍କୁ ପ୍ରାଥମିକ ଚିକିତ୍ସା ଆଦି ବିବିଧ ପ୍ରକାର ସେବା ଓ ସହାୟତା ଯୋଗାଇ ଦିଆଯିବା ପାଇଁ ସାଧ୍ୟମତେ ବ୍ୟବସ୍ଥା କରାଯିବ।

ଏ ସମସ୍ତ ଗତିବିଧିର ସଞ୍ଚାଳନ ପାଇଁ ଆବଶ୍ୟକୀୟ ଗୃହାଦି ନିର୍ମାଣ କାର୍ଯ୍ୟ ସକାଶେ ପ୍ରଭୂତ ଅର୍ଥ ଆବଶ୍ୟକ। ଶ୍ରୁତିନ୍ୟାସର ସଞ୍ଚିତ ଅର୍ଥ ତ ଜମିକିଣାରେ ପୂର୍ଣ୍ଣତଃ ବ୍ୟୟ କରାଯାଇ ନିଅଣ୍ଟ କାରଣରୁ ପୁନଃ ୧୬ ଲକ୍ଷ ଟଙ୍କା ଧାର କରାଯାଇଛି। ତେଣୁ ନିର୍ମାଣ କାର୍ଯ୍ୟକୁ ପର୍ଯ୍ୟାୟ କ୍ରମେ କରାଯିବା ପାଇଁ ସ୍ଥିର କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ପାଚେରୀ ନିର୍ମାଣ, ଜଳର ବ୍ୟବସ୍ଥା (ଗଭୀର ନଳକୂପ ଖନନ ଆଦି), ଆଲୋକ ବ୍ୟବସ୍ଥା, ଯଜ୍ଞଶାଳା, ପ୍ରଶିକ୍ଷଣ ମଣ୍ଡପ ଓ ଅତିଥି-ଅନ୍ତେବାସୀଙ୍କ ପାଇଁ କେତେକ ନିବାସ କକ୍ଷ ସଂଯୁକ୍ତ ପ୍ରଶାସନିକ ଭବନ ନିର୍ମାଣ କରାଯିବ। **ଏଥିନିମନ୍ତେ ସର୍ବନିମ୍ନ ୧ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି।** ବେଦପ୍ରେମୀ ଆର୍ଯ୍ୟଜନତାଙ୍କ ସହଯୋଗ, ଆଶୀର୍ବାଦ ହିଁ ଶ୍ରୁତିନ୍ୟାସର ସମ୍ବଳ। ବିଗତ ଦିନରେ ଶ୍ରୁତିନ୍ୟାସର ସମସ୍ତ କାର୍ଯ୍ୟକ୍ରମ ଆପଣମାନଙ୍କ ଉଦାର ସହଯୋଗ ବଳରେ ହିଁ ସମ୍ଭବ ହୋଇପାରିଛି। ଯେହେତୁ ବେଦ ଈଶ୍ୱରୀୟ ଜ୍ଞାନ ଓବେଦର ଶିକ୍ଷାର ରକ୍ଷା ଓ ପ୍ରସାର କରିବା ପ୍ରତ୍ୟେକ ମାନବର ପରମ ଧର୍ମ, ତେଣୁ ବୈଦିକ ଧର୍ମ-ସଂସ୍କୃତିର ସୁରକ୍ଷା-ସମ୍ବର୍ଦ୍ଧନ କକ୍ଷେ ମହତୀ ଭୂମିକା ନିର୍ବାହ କରିବାକୁ ଯାଉଥିବା ଏହି ବହୁମୁଖୀ ଗତିବିଧି କେନ୍ଦ୍ର **'ବେଦଧାମ'** ଶ୍ରୁତିନ୍ୟାସର ସମସ୍ତ ସହଯୋଗୀ, ଶୁଭେଚ୍ଛୁ-ଶଭାକାଂକ୍ଷୀ, 'ଶ୍ରୁତିସୌରଭ'ର ସମସ୍ତ ସଦସ୍ୟ, ପାଠକ-ପାଠିକା, ଅଧିକନ୍ତୁ ବେଦକୁ ଭଲ ପାଉଥିବା ପ୍ରତ୍ୟେକ ବ୍ୟକ୍ତିଙ୍କର ଉଦାର ଚିତ୍ତରେ ମୁକ୍ତ ହସ୍ତରେ ସହଯୋଗ ବଳରେ ନିଶ୍ଚିତ ସଫଳ ହେବ ଏହି ଆଶା-ଭରସା-ବିଶ୍ୱାସ ଆମର ଅଛି। ବେଦକୁ ଭଲ ପାଉଥିବା, ବେଦପ୍ରଚାର କାର୍ଯ୍ୟର ପ୍ରଗତିକାମୀ ପ୍ରତ୍ୟେକ ମହାନୁଭବ ଏହି ମହାଯଜ୍ଞରେ ସ୍ୱ ଆହୁତି ଅବଶ୍ୟ ପ୍ରଦାନ କରିବାକୁ ବିନୀତ ଅନୁରୋଧ।

**ବେଦୋଦ୍ଧାରକ ମହର୍ଷି ଦୟାନନ୍ଦଙ୍କ ବୋଧ ଦିବସ, 'ଶିବରାତ୍ରି' ଦିନ, ଇଂରାଜୀ ତା ୪.୩.୨୦୧୯ ରିଖରେ 'ବେଦଧାମ'ର ଶିଳାନ୍ୟାସ କରାଯିବା ପାଇଁ ସ୍ଥିର କରାଯାଇଛି।** 'ଶ୍ରୁତିନ୍ୟାସ'ର କାର୍ଯ୍ୟକୁ ଭଲପାଉଥିବା ତଥା ସହଯୋଗ, ପ୍ରଶଂସା, ପ୍ରୋତ୍ସାହିତ କରୁଥିବା ସମର୍ଥକ-ଶୁଭାକାଂକ୍ଷୀ- ସହଯୋଗୀଙ୍କ ସଂଖ୍ୟା ବହୁ ଅଧିକ। ତେଣୁ ସମସ୍ତ ସହଯୋଗୀ-ସମର୍ଥକ-ଶୁଭେଚ୍ଛୁଙ୍କୁ ବ୍ୟକ୍ତିଗତ ରୂପେ ସଂପର୍କ କରି ନିମନ୍ତ୍ରଣ ଦେବା ସମ୍ଭବପର ହୋଇପାରୁନାହିଁ। ଅତଏବ ଏହି ନିବେଦନକୁ ହିଁ ନିମନ୍ତ୍ରଣ ରୂପେ ସ୍ୱୀକାର କରି ଏହି ମହାନ୍ କାର୍ଯ୍ୟରେ ଉପସ୍ଥିତ ହୋଇ ଆମକୁ ପ୍ରୋତ୍ସାହିତ କରିବା ପାଇଁ ସମସ୍ତଙ୍କୁ କରବଦ୍ଧ ବିନମ୍ର ନିବେଦନ କରୁଛି। ଆପଣମାନଙ୍କର ସଦୟ ଉପସ୍ଥିତି ଆମର ଏକାନ୍ତ କାମ୍ୟ।

**କାର୍ଯ୍ୟସୂଚୀ :** ଦିବା ୧୦.୦୦ ଘଟିକା – ଯଜ୍ଞ
ଦିବା ୧୧.୩୦ ଘଟିକା – ଶିଳାନ୍ୟାସ ଓ ଭଜନ ପ୍ରବଚନ
ଦିବା ୧.୦୦ ଘଟିକା – ପ୍ରସାଦ ସେବନ

**ବନ୍ଦେ ବେଦମାତରମ୍**
**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

ବେଦଧାମ ନିର୍ମାଣ ପାଇଁ ହୋଇଥିବା ଆଲୋଚନାରେ ଉପସ୍ଥିତ ବେଦପ୍ରେମୀ ସଜ୍ଜନଗଣ ଏହି ଲକ୍ଷ୍ୟକୁ ପୂର୍ଣ୍ଣ କରିବାର ନିର୍ଭର ପ୍ରତିଶ୍ରୁତି ସାଙ୍ଗକୁ ସ୍ୱ-ସ୍ୱ ସହଯୋଗ ରାଶି ପ୍ରଦାନ ନିମନ୍ତେ ସଂକଳ୍ପ ପତ୍ର ପୂରଣ କରିଛନ୍ତି। ଇତିମଧ୍ୟରେ କିଛି ସଜ୍ଜନ ସହଯୋଗ ରାଶି ବି ପ୍ରେରଣ କରିସାରିଛନ୍ତି ଏବଂ କିଛି ବ୍ୟକ୍ତି ପର୍ଯ୍ୟାୟ କ୍ରମେ ସହଯୋଗ ରାଶି ପ୍ରଦାନ କରୁଛନ୍ତି। ସହଯୋଗ ରାଶି ପ୍ରଦାନ କରିଥିବା ସଜ୍ଜନଗଣ ହେଲେ —

| | | | |
|---|---|---|---|
| ୧. | ଶ୍ରୀମାନ୍ ପଦ୍ମନାଭ ସ୍ୱାଇଁ | ରାଉରକେଲା | ୫,୦୦,୦୦୦.୦୦ |
| ୨. | ଶ୍ରୀମତୀ ସୁନୀତା ସ୍ୱାଇଁ | ରାଉରକେଲା | ୫,୦୦,୦୦୦.୦୦ |
| ୩. | କୁମାରୀ ଶ୍ରୁତିପ୍ରିୟା ସ୍ୱାଇଁ | ରାଉରକେଲା | ୧,୦୦,୦୦୦.୦୦ |
| ୪. | ଶ୍ରୀମାନ୍ ପ୍ରଦୀପ କୁମାର ପାଣିଗ୍ରାହୀ | ରାଉରକେଲା | ୨,୫୦,୦୦୦.୦୦ |
| ୫. | ଶ୍ରୀମତୀ ଗାୟତ୍ରୀ ପାଣିଗ୍ରାହୀ | ରାଉରକେଲା | ୨,୫୦,୦୦୦.୦୦ |
| ୬. | ଶ୍ରୀମାନ୍ ବିଜୟ କୁମାର ବେହେରା | ରାଉରକେଲା | ୨,୦୦,୦୦୦.୦୦ |
| ୭. | ଶ୍ରୀମତୀ ସ୍ନେହଲତା ବେହେରା | ରାଉରକେଲା | ୨,୦୦,୦୦୦.୦୦ |
| ୮. | ଶ୍ରୀମାନ୍ ରଞ୍ଜିତ କୁମାର ନାୟକ | ରାଉରକେଲା | ୧,୫୦,୦୦୦.୦୦ |
| ୯. | ଶ୍ରୀମତୀ ଭାଗ୍ୟଲତା ନାୟକ | ରାଉରକଲୋ | ୧,୫୦,୦୦୦.୦୦ |
| ୧୦. | ଶ୍ରୀମାନ୍ ପୀତବାସ ଦଳେଇ | ରାଉରକେଲା | ୧,୫୦,୦୦୦.୦୦ |
| ୧୧. | ଶ୍ରୀମତୀ କୃଷ୍ଣାକୁମାରୀ ଦଳେଇ | ରାଉରକେଲା | ୧,୫୦,୦୦୦.୦୦ |
| ୧୨. | ଶ୍ରୀମାନ୍ ସନ୍ତୋଷ କୁମାର ପଣ୍ଡା | ରାଉରକେଲା | ୧,୦୦,୦୦୦.୦୦ |
| ୧୩. | ଶ୍ରୀମାନ୍ ପ୍ରଫୁଲ୍ଲ ଚନ୍ଦ୍ର ବାଡ଼ତ୍ୟା | ରାଉରକେଲା | ୧,୦୦,୦୦୦.୦୦ |
| ୧୩. | ଶ୍ରୀମାନ୍ ଇ. କୁମାର ସ୍ୱାମୀ | ଭୁବନେଶ୍ୱର | ୧,୦୦,୦୦୦.୦୦ |
| ୧୪. | ଡାକ୍ତର ଗୋପବନ୍ଧୁ ପାତ୍ର | ଭୁବନେଶ୍ୱର | ୧,୦୦,୦୦୦.୦୦ |
| ୧୫. | ଶ୍ରୀମତୀ ଲଳିତ ମଞ୍ଜରୀ ସାହୁ | ଭୁବନେଶ୍ୱର | ୧,୦୦,୦୦୦.୦୦ |
| ୧୬. | ଶ୍ରୀମାନ୍ ସମ୍ବିତ୍ କୁମାର ଦାସ | ଭୁବନେଶ୍ୱର | ୧,୦୦,୦୦୦.୦୦ |
| ୧୭. | ଶ୍ରୀମାନ୍ ଅଜୟ କିଶୋର ମହାପାତ୍ର | ଭୁବନେଶ୍ୱର | ୧,୦୦,୦୦୦.୦୦ |

| | | | |
|---|---|---|---|
| ୧୮. | ଶ୍ରୀମତୀ କବିତା ମହାପାତ୍ର | ଭୁବନେଶ୍ୱର | ୧,୦୦,୦୦୦.୦୦ |
| ୧୯. | ଶ୍ରୀମାନ୍ ଅଶୋକ କୁମାର ପଟ୍ଟନାୟକ | ଭୁବନେଶ୍ୱର | ୧,୦୦,୦୦୦.୦୦ |
| ୨୦. | ଶ୍ରୀମତୀ ନର୍ମଦା ପାତ୍ର | ଭୁବନେଶ୍ୱର | ୧,୦୦,୦୦୦.୦୦ |
| ୨୧. | ଶ୍ରୀମତୀ ସରିତା ରଥ | ଭୁବନେଶ୍ୱର | ୧,୦୦,୦୦୦.୦୦ |
| ୨୨. | ଶ୍ରୀମାନ୍ ଶ୍ରୀବତ୍ସ ପାଣିଗ୍ରାହୀ | କଟକ | ୧,୦୦,୦୦୦.୦୦ |
| ୨୩. | ପ୍ରଫେସର ଶରତ ଚନ୍ଦ୍ର ସେନାପତି | କଟକ | ୧,୦୦,୦୦୦.୦୦ |
| ୨୪. | ଡାକ୍ତର ଗୀତାଞ୍ଜଳି ପାତ୍ର | କଟକ | ୧,୦୦,୦୦୦.୦୦ |
| ୨୫. | ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ | କଟକ | ୫୦,୦୦୦.୦୦ |
| ୨୬. | ଶ୍ରୀମାନ୍ ରାଧାଶ୍ୟାମ ସ୍ୱାଇଁ | କଟକ | ୫୦,୦୦୦.୦୦ |
| ୨୭. | ଶ୍ରୀମାନ୍ ନାରାୟଣ ପଣ୍ଡା | ବ୍ରହ୍ମପୁର | ୨,୦୦,୦୦୦.୦୦ |
| ୨୮. | ଶ୍ରୀମତୀ ଇତିଶ୍ରୀ ପାତ୍ର | ବ୍ରହ୍ମପୁର | ୧,୦୦,୦୦୦.୦୦ |
| ୨୯. | ଶ୍ରୀମାନ୍ ଆର୍. ମୋହନ ରେଡ଼ି | ବ୍ରହ୍ମପୁର | ୫୦,୦୦୦.୦୦ |
| ୩୦. | ଶ୍ରୀମାନ୍ ସୁରେଶ ଚନ୍ଦ୍ର ଆଚାର୍ଯ୍ୟ | ଫୁଲବାଣୀ | ୧,୦୦,୦୦୦.୦୦ |
| ୩୧. | ଶ୍ରୀମାନ୍ ସୁନୀଲ କୁମାର ଗରିଆ | ସୋନପୁର | ୧,୦୦,୦୦୦.୦୦ |
| ୩୨. | କୁମାରୀ ସୁନୀତି ଗରିଆ | ସୋନପୁର | ୨,୦୦,୦୦୦.୦୦ |
| ୩୩. | ଡାକ୍ତର ସୁକାନ୍ତି ଦାସ | ବାଲେଶ୍ୱର | ୧,୦୦,୦୦୦.୦୦ |
| ୩୪. | ଶ୍ରୀମତୀ ବସନ୍ତ କୁମାରୀ ମହାପାତ୍ର | ବାଲେଶ୍ୱର | ୧,୦୦,୦୦୦.୦୦ |
| ୩୫. | କୁମାରୀ ସଙ୍ଗୀତା ପ୍ରଧାନ | ରେଢ଼ାଖୋଲ | ୧,୦୦,୦୦୦.୦୦ |
| ୩୬. | ଶ୍ରୀମାନ୍ ଜ୍ଞାନରଞ୍ଜନ ଭୂୟାଁ | ବର୍ଣ୍ଣପୁର | ୧,୦୦,୦୦୦.୦୦ |

ଏତଦ୍ ବ୍ୟତୀତ ବାନପ୍ରସ୍ଥ ସାଧକ ଆଶ୍ରମରେ କକ୍ଷ ନିର୍ମାଣ ପାଇଁ ସହଯୋଗ ରାଶି ପ୍ରଦାନ କରିଥିବା ସଜ୍ଜନଗଣ—

| | | | |
|---|---|---|---|
| ୧. | ଶ୍ରୀମାନ୍ ଅଶୋକ କୁମାର ପଟ୍ଟନାୟକ | ଭୁବନେଶ୍ୱର | ୫,୦୦,୦୦୦.୦୦ |
| ୨. | ଶ୍ରୀମାନ୍ ସନ୍ତୋଷ କୁମାର ପଣ୍ଡା | ରାଉରକେଲା | ୪,୫୦,୦୦୦.୦୦ |
| ୩. | ଶ୍ରୀମତୀ ନର୍ମଦା ପାତ୍ର | ଭୁବନେଶ୍ୱର | ୪,୦୦,୦୦୦.୦୦ |

**କ୍ରମଶଃ....**

**ବି.ଦ୍ର.:** ❖ ଏହି କାର୍ଯ୍ୟ ନିମନ୍ତେ ଆର୍ଥିକ ସହଯୋଗ ରାଶି ପ୍ରଦାନ କରିବାକୁ ଇଚ୍ଛୁକ ସଜ୍ଜନଗଣ ଦୟାପୂର୍ବକ ଶ୍ରୁତିନ୍ୟାସର **ସମ୍ପାଦକ ପଦ୍ମନାଭ ସ୍ୱାଇଁ, ଚଳଭାଷ - ୯୮୬୧୩୩୫୩୨୧ / ୭୦୦୮୦୫୮୨୪୨ଙ୍କୁ ସମ୍ପର୍କ କରନ୍ତୁ।**

❖ ଆପଣମାନେ ଜାଣନ୍ତି ଯେ, ଶ୍ରୁତିନ୍ୟାସ ପକ୍ଷରୁ ପ୍ରତ୍ୟେକ କାର୍ଯ୍ୟକ୍ରମକୁ ବ୍ୟବସ୍ଥିତ କରିବା ପାଇଁ ଯତ୍ପରୋନାସ୍ତି ଚେଷ୍ଟା କରାଯାଏ। ଏଣୁ କାର୍ଯ୍ୟକ୍ରମର ବ୍ୟବସ୍ଥା ଦୃଷ୍ଟିରୁ ଏଥିରେ ଯୋଗ ଦେବାକୁ ଆସୁଥିବା ସଜ୍ଜନଙ୍କ ନିଶ୍ଚିତ ସଂଖ୍ୟା ପୂର୍ବରୁ ଜାଣିବା ଏକାନ୍ତ ଆବଶ୍ୟକ। ଅତଃ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗଦାନ କରିବାକୁ ଆସୁଥିବା ସଜ୍ଜନମାନେ ସ୍ୱ ଯୋଗଦାନ ବିଷୟ ୭ଦିନ ପୂର୍ବରୁ ଉପରୋକ୍ତ ଚଳଭାଷ ନମ୍ବରରେ ସୂଚିତ କରିବାକୁ ବିନୀତ ଅନୁରୋଧ।

❖ ଶିଳାନ୍ୟାସ ଅବସରରେ ଶତକୁଣ୍ଡୀୟ ଯଜ୍ଞ କରାଯିବା ପାଇଁ ସ୍ଥିର କରାଯାଇଛି। ଏଥିରେ ଭାଗନେବାକୁ ଇଚ୍ଛୁକ ପୁରୁଷମାନେ ଧଳା ଧୋତି-କୁର୍ତ୍ତା ଓ ମହିଳାମାନେ ଧଳା ଶାଢ଼ି ପରିଧାନ କରିବା ପାଇଁ ବିନମ୍ର ନିବେଦନ।

❖❖❖

# ଅଥୈକାଦଶସମୁଲ୍ଲାସାରମ୍ଭଃ

## ଅଥାଽଽର୍ଯ୍ୟାବର୍ତ୍ତୀୟମତଖଣ୍ଡନମଣ୍ଡନେ ବିଧାସ୍ୟାମଃ

ପୂର୍ବାନୁକ୍ରମିକ... **ମହର୍ଷି ଦୟାନନ୍ଦ ସରସ୍ୱତୀ**

### ଭାଗବତ ସମୀକ୍ଷା

**'ଭାଗବତ'ରେ** ସେହିଭଳି ସୃଷ୍ଟି ସର୍ଜନା ବିଷୟରେ ଉଲ୍ଲେଖ ଅଛି ଯେ — ବିଷ୍ଣୁଙ୍କ ନାଭିରୁ କମଳ, କମଳରୁ ବ୍ରହ୍ମା, ବ୍ରହ୍ମାଙ୍କ ଡାହାଣ ପାଦ ଅଙ୍ଗୁଷ୍ଠରୁ ସ୍ୱାୟଂଭୁବ ମନୁ ଓ ବାମ ପାଦ ଅଙ୍ଗୁଷ୍ଠରୁ ଶତରୂପା ରାଣୀ, ଲଲାଟରୁ ରୁଦ୍ର ଓ ମରୀଚି ଆଦି ଦଶ ପୁତ୍ର, ସେମାନଙ୍କଠାରୁ ଦକ୍ଷ ପ୍ରଜାପତି ଜାତ ହେଲେ । ଦକ୍ଷପ୍ରଜାପତିଙ୍କ ତେର ଜଣ କନ୍ୟାଙ୍କ ବିବାହ କଶ୍ୟପଙ୍କ ସହ ହେଲା । ସେହି ତେର ପତ୍ନୀ ମଧ୍ୟରୁ ଦିତିଙ୍କଠାରୁ ଦୈତ୍ୟ, ଦନୁଙ୍କଠାରୁ ଦାନବ, ଅଦିତିଙ୍କଠାରୁ ଆଦିତ୍ୟ, ବିନତାଙ୍କଠାରୁ ପକ୍ଷୀ, କଦ୍ରୂଙ୍କଠାରୁ ସାପ, ସରମାଙ୍କଠାରୁ କୁକୁର, ବିଲୁଆ ପ୍ରଭୃତି ଏବଂ ଅନ୍ୟ ପତ୍ନୀମାନଙ୍କ ଗର୍ଭରୁ ହାତୀ, ଘୋଡ଼ା, ଓଟ, ଗଧ, ମଇଁଷି, ପୋଢ଼, ସିଂହ, ତୃଣ ଓ ବବୁଲ ଆଦି କଣ୍ଟା-ଜାତୀୟ ବୃକ୍ଷ କଣ୍ଟା ସହ ଉତ୍ପନ୍ନ ହେଲେ ।

ବାଃ ରେ ବାଃ ! ଭାଗବତ ରଚନାକାର ମହାମୂର୍ଖ ! ତୁମ ନିର୍ବୋଧତାର ପଟାନ୍ତର ନାହିଁ । ଏପରି ମୂର୍ଖତାପୂର୍ଣ୍ଣ ଡାହାମିଛ କଥାଗୁଡ଼ିକ ଲେଖିବା ବେଳକୁ ତୁମକୁ ଟିକିଏ ଲାଜ-ସରମ ଲାଗିଲା ନାହିଁ ? ତୁମେ କ'ଣ ଅନ୍ଧ ହୋଇଗଲ, ତୁମକୁ ଦେଖା ବି ଯାଉନି ? ମଣିଷ ସ୍ତ୍ରୀ-ପୁରୁଷଙ୍କ ରଜ-ବୀର୍ଯ୍ୟର ସଂଯୋଗରୁ ମନୁଷ୍ୟମାନେ ସିନା ଜନ୍ମ ହୁଅନ୍ତି; କିନ୍ତୁ ପରମେଶ୍ୱରଙ୍କ ସୃଷ୍ଟିନିୟମର ବିରୁଦ୍ଧ ମନୁଷ୍ୟ ଗର୍ଭରୁ ପଶୁ, ପକ୍ଷୀ, ସାପ ପ୍ରଭୃତି ଜନ୍ମ ହେବା କ'ଣ ସମ୍ଭବ ? ତା'ଛଡ଼ା ନାରୀର ଗର୍ଭାଶୟ ଭିତରେ ହାତୀ, ଓଟ, ସିଂହ, କୁକୁର, ଗଧ ଓ ଗଛ ପ୍ରଭୃତି ରହିବାର ଅବକାଶ କାହିଁ ? ଆଉ ଗୋଟିଏ କଥା ଯେ ସିଂହ ଆଦି ଜନ୍ମ ହୋଇ ନିଜ ମଣିଷ ମାଆ-ବାପାଙ୍କୁ ଖାଇଗଲେ ନାହିଁ କିପରି ? ମନୁଷ୍ୟ ଶରୀରରୁ ପଶୁ, ପକ୍ଷୀ, ବୃକ୍ଷ ଆଦି ଜାତ ହେବା କେମିତି ସମ୍ଭବ ହୋଇପାରିବ ?

ଧିକ୍କାର ଏସବୁ ଲୋକଙ୍କ ରଚିତ ଏହି ମହା ଅସମ୍ଭବ ଲୀଳାକୁ, ଯାହାକି ସଂସାରକୁ ଏପର୍ଯ୍ୟନ୍ତ ଭ୍ରମଜାଲରେ ଛନ୍ଦି ରଖିଛି । ବଡ଼ ଆଶ୍ଚର୍ଯ୍ୟର କଥା ଯେ ଏସବୁ ଅସମ୍ଭବ ଡାହାମିଛ କଥାକୁ ସେ ଅନ୍ଧ ପୋପ୍‌ମାନେ ଏବଂ ବାହାର-ଭିତର ଆଖି ଫୁଟିଯାଇଥିବା ସେମାନଙ୍କ ଚେଲାମାନେ ଶୁଣୁଛନ୍ତି ଓ ମାନୁଛନ୍ତି । ଆଚମ୍ବିତ ଲାଗୁଛି କି ଏମାନେ ସତରେ ମଣିଷ ନା ଅନ୍ୟ କୌଣସି ଜନ୍ତୁ ? ଏହି **'ଭାଗବତ'** ଆଦି ପୁରାଣର ରଚୟିତାମାନେ ମାଆ ଗର୍ଭକୁ ଆସିବା ମାତ୍ରେ ଗର୍ଭରେ ହିଁ ନଷ୍ଟ ହୋଇନଗଲେ କାହିଁକି ? ଆଉ ଯଦି ଜନ୍ମିଲେ, ଜନ୍ମ ସମୟରେ ହିଁ ମରିନଗଲେ କାହିଁକି ? **କାରଣ ଏହି ପୋପ୍, ପ୍ରବଞ୍ଚକଙ୍କ ଦାଉରୁ ରକ୍ଷାପାଇଥିଲେ ଆର୍ଯ୍ୟାବର୍ତ୍ତ ଦେଶ ଅଯଥା ଦୁଃଖରୁ ରକ୍ଷାପାଇଯାଇଥାନ୍ତା ।**

**ପ୍ରଶ୍ନ —** ଏସବୁ କଥନରେ କୌଣସି ପାରସ୍ପରିକ ବିରୋଧ ନାହିଁ । କାରଣ କଥାରେ ଅଛି — **'ଯା'ର ବାହାଘର ତା'ର ଗୀତ ।'** ଅର୍ଥାତ୍ ବିବାହ ସମୟରେ ବରର ପ୍ରଶଂସା କରାଯାଏ । ବିଷ୍ଣୁଙ୍କୁ ସ୍ତୁତି କଲାବେଳେ ବିଷ୍ଣୁଙ୍କୁ ପରମେଶ୍ୱର ତଥା ଅନ୍ୟମାନଙ୍କୁ ତାଙ୍କ ଦାସ; ଆଉ ଯେତେବେଳେ ଶିବଙ୍କ ଗୁଣଗାନ କରିବାକୁ ଲାଗିଲେ ସେତେବେଳେ ଶିବଙ୍କୁ ପରମାତ୍ମା ଏବଂ ଅନ୍ୟ ସମସ୍ତଙ୍କୁ ତାଙ୍କ କିଙ୍କର ବୋଲି କହିଲେ । ତା'ଛଡ଼ା ପରମେଶ୍ୱରଙ୍କ ମାୟାରେ ସବୁକିଛି ସମ୍ଭବ ହୋଇପାରେ । ପରମେଶ୍ୱର ମନୁଷ୍ୟଠାରୁ ପଶୁ ଆଦି ତଥା ପଶୁ ଆଦିଙ୍କଠାରୁ ମନୁଷ୍ୟ ପ୍ରଭୃତିଙ୍କୁ ଉତ୍ପନ୍ନ କରିପାରନ୍ତି । ଦେଖ ! ବିନା କାରଣ ଦ୍ରବ୍ୟରେ ନିଜ ମାୟାଦ୍ୱାରା ସମସ୍ତ ସୃଷ୍ଟି ରଚନା କରିଦେଲେ । ତାଙ୍କ ପାଇଁ ଅସାଧ କ'ଣ ଅଛି ? ସେ ଯାହା କରିବାକୁ ଚାହିଁବେ, ତାହା କରିପାରିବେ ।

**ଉତ୍ତର —** ଆହା..ହା କି ସରଳ ତର୍କ ! ବିବାହରେ ଅବଶ୍ୟ ବରର ପ୍ରଶଂସା କରାଯାଇଥାଏ; କିନ୍ତୁ ତା' ବୋଲି ତାକୁ ସମସ୍ତଙ୍କଠାରୁ ବଡ଼ ଏବଂ ଅନ୍ୟ ସମସ୍ତଙ୍କୁ ତା'ଠାରୁ ଛୋଟ କୁହାଯାଏ ନାହିଁ କି ଅନ୍ୟମାନଙ୍କର ନିନ୍ଦା କରାଯାଏ ନାହିଁ ଅଥବା ତାକୁ ସମସ୍ତଙ୍କର ବାପା ବୋଲି ତ କୁହାଯାଏ ନାହିଁ । ପୋପ୍ ମହାଶୟ ! କୁହ ଦେଖି, ତୁମେ ଭାଟ ଓ ତୋଷାମଦକାରୀ ଚାରଣଙ୍କଠାରୁ ବଳି ଗପୁଡ଼ି ଅଟ ନା ନାହିଁ ? କାରଣ ଯେତେବେଳେ ଯାହା ପଛରେ ଚାଲ, ତାକୁ ସମସ୍ତଙ୍କଠାରୁ ବଡ଼ କରିଦିଅ, ପୁଣି ଯା'କୁ ବିରୋଧ କର, ତାକୁ ସମସ୍ତଙ୍କଠୁ ନୀଚ ବୋଲି କହିଦିଅ । ସତ୍ୟ ଓ ଧର୍ମରେ ତୁମର କ'ଣ କାମ ? ନିଜର ସ୍ୱାର୍ଥ ସାଧନ ହିଁ ତୁମର ମୁଖ୍ୟ ପ୍ରୟୋଜନ । ଦ୍ୱିତୀୟ କଥା ହେଲା ଯେ ମାୟା ମନୁଷ୍ୟଠାରେ ରହିବା ସମ୍ଭବ । ଯିଏ ଛଳ-କପଟାଚାରୀ, ତାକୁ **'ମାୟାବୀ'** କହନ୍ତି । ପରମେଶ୍ୱରଙ୍କଠାରେ ଛଳ-କପଟାଦି ଦୋଷ ନ ଥିବାରୁ ତାଙ୍କୁ 'ମାୟାବୀ' କୁହାଯାଇପାରିବ ନାହିଁ । ଯଦି ସୃଷ୍ଟି ପ୍ରାରମ୍ଭରେ କଶ୍ୟପ ଓ କଶ୍ୟପଙ୍କ ପତ୍ନୀମାନଙ୍କଠାରୁ ପଶୁ, ପକ୍ଷୀ, ସର୍ପ, ବୃକ୍ଷ ଇତ୍ୟାଦି ଜାତ ହୋଇଛନ୍ତି ତେବେ ଆଜିକାଲି ମଧ୍ୟ ମନୁଷ୍ୟ ଗର୍ଭରୁ ସେପରି ସନ୍ତାନ ଜନ୍ମ ହେଉନାହାନ୍ତି କାହିଁକି ? ଅତଏବ ସୃଷ୍ଟିକ୍ରମ ବିଷୟରେ ପୂର୍ବରୁ ଯାହା ଲେଖାଯାଇଛି ତାହା ହିଁ ଠିକ୍ । ତା'ଛଡ଼ା ଅନୁମିତ ହେଉଛି ଯେ ପୋପ୍ ମହାଶୟ ସମ୍ଭବତଃ ଏଇଠି ଧୋକାଖାଇ ଅନର୍ଗଳ ପ୍ରଳାପ କରିଛନ୍ତି —

**ତସ୍ମାତ୍ କାଶ୍ୟପ୍ୟ ଇମାଃ ପ୍ରଜାଃ ।** (ଶତ. ୭:୪:୧:୫)

ଶତପଥ ବ୍ରାହ୍ମଣରେ ଲେଖାଅଛି ଯେ ଏ ସମଗ୍ର ସୃଷ୍ଟି **'କଶ୍ୟପ'**ଙ୍କ ଦ୍ୱାରା ରଚିତ ହୋଇଛି ।

**କଶ୍ୟପଃ କସ୍ମାତ୍ ପଶ୍ୟକୋ ଭବତୀତି ।** (ନିରୁକ୍ତ. ୨:୧ ; ତୈ.ଆ. ୧:୮)

ସୃଷ୍ଟିକର୍ତ୍ତା ପରମେଶ୍ୱରଙ୍କ ନାମ ଏଇଥିପାଇଁ **'କଶ୍ୟପ'** କାରଣ ସେ **'ପଶ୍ୟକଃ'** ଅର୍ଥାତ୍ **'ପଶ୍ୟତୀତି ପଶ୍ୟଃ, ପଶ୍ୟଃ ଏବ ପଶ୍ୟକଃ'** — ଯିଏକି ନିର୍ଭ୍ରାନ୍ତ ହୋଇ ଚରାଚର ଜଗତ, ସମସ୍ତ ଜୀବ ଓ ସେମାନଙ୍କ କର୍ମ, ସକଳ ବିଦ୍ୟାକୁ ଯଥାଯଥ ରୂପେ ଦେଖନ୍ତି । **'ଆଦ୍ୟନ୍ତବିପର୍ଯ୍ୟୟଶ୍ଚ'** (ମହାଭାଷ୍ୟ. ୩:୧:୨୩) ଏହି ନିୟମ ଅନୁସାରେ ଆଦିରେ ଥିବା ଅକ୍ଷର 'ପ' ଅନ୍ତକୁ ଯିବାରୁ ଓ ଅନ୍ତରେ ଥିବା ବର୍ଣ୍ଣ 'କ' ଆଦିକୁ ଆସିବାରୁ **'ପଶ୍ୟକ'** ରୁ **'କଶ୍ୟପ'** ହୋଇଗଲା । ଏହାର ପ୍ରକୃତ ତତ୍ତ୍ୱକୁ ନ ଜାଣି, ପୁରାଣକାର ଡାଳେ ଭାଙ୍ଗ ପକେଇଦେଇ, ସୃଷ୍ଟିନିୟମ ବିରୁଦ୍ଧ କଥା ଲେଖିବାରେ ଦୁର୍ଲଭ ମନୁଷ୍ୟ ଜନ୍ମକୁ ଅଯଥା ନଷ୍ଟ କରିଦେଲେ ।

ସେହିପରି **'ମାର୍କଣ୍ଡେୟପୁରାଣ'**ର ଦୁର୍ଗାପାଠରେ ଦେବତାଙ୍କ ଶରୀରରୁ ତେଜ ବାହାରି ଏକ ଦେବୀ ରୂପ ଧାରଣ କଲା । ସେହି ଦେବୀ **'ମହିଷାସୁର'**କୁ ବଧ କଲେ । 'ରକ୍ତବୀଜ' ରାକ୍ଷସର ଶରୀରରୁ ଏକ-ଏକ ବିନ୍ଦୁ ରକ୍ତ ଭୂଇଁରେ ପଡ଼ିବାମାତ୍ରେ ସେଥିରୁ ତା'ଭଳି ରକ୍ତବୀଜ ଉତ୍ପନ୍ନ ହୋଇଯାଉଥିବାରୁ ସାରା ସଂସାରରେ ରକ୍ତବୀଜ ଭରିଯିବା, ରକ୍ତର ନଦୀ ବହିବା ଆଦି ବହୁତ ଅବାନ୍ତର ଗପ ଲେଖି ଦେଇଛନ୍ତି । (ମାର୍କଣ୍ଡେୟ. ୧:୧୩, ୩:୪୩)

ଯେତେବେଳେ 'ରକ୍ତବୀଜ' ରାକ୍ଷସର ରକ୍ତରୁ ଅସଂଖ୍ୟ ରକ୍ତବୀଜ ଜନ୍ମ ହୋଇ ସାରା ସଂସାର ରକ୍ତବୀଜରେ ଭରିଗଲା, ସେତେବେଳେ ଦେବୀ, ଦେବୀଙ୍କ ବାହନ ସିଂହ ଓ ଅନ୍ୟ ସୈନ୍ୟମାନେ କେଉଁଠି ରହିଲେ ? ଯଦି କୁହ ଯେ 'ରକ୍ତବୀଜ'ଗଣ ଦେବୀଙ୍କଠାରୁ ବହୁ ଦୂରରେ ଥିଲେ, ତେବେ ମାନିବାକୁ ହେବ ଯେ ସାରା ସଂସାର 'ରକ୍ତବୀଜ' ରାକ୍ଷସମାନଙ୍କ ଦ୍ୱାରା ଭରିଯାଇନଥିଲା । ଆଉ ଗୋଟିଏ ପ୍ରଶ୍ନ ଉଠିବ ଯେ ଯଦି ସମଗ୍ର ଜଗତ ରକ୍ତବୀଜମାନଙ୍କ ଦ୍ୱାରା ଭରିଯାଇଥିଲା, ତେବେ ପଶୁ, ପକ୍ଷୀ, ମନୁଷ୍ୟାଦି ପ୍ରାଣୀ, ଏବଂ ଜଳସ୍ଥ ମାଛ, କଇଁଛ, କୁମ୍ଭୀର ଆଦି ଜଳଜନ୍ତୁ, ଜଙ୍ଗଲ, ବୃକ୍ଷ-ବନସ୍ପତି ପ୍ରଭୃତି କେଉଁଠି ଥିଲେ ? ବୁଝିବାକୁ ହେବ ଯେ ଏମାନେ ସବୁ ନିଶ୍ଚିତ ରୂପେ 'ଦୁର୍ଗାପାଠ'ର ଲେଖକଙ୍କ ଘରକୁ ପଳେଇଥିବେ । ଦେଖନ୍ତୁ ! କେମିତି ଅସମ୍ଭବ କଥାର କାହାଣୀସବୁ ଭାଙ୍ଗ ନିଶାରେ ଲେଖିଦେଇଛନ୍ତି, ଯାହାରକି କିଛି ଅଗମୂଳ ନାହିଁ ।

ଯାହାକୁ **'ଶ୍ରୀମଦ୍‌ଭାଗବତ'** ବୋଲି କୁହାଯାଉଛି, ବର୍ତ୍ତମାନ ତାହାର ଲୀଳା ଶୁଣ । ନାରାୟଣ ଚାରିଗୋଟି

ଶ୍ଲୋକରେ ବ୍ରହ୍ମାଙ୍କୁ ଭାଗବତ ଶିକ୍ଷା ଦେଇଥିଲେ —

**ଜ୍ଞାନଂ ପରମଗୁହ୍ୟଂ ମେ ଯଦ୍‌ବିଜ୍ଞାନସମନ୍ୱିତମ୍ ।**
**ସରହସ୍ୟଂ ତଦଙ୍ଗଞ୍ଚ ଗୃହାଣ ଗଦିତଂ ମୟା ॥** (ଭାଗବତ. ୨:୯:୩୦)

ହେ ବ୍ରହ୍ମା ! ମୋର ପରମଗୁହ୍ୟ ଜ୍ଞାନ, ଯାହା କି ବିଜ୍ଞାନ ଓ ରହସ୍ୟଯୁକ୍ତ ଏବଂ ଧର୍ମ-ଅର୍ଥ-କାମ-ମୋକ୍ଷର ଅଙ୍ଗ ବା ସାଧନ, ତାହାକୁ ତୁମେ ମୋଠାରୁ ଗ୍ରହଣ କର ।

ଏ ଶ୍ଲୋକରେ ଯେହେତୁ ଏହାକୁ ବିଜ୍ଞାନଯୁକ୍ତ ଜ୍ଞାନ ବୋଲି କହିଛନ୍ତି, ତେଣୁ ପୁଣି 'ପରମ' ଅର୍ଥାତ୍ ଶ୍ରେଷ୍ଠ ବୋଲି ଜ୍ଞାନର ବିଶେଷଣ ରଖିବା ନିରର୍ଥକ । ତା'ଛଡ଼ା 'ଗୁହ୍ୟ' ବିଶେଷଣ ଥିବାବେଳେ 'ରହସ୍ୟ' ଲେଖିବା ଅନାବଶ୍ୟକ, ଏହା ପୁନରୁକ୍ତ ମାତ୍ର । ଯେଉଁଠି ମୂଳ ଶ୍ଲୋକ ହିଁ ଅନର୍ଥକ ସେ କ୍ଷେତ୍ରରେ ସମସ୍ତ ଗ୍ରନ୍ଥ ଅନର୍ଥକ କେମିତି ନ ହେବ ? **ଭାଗବତର ମୂଳ ହିଁ ଯେତେବେଳେ ମିଥ୍ୟା, ସେତେବେଳେ ସେ ବୃକ୍ଷ ମିଥ୍ୟା କାହିଁକି ନ ହେବ ?** ନାରାୟଣ ବ୍ରହ୍ମାଙ୍କୁ ବର ଦେଲେ —

**ଭବାନ୍ କଳ୍ପବିକଳ୍ପେଷୁ ନ ବିମୁହ୍ୟତି କର୍ହିଚିତ୍ ।** (ଭାଗବତ. ୨:୯:୩୬)

ଆପଣ କଳ୍ପ ଅର୍ଥାତ୍ ସୃଷ୍ଟି ଏବଂ ବିକଳ୍ପ ଅର୍ଥାତ୍ ପ୍ରଳୟରେ କଦାପି ମୋହଗ୍ରସ୍ତ ହେବେ ନାହିଁ । ଭାଗବତକାର ଏପରି ଲେଖି ପୁନଃ ଦଶମସ୍କନ୍ଧରେ ବ୍ରହ୍ମା ମୋହିତ ହୋଇ ବତ୍ସାହରଣ କରିବା କଥା ଲେଖିଛନ୍ତି । ଏ ଦୁଇଟି କଥା ମଧ୍ୟରୁ ଗୋଟିଏ ସତ ହେଲେ ଅନ୍ୟଟି ମିଛ । ଏପରି ଭାବେ ଦୁଇଟି ଯାକ କଥା ମିଛ । ଦ୍ୱିତୀୟତଃ, ବୈକୁଣ୍ଠରେ ଯଦି ରାଗ, ଦ୍ୱେଷ, କ୍ରୋଧ, ଈର୍ଷ୍ୟା ଓ ଦୁଃଖ ନାହିଁ, ତେବେ ସନକାଦିଙ୍କ ଭିତରେ ବୈକୁଣ୍ଠର ଦ୍ୱାରରେ କ୍ରୋଧ କିପରି ଉତ୍ପନ୍ନ ହେଲା ? ଯଦି କ୍ରୋଧ ଜାତ ହେଲା, ତେବେ ତାହା ବୈକୁଣ୍ଠ ହିଁ ନୁହେଁ । ଯେହେତୁ ଜୟ-ବିଜୟ ସେଠାରେ ଦ୍ୱାରପାଳ ଥିଲେ, ତେଣୁ ସ୍ୱାମୀଙ୍କ ଆଜ୍ଞା ପାଳନ କରିବା ସେମାନଙ୍କର ପରମ କର୍ତ୍ତବ୍ୟ ଥିଲା । କର୍ତ୍ତବ୍ୟ ଦୃଷ୍ଟିରୁ ସେମାନେ ସନକାଦିଙ୍କୁ ଭିତରକୁ ଛାଡ଼ିଲେ ନାହିଁ ତ ସେମାନଙ୍କର ଅପରାଧ କ'ଣ ? ବିନା ଅପରାଧରେ ସେମାନଙ୍କ ଉପରେ ଅଭିଶାପ ପ୍ରଯୁଜ୍ୟ ହୋଇପାରିବ ନାହିଁ । ତଥାପି ତାଙ୍କୁ ଶାପ ଦିଆଗଲା ଯେ 'ତୁମେ ପୃଥିବୀରେ ପତିତ ହୁଅ ।' ଏହି କଥନରୁ ଜଣାଯାଉଛି ଯେ ସେଠାରେ ପୃଥିବୀ ନ ଥିବ । ସେଠାରେ କେବଳ ଆକାଶ, ବାୟୁ, ଅଗ୍ନି ଓ ଜଳ ଏ ଚାରୋଟି ରହିଥିବ । ଯଦି ଏପରି ହୋଇଥାଏ, ତେବେ ଦ୍ୱାର, ମନ୍ଦିର ଓ ଜଳ କାହା ଆଧାରରେ ରହିଥିଲା ? ପୁଣି ଜୟ-ବିଜୟ ସନକାଦିଙ୍କୁ ସ୍ତୁତି କଲେ — 'ମହାଭାଗ ! ଆମେ ପୁଣି ବୈକୁଣ୍ଠକୁ କେବେ ଫେରିଆସିବୁ ?' ସେମାନେ ଜୟ-ବିଜୟଙ୍କୁ କହିଲେ — 'ଯଦି ପ୍ରେମ ପୂର୍ବକ ନାରାୟଣଙ୍କ ଭକ୍ତି କରିବ ତେବେ ସାତ ଜନ୍ମରେ ବୈକୁଣ୍ଠ ପ୍ରାପ୍ତ ହେବ । ଏବଂ ଯଦି ଶତ୍ରୁ ରୂପେ ଭକ୍ତି କରିବ ତେବେ ତିନି ଜନ୍ମରେ ବୈକୁଣ୍ଠ ପ୍ରାପ୍ତ ହେବ ।'

ଏଠାରେ ବିଚାରଣୀୟ ବିଷୟ ହେଲା ଯେ ଜୟ-ବିଜୟ ନାରାୟଣଙ୍କ ଭୃତ୍ୟ ଥିଲେ । ସେମାନଙ୍କ ରକ୍ଷା ଓ ସହାୟତା କରିବା ନାରାୟଣଙ୍କ କର୍ତ୍ତବ୍ୟ କର୍ମ ଥିଲା । ଯଦି କେହି ଅନ୍ୟ କାହାର ଭୃତ୍ୟଙ୍କୁ ବିନା ଅପରାଧରେ ଦୁଃଖ ଦିଅନ୍ତି, ଏବଂ ସେହି ଦୁଃଖଦାତାଙ୍କୁ ସେ ଭୃତ୍ୟଙ୍କ ସ୍ୱାମୀ ଦଣ୍ଡ ନ ଦିଅନ୍ତି ତେବେ ଯେ କେହି ମଧ୍ୟ ସେ ଭୃତ୍ୟମାନଙ୍କ ଦୁର୍ଦ୍ଦଶା କରିଦେବ । ନାରାୟଣଙ୍କ ପକ୍ଷେ ଉଚିତ ଥିଲା ଯେ ସେ ଜୟ-ବିଜୟଙ୍କ ସତ୍କାର କରିଥାନ୍ତେ ଓ ସନକାଦିଙ୍କୁ ଖୁବ୍ ଦଣ୍ଡ ଦେଇଥାନ୍ତେ । କାରଣ ସେମାନେ ଭିତରକୁ ଆସିବାକୁ ଜିଦ୍ କାହିଁକି କଲେ ? ପୁଣି ଚାକର(ଦ୍ୱାରପାଳ)ଙ୍କ ସହ କାହିଁକି ଝଗଡ଼ା କଲେ ? ତାଙ୍କୁ କାହିଁକି ଅଭିଶାପ ଦେଲେ ? ଏହି ଅପରାଧ ପାଇଁ ଜୟ-ବିଜୟଙ୍କ ପରିବର୍ତ୍ତେ ସନକାଦିଙ୍କୁ ପୃଥିବୀ ପୃଷ୍ଠରେ ପକାଇ ଦେବା ନାରାୟଣଙ୍କ ପକ୍ଷେ ନ୍ୟାୟୋଚିତ କାର୍ଯ୍ୟ ଥିଲା । ଆଉ ଯଦି ସ୍ୱୟଂ ନାରାୟଣଙ୍କ ଘର ହିଁ ଏମିତି ଅନ୍ଧାର, ଏଇଠି ହିଁ ଏମିତି ଓଲଟା ନ୍ୟାୟ ହୁଏ, ତେବେ ତାଙ୍କ ସେବକ, ଯେଉଁମାନେ **'ବୈଷ୍ଣବ'** ବୋଲାଇଥାନ୍ତି, ସେମାନଙ୍କ ଯେତିକି ଦୁର୍ଦ୍ଦଶା ହେବ, ତାହା କମ୍ ବୋଲି ହିଁ ବିଚାରିବାକୁ ହେବ ।

ତା'ପରେ ସେ ଜୟ-ବିଜୟ ଦୁହେଁ **'ହିରଣ୍ୟାକ୍ଷ'** ଓ **'ହିରଣ୍ୟକଶିପୁ'** ହୋଇ ଜନ୍ମ ହେଲେ । ହିରଣ୍ୟାକ୍ଷକୁ

ବରାହ ମାରିଲେ । ସେ ବିଷୟରେ ଏଭଳି କାହାଣୀ ଲେଖାଯାଇଛି ଯେ – ହିରଣ୍ୟାକ୍ଷ ପୃଥିବୀକୁ ଚଟାଇ ଭଳି ଗୁଡ଼ାଇ ମୁଣ୍ଡ ତଳେ ଦେଇ ଶୋଇଗଲା । ବିଷ୍ଣୁ ବରାହ ରୂପ ଧାରଣ କରି ତା' ମୁଣ୍ଡତଳୁ ପୃଥିବୀକୁ ଦାନ୍ତରେ ଉଠାଇ ଆଣିଲେ । ହିରଣ୍ୟାକ୍ଷ ଉଠିଗଲା । ଉଭୟଙ୍କ ମଧ୍ୟରେ ଯୁଦ୍ଧ ହେଲା । ବରାହ ହିରଣ୍ୟାକ୍ଷକୁ ମାରିଦେଲେ ।

ଏହି ପୋପ୍‌ମାନଙ୍କୁ କେହି ପଚାରିବା ଉଚିତ ଯେ ପୃଥିବୀ ଗୋଲ ନା ଚଟାଇ ଭଳି ? ଏହାର ଉତ୍ତରରେ ସେମାନେ କିଛି କହିପାରିବେ ନାହିଁ । ଯେହେତୁକି ପୌରାଣିକମାନେ 'ଭୂଗୋଳ-ବିଦ୍ୟା'ର ଶତ୍ରୁ । ଆଚ୍ଛା, ହିରଣ୍ୟାକ୍ଷ ଯଦି ପୃଥିବୀକୁ ଗୁଡ଼ାଇ ତକିଆ କରି ମୁଣ୍ଡ ତଳେ ଦେଇଥିଲା, ତେବେ ସେ କାହା ଉପରେ ଶୋଇଥିଲା ? ପୁଣି ବରାହ ଅବତାର କାହା ଉପରେ ପାଦ ଦେଇ ଦୌଡ଼ି ଆସିଲେ ? ଦ୍ୱିତୀୟରେ, ପୃଥିବୀକୁ ତ ବରାହ ମୁହଁରେ ଧାରଣ କରିଥିଲେ, ଫେରେ ସେ ଦୁଇ ଜଣ କାହା ଉପରେ ଠିଆ ହୋଇ ଯୁଦ୍ଧ କଲେ ? ସେଠାରେ ତ ଠିଆ ହେବା ପାଇଁ ଅନ୍ୟ କୌଣସି ସ୍ଥାନ ନଥିଲା । ଓ ହୋ ! ତା'ହେଲେ ଭାଗବତାଦି ପୁରାଣ ଲେଖକ ପୋପ୍‌ଙ୍କ ଛାତି ଉପରେ ଠିଆ ହୋଇ ବୋଧହୁଏ ଯୁଦ୍ଧ କରିଥିବେ ! କିନ୍ତୁ ସେ କ୍ଷେତ୍ରରେ ପୋପ୍ ମହୋଦୟ କାହା ଉପରେ ଶୋଇଥିବେ ? ଏ କଥା — **'ମିଛୁଆ ଘରେ ଗାଲୁଆ ପହଞ୍ଚିଲେ, କହିଲେ କ'ଣ ଖବର'** ଭଳି ଅର୍ଥାତ୍ ମିଛୁଆଙ୍କ ଘରକୁ ଅନ୍ୟ ଗାଲୁପେଲିବା ଲୋକ ପହଞ୍ଚିଲେ, ଯେମିତି ଗାଲୁ ଗପର ଅସରନ୍ତି ଭଣ୍ଡାର ଖୋଲିଯାଏ, ଏହା ସେହିଭଳି କଥା ।

ବର୍ତ୍ତମାନ ରହିଲା **ହିରଣ୍ୟକଶିପୁ** କଥା । ତା' ପୁଅ **'ପ୍ରହ୍ଲାଦ'** ଭକ୍ତ ହୋଇଥିଲା । ତା' ପିତା ତାକୁ ପାଠ ପଢ଼ିବାକୁ ପାଠଶାଳାକୁ ପଠାଇଲେ । ବିଦ୍ୟାଳୟକୁ ଯାଇ ସେ ଶିକ୍ଷକଙ୍କୁ କହୁଥିଲା ଯେ— "ମୋ ସିଲଟରେ 'ବିଷ୍ଣୁ-ବିଷ୍ଣୁ' ଲେଖି ଦିଅ ।" ତା' ବାପାଙ୍କ କାନରେ ଯେତେବେଳେ ଏକଥା ପଡ଼ିଲା ସେ କହିଲେ— 'ଆମର ଶତ୍ରୁର ନାମକୁ ତୁ କାହିଁକି ଭଜୁଛୁ ?' ପୁଅ ବାପାଙ୍କ କଥା ମାନିଲା ନାହିଁ । ତା' କାମରେ ମାତିଲା । ତେଣୁ ତା' ବାପା ତା' ହାତଗୋଡ଼ ବାନ୍ଧି ଦେଇ ପାହାଡ଼ ଉପରୁ ତଳକୁ ଫିଙ୍ଗିଦେଲା, ପୁଣି କୂଅରେ ପକେଇଦେଲା; ତଥାପି ପ୍ରହ୍ଲାଦର କୌଣସି ହାନି ହେଲା ନାହିଁ । ତା'ପରେ ହିରଣ୍ୟକଶିପୁ ଏକ ଲୁହାର ଖମ୍ବକୁ ଉତ୍ତପ୍ତ କରି ପୁଅକୁ କହିଲା — "ଯଦି ତୋର ଇଷ୍ଟ ଦେବ 'ହରି' ସତ୍ୟ ଅଟେ ତେବେ ଏ ଖମ୍ବକୁ ଆଲିଙ୍ଗନ କଲେ ମଧ୍ୟ ତୁ ପୋଡ଼ିହେବୁ ନାହିଁ ।" ଖମ୍ବକୁ ଧରିବାକୁ ପ୍ରହ୍ଲାଦ ଆଗକୁ ବଢ଼ିଲା । ତା'ପରେ ମନରେ ଆଶଙ୍କା ହେଲା ଯେ — 'ଏ ଖମ୍ବକୁ ଧରିଲେ ମୁଁ ଆଉ ବଞ୍ଚିବି ନା ନାହିଁ ?' ନାରାୟଣ ସେହି ଖମ୍ବ ଉପରେ ପିମ୍ପୁଡ଼ି ଧାର ଚଲାଇଲେ । ତା' ମନରୁ ଡର ଦୂର ହୋଇଗଲା, ତା'ର ଦୃଢ଼ ଧାରଣା ହେଲା ଯେ ଏଠାରେ ହରି ଅଛନ୍ତି, ସେ ତୁରନ୍ତ ସ୍ତମ୍ଭକୁ ଜାବୁଡ଼ି ଧରିଲା । ତତ୍‌କ୍ଷଣାତ୍ ସେହି ସ୍ତମ୍ଭ ବିଦୀର୍ଣ୍ଣ ହୋଇଗଲା । ତା' ଭିତରୁ ନୃସିଂହ ବାହାରିଲେ ଓ ହିରଣ୍ୟକଶିପୁକୁ ଧରି ତା' ପେଟକୁ ଚିରି ତାକୁ ମାରିପକାଇଲେ । ତା'ପରେ ପ୍ରହ୍ଲାଦକୁ ସ୍ନେହରେ ଗେଲ କରିବାକୁ ଲାଗିଲେ । ପ୍ରହ୍ଲାଦକୁ କହିଲେ — 'ବର ମାଗ' । ସେ ନିଜ ପିତାଙ୍କ ସଦ୍‌ଗତିର ବର ମାଗିଲା । ନୃସିଂହ ବର ଦେଲେ — 'ତୁମର ଏକୋଇଶ ପୁରୁଷ ସଦ୍‌ଗତି ଲାଭ କଲେ ।'

ବର୍ତ୍ତମାନ ବିଚାର କରନ୍ତୁ ! ଏହା ମଧ୍ୟ ଗପର ଭାଇ ଆଉ ଏକ ଗାଲୁ । କୌଣସି **'ଭାଗବତ'** ପାଠକ, ପ୍ରବାଚକ ବା ଶ୍ରୋତାକୁ ଧରି ପାହାଡ଼ ଉପରୁ ଫିଙ୍ଗି ଦିଆଯାଉ ଦେଖିବେ କୋଉ ନାରାୟଣ ମଧ୍ୟ ବଞ୍ଚାଇବେ ନାହିଁ, ବରଂ ସେ ପଡ଼ି ଛତୁ ହୋଇଯିବ । ପ୍ରହ୍ଲାଦକୁ ତା' ବାପା ପାଠ ପଢ଼ିବାକୁ ପଠାଉଥିଲେ, କ'ଣ ଖରାପ କାମ କରିଥିଲେ ? ଆଉ ସେ ପ୍ରହ୍ଲାଦ ଏଡ଼େ ମୂର୍ଖ ଥିଲା ଯେ, ପାଠପଢ଼ା ଛାଡ଼ି ହରିନାମ କୀର୍ତ୍ତନରେ ମାତିଲା । 'ଉତ୍ତପ୍ତ ଖମ୍ବ ଉପରେ ପିମ୍ପୁଡ଼ି ଧାଡ଼ି ଚାଲିଲା ଏବଂ ସେ ଖମ୍ବକୁ ଧରିବା ସତ୍ତ୍ୱେ ପ୍ରହ୍ଲାଦ ପୋଡ଼ିହେଲା ନାହିଁ' – ଏହି କଥାକୁ ଯିଏ ସତ ବୋଲି ମାନୁଛି ତାକୁ ମଧ୍ୟ ତାତିଲା ଖମ୍ବରେ ବାନ୍ଧି ଦେବା ଉଚିତ । ଯଦି ଏ ଲୋକ ପୋଡ଼ିଯିବ ନାହିଁ ତେବେ ମାନିବାକୁ ହେବ ଯେ ପ୍ରହ୍ଲାଦ ମଧ୍ୟ ପୋଡ଼ି ଯାଇ ନ ଥିବ । ତା'ଛଡ଼ା ସେ ଖମ୍ବ ଭିତରେ ଯଦି ନୃସିଂହ ଥିଲେ ତେବେ ସେ କେମିତି ଜଳିଗଲେ ନାହିଁ ?

ଜୟ-ବିଜୟ ତୃତୀୟ ଜନ୍ମରେ ବୈକୁଣ୍ଠକୁ ଫେରିଆସିବେ ବୋଲି ପୂର୍ବରୁ ସନକାଦି ବର ଦେଇଥିଲେ । କ'ଣ ସେ କଥାକୁ ତୁମ ନାରାୟଣ ଭୁଲିଗଲେ ? **'ଭାଗବତ'**ର ବର୍ଣ୍ଣନା ଅନୁସାରେ ବ୍ରହ୍ମା, ପ୍ରଜାପତି, କଶ୍ୟପ, ତା'ପରେ ଚତୁର୍ଥ ପିଢ଼ିରେ ହେଲେ ହିରଣ୍ୟାକ୍ଷ ଓ ହିରଣ୍ୟକଶିପୁ । ପ୍ରହ୍ଲାଦର ଏକୋଇଶ ପିଢ଼ି ଜନ୍ମ ହିଁ ହୋଇନଥିଲେ, ପୁଣି 'ଏକୋଇଶ ପୁରୁଷ ସଦ୍‌ଗତି ପ୍ରାପ୍ତ ହେଲେ' ବୋଲି କହିବା କେଡ଼େ ବଡ଼ ପ୍ରମାଦ ! ଦ୍ୱିତୀୟତଃ, ସେହି ଜୟ-ବିଜୟ ହିଁ ହିରଣ୍ୟାକ୍ଷ ଓ ହିରଣ୍ୟକଶିପୁ ହେବା ପରେ ପୁଣି ରାବଣ-କୁମ୍ଭକର୍ଣ୍ଣ, ତା'ପରେ ଶିଶୁପାଳ-ଦନ୍ତବକ୍ର ରୂପେ ଜନ୍ମ ହେଲେ ତ ନୃସିଂହଙ୍କ ବର କୁଆଡ଼େ ଉଡ଼ିଗଲା ? ବୁଦ୍ଧିହୀନ, ନିର୍ବୋଧ ଲୋକମାନେ ହିଁ ଏଭଳି ପ୍ରମାଦପୂର୍ଣ୍ଣ କଥା କହନ୍ତି, ଶୁଣନ୍ତି ଓ ମାନନ୍ତି; ବୁଦ୍ଧିମାନ୍, ବିଦ୍ୱାନ୍ ଲୋକେ ଏପରି କରନ୍ତି ନାହିଁ ।

ବର୍ତ୍ତମାନ ପୂତନା ଓ ଅକ୍ରୂରଙ୍କ ବିଷୟ ଦେଖନ୍ତୁ —

**ଜଗାମ ଗୋକୁଲଂ ପ୍ରତି ।** (ଭାଗବତ. ୧୦:୩୮:୧)

**ରଥେନ ବାୟୁବେଗେନ ।** (ଭାଗବତ. ୧୦:୩୯:୩୮)

କଂସର ଆଦେଶରେ ଅକ୍ରୂର ବାୟୁବେଗରେ ଧାବମାନ ହେଉଥିବା ଘୋଡ଼ା ଯୋଚହୋଇଥିବା ରଥରେ ବସି ସୂର୍ଯ୍ୟୋଦୟ ସମୟରେ ମଥୁରାରୁ ବାହାରିଲେ ଏବଂ ଚାରି ମାଇଲ ଦୂରରେ ଥିବା ଗୋକୁଳରେ ସୂର୍ଯ୍ୟାସ୍ତ ସମୟରେ ପହଞ୍ଚିଲେ । ମାତ୍ର ଚାରିମାଇଲ ବାଟ ଅତିକ୍ରମ କରିବା ପାଇଁ ବାୟୁବେଗରେ ଦୌଡୁଥିବା ଘୋଡ଼ାମାନଙ୍କୁ ପୂରା ଦିନ ଲାଗିଲା ! ବୋଧହୁଏ ଘୋଡ଼ାମାନେ ଭାଗବତର ରଚନାକାରଙ୍କୁ ପ୍ରଦକ୍ଷିଣ କରୁଥିଲେ ! ଅଥବା ବାଟ ଭୁଲିଯାଇ ରଥର ସାରଥୀ ଓ ଅକ୍ରୂର ସମ୍ଭବତଃ ଭାଗବତର ରଚନାକାରଙ୍କ ଘରେ ଶୋଇପଡ଼ିଥିଲେ ?

**ପୂତନା**ର ଶରୀର ଛଅ କୋଶ ଚଉଡ଼ା ଓ ବହୁତ ଲମ୍ବା ଥିଲା ବୋଲି ଲେଖାଯାଇଛି । ଶ୍ରୀକୃଷ୍ଣ ପୂତନାକୁ ମାରି ମଥୁରା ଓ ଗୋପପୁର ମଧ୍ୟରେ ପକାଇ ଦେଲେ । ଯଦି ପୂତନା ଏମିତି ହୋଇଥିବ ତେବେ ମଥୁରା ଓ ଗୋପ ଦୁଇଟି ଯାକ ତା' ଦେହ ତଳେ ଦବି ହୋଇଯିବା ସହ ଏହି ଭାଗବତ ଲେଖକ ପୋପ୍‌ଙ୍କ ଘର ମଧ୍ୟ ପୋତି ହୋଇଯାଇଥିବ ।

**ଅଜାମିଳ**ର କଥା ମଧ୍ୟ ଅସମ୍ଭବ ଢଙ୍ଗରେ ଲେଖାଯାଇଛି — ନାରଦଙ୍କ କହିବା ଅନୁସାରେ ଅଜାମିଳ ନିଜ ପୁଅର ନାମ 'ନାରାୟଣ' ରଖିଥିଲା । ମଲା ବେଳକୁ ନିଜ ପୁଅକୁ ଡାକିଲା । ସ୍ୱୟଂ ନାରାୟଣ ମଝିରେ ପଶିଆସିଲେ । ଆଚ୍ଛା, ନାରାୟଣ ପରା ଅନ୍ତର୍ଯ୍ୟାମୀ ! କ'ଣ ନାରାୟଣ ଅଜାମିଳର ହୃଦୟର ଭାବନାକୁ ଜାଣିପାରିଲେ ନାହିଁ ଯେ ସେ ନିଜ ପୁଅକୁ ଡାକୁଛି, ମୋତେ ଡାକୁନାହିଁ ? ଆଉ ନାମର ଯଦି ପ୍ରକୃତରେ ଏପରି ମାହାତ୍ମ୍ୟ ଅଛି, ତେବେ ଆଜିକାଲି ବି ନାରାୟଣଙ୍କୁ ସ୍ମରଣ କରୁଥିବା ଲୋକଙ୍କ ଦୁଃଖ ଦୂର କରିବା ପାଇଁ ନାରାୟଣ କାହିଁକି ଆସୁନାହାନ୍ତି ? ଯଦି ଏକଥା ସତ, ତେବେ ବନ୍ଦୀମାନେ 'ନାରାୟଣ-ନାରାୟଣ' ଜପ କରି କାରାଗାରରୁ କାହିଁକି ମୁକ୍ତ ହୋଇ ଯାଉନାହାନ୍ତି ?

ଏପରି **ସୁମେରୁ** ପର୍ବତର ପରିମାଣ **'ଜ୍ୟୋତିଷ ଶାସ୍ତ୍ର'**ର କଥନର ବିରୁଦ୍ଧ ଲେଖାଯାଇଛି । **ପ୍ରିୟବ୍ରତ** ରାଜାଙ୍କ ରଥ ଚକର ଚଲାବାଟ ଦ୍ୱାରା ସମୁଦ୍ର ଉତ୍ପନ୍ନ ହୋଇଛି, ପୃଥିବୀର ପରିମାଣ ପଚାଶ କୋଟି ଯୋଜନ ଇତ୍ୟାଦି କେତେ ଯେ ମିଛ କଥା, ଗାଲୁ ଗପ **ଭାଗବତ**ରେ ଭରି ରହିଛି ତା'ର କୌଣସି ଇୟତ୍ତା ନାହିଁ ।

ଏହି ଭାଗବତ ପୁରାଣ 'ବୋପଦେବ' ରଚନା କରିଛନ୍ତି, ଯାହାଙ୍କ ଭାଇ 'ଜୟଦେବ' କି 'ଗୀତଗୋବିନ୍ଦ' ରଚନା କରିଛନ୍ତି । ଦେଖନ୍ତୁ, ସେ ଏହି ମର୍ମରେ କିଛି ଶ୍ଳୋକ ସ୍ୱରଚିତ **'ହିମାଦ୍ରି'** ନାମକ ଗ୍ରନ୍ଥରେ ସେ ଲେଖିଛନ୍ତି । ସେ ଲେଖିଛନ୍ତି ଯେ **'ଶ୍ରୀମଦ୍‌ଭାଗବତ'** ମୁଁ ରଚନା କରିଛି । ସେହି ଲେଖାର ତିନୋଟି ପତ୍ର(ପୃଷ୍ଠା) ମାତ୍ର ମୋ ନିକଟରେ ଥିଲା । ତନ୍ମଧ୍ୟରୁ ଗୋଟିଏ ପୃଷ୍ଠା ହଜିଗଲା । ସେହି ପତ୍ରରେ ଥିବା ଶ୍ଳୋକର ଯେଉଁ ଆଶୟ ଥିଲା ସେହି ଆଶୟକୁ ଦୁଇଟି ଶ୍ଳୋକ ରଚନା କରି ମୁଁ ନିମ୍ନରେ ପ୍ରଦାନ କରିଛି । ଯିଏ ମୂଳ ଶ୍ଳୋକ ଦେଖିବାକୁ ଚାହାନ୍ତି, ସେମାନେ **'ହିମାଦ୍ରି'** ଗ୍ରନ୍ଥରେ ଦେଖନ୍ତୁ ।

**ହିମାଦ୍ରେଃ ସଚିବସ୍ୟାର୍ଥେ ସୂଚନା କ୍ରିୟତେଽଧୁନା ।**
**ସ୍କନ୍ଧାଽଧ୍ୟାୟକଥାନାଂ ଚ ଯତ୍ପ୍ରମାଣଂ ସମାସତଃ ॥ ୧ ॥**
**ଶ୍ରୀମଦ୍‌ଭାଗବତଂ ନାମ ପୁରାଣଂ ଚ ମୟେରିତମ୍ ।**
**ବିଦୁଷା ବୋପଦେବେନ ଶ୍ରୀକୃଷ୍ଣସ୍ୟ ଯଶୋନ୍ୱିତମ୍ ॥ ୨ ॥**

ନଷ୍ଟ ହୋଇଯାଇଥିବା ପତ୍ରରେ ଏହିଭଳି ଶ୍ଳୋକ ଥିଲା । ଏହାର ଅର୍ଥ ହେଲା ଯେ ରାଜାଙ୍କ ସଚିବ ହିମାଦ୍ରି ବୋପଦେବ ପଣ୍ଡିତଙ୍କୁ କହିଲେ — 'ଆପଣଙ୍କ ରଚିତ ଶ୍ରୀମଦ୍‌ଭାଗବତକୁ ସମ୍ପୂର୍ଣ୍ଣ ରୂପେ ଶୁଣିବା ପାଇଁ ମୋର ଅବକାଶ ନାହିଁ । ଏଣୁ ଆପଣ ସଂକ୍ଷେପରେ ଶ୍ଳୋକବଦ୍ଧ ସୂଚୀପତ୍ର ତିଆରି କରିଦିଅନ୍ତୁ, ଯାହାକୁ ଦେଖି ମୁଁ ଶ୍ରୀମଦ୍‌ଭାଗବତର ବିଷୟବସ୍ତୁ ସଂକ୍ଷେପରେ ଜାଣିପାରିବି ।' ତେଣୁ ନିମ୍ନରେ ପ୍ରଦତ୍ତ ସୂଚୀପତ୍ର ବୋପଦେବ ଲେଖିଥିଲେ । ଉକ୍ତ ସୂଚୀପତ୍ରର ନବମ ଶ୍ଳୋକ ପର୍ଯ୍ୟନ୍ତ ହଜିଯାଇଥିବା ପୃଷ୍ଠାରେ ରହିଥିଲା । ତେଣୁ ଏଠାରେ ଦଶମ ଶ୍ଳୋକଠାରୁ ଉଲ୍ଲେଖ କରାଯାଉଛି । **ନିମ୍ନରେ ପ୍ରଦତ୍ତ ସବୁ ଶ୍ଳୋକ ବୋପଦେବ ରଚନା କରିଛନ୍ତି —**

**ବୋଧୟନ୍ତୀତି ହି ପ୍ରାହୁଃ ଶ୍ରୀମଦ୍‌ଭାଗବତଂ ପୁନଃ ।**
**ପଞ୍ଚ ପ୍ରଶ୍ନାଃ ଶୌନକସ୍ୟ ସୂତସ୍ୟାତ୍ରୋତ୍ତରଂ ତ୍ରିଷୁ ॥ ୧୦ ॥**
**ପ୍ରଶ୍ନାବତାରୟୋଶ୍ଚୈବ ବ୍ୟାସସ୍ୟାନିର୍ବୃତିଃ କୃତାତ୍ ।**
**ନାରଦସ୍ୟାତ୍ର ହେତୂକ୍ତିଃ ପ୍ରତୀତ୍ୟର୍ଥଂ ସ୍ୱଜନ୍ମ ଚ ॥ ୧୧ ॥**
**ସୁପ୍ତଘ୍ନଂ ଦ୍ରୋଣ୍ୟଭିଭବସ୍ତଦସ୍ତ୍ରାତ୍ ପାଣ୍ଡବା ବନମ୍ ।**
**ଭୀଷ୍ମସ୍ୟ ସ୍ୱପଦପ୍ରାପ୍ତିଃ କୃଷ୍ଣସ୍ୟ ଦ୍ୱାରକାଗମଃ ॥ ୧୨ ॥**
**ଶ୍ରୋତୁଃ ପରୀକ୍ଷିତୋ ଜନ୍ମ ଧୃତରାଷ୍ଟ୍ରସ୍ୟ ନିର୍ଗମଃ ।**
**କୃଷ୍ଣମର୍ତ୍ତ୍ୟତ୍ୟାଗସୂଚା ତତଃ ପାର୍ଥମହାପଥଃ ॥ ୧୩ ॥**
**ଭୂଧର୍ମୟୋଃ କଲେର୍ଭୀତିସ୍ତତସ୍ତ୍ରାଣଂ ପରୀକ୍ଷିତା ।**
**ପରୀକ୍ଷିତୋ ବ୍ରହ୍ମଶାପଃ ପ୍ରାୟେଣ ଶୁକସଂଗମଃ ॥ ୧୪ ॥**
**ଇତ୍ୟଷ୍ଟାଦଶଭିଃ ପାଦୈରଧ୍ୟାୟାର୍ଥଃ କ୍ରମାତ୍ ସ୍ମୃତଃ ।**
**ସ୍ୱପରପ୍ରତିବନ୍ଧୋନଂ ସ୍ଫୀତଂ ରାଜ୍ୟଂ ଜହୌ ନୃପଃ ॥ ୧୫ ॥**
**ଇତି ବୈ ରାଜ୍ଞୋ ଦାର୍ଢ୍ୟୋକ୍ତୌ ପ୍ରୋକ୍ତା ଦ୍ରୌଣିଜୟାଦୟଃ ॥ ୧୬ ॥**
**ଇତି ପ୍ରଥମଃ ସ୍କନ୍ଧଃ ॥ ୧ ॥**

ଏହିପରି ପଣ୍ଡିତ ବୋପଦେବ ବାରସ୍କନ୍ଧର ସୂଚୀପତ୍ର ରଚନା କରି ହିମାଦ୍ରି ସଚିବଙ୍କୁ ଦେଲେ ।

ଯେଉଁମାନେ ସବିସ୍ତୃତ ଦେଖିବାକୁ ଚାହାନ୍ତି, ସେମାନେ ବୋପଦେବଙ୍କ ରଚିତ **'ହିମାଦ୍ରି'** ଗ୍ରନ୍ଥ ଦେଖିପାରନ୍ତି । ଅନ୍ୟ ପୁରାଣଗୁଡ଼ିକର ଲୀଳା ମଧ ଏହିପରି ହିଁ ବୋଲି ବୁଝିନିଅନ୍ତୁ; ଉଣେଇଶ-ବିଶ୍-ଏକୋଇଶ, ଗୋଟିକରୁ ବଳି ଆଉ ଗୋଟିଏ ପାଦ ଆଗରେ ।

**ଦେଖନ୍ତୁ! ଶ୍ରୀକୃଷ୍ଣଙ୍କ ଇତିହାସ ମହାଭାରତରେ ଅତ୍ୟୁତ୍ତମ ରୂପେ ବର୍ଣ୍ଣିତ ହୋଇଛି । ତାଙ୍କର ଗୁଣ, କର୍ମ, ସ୍ୱଭାବ ଓ ଚରିତ୍ର ଆପ୍ତପୁରୁଷଙ୍କ ସଦୃଶ । ଶ୍ରୀକୃଷ୍ଣ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ କୌଣସି ଅଧର୍ମ ଆଚରଣ, କୌଣସି ଖରାପ କର୍ମ କରିଥିବା ମହାଭାରତରେ ଉଲ୍ଲେଖ ନାହିଁ । କିନ୍ତୁ ଏ ଭାଗବତକାର ଅନୁଚିତ, ମନଇଚ୍ଛା ଦୋଷ, ଯଥା — ଦୁଧ, ଦହି, ଲହୁଣୀ ଆଦିର ଚୋରି; କୁବୁଜା ଦାସୀ ସହ ସମାଗମ; ପରସ୍ତ୍ରୀମାନଙ୍କ ସହ**

**ଅବଶିଷ୍ଟାଂଶ ପୃଷ୍ଠା-୧୭ରେ...**

# ପ୍ରଗତି ପଥେ ଶ୍ରୁତିସୌରଭ

ପରମପିତା ପରମାତ୍ମାଙ୍କ ଆଦେଶ **– 'ସଂ ଶ୍ରୁତେନ ଗମେମହି ମା ଶ୍ରୁତେନ ବି ରାଧିଷି'** (ଅଥର୍ବ.୧:୧:୪) ଅନୁସାରେ ଈଶ୍ୱରୀୟ ବାଣୀ 'ବେଦ' ବା 'ଶ୍ରୁତି'ର ସୁରଭିରେ ଓଡ଼ିଶାର ପ୍ରତିଟି ଗୃହର ପ୍ରାଙ୍ଗଣକୁ ସୁରଭିତ କରିବା ଉଦ୍ଦେଶ୍ୟରେ ଶ୍ରୁତିନ୍ୟାସ ପକ୍ଷରୁ 'ଶ୍ରୁତିସୌରଭ'ର ପ୍ରକାଶନ ଆରମ୍ଭ ହୋଇଛି । ଏହି ଈଶ୍ୱରୀୟ କର୍ମରେ ସମସ୍ତେ ସହଯୋଗୀ ହେବା, ବେଦାଧାରିତ ସୁନ୍ଦର ସମାଜ ନିର୍ମାଣ କରିବା ଦିଗରେ ଅଗ୍ରସର ହେବା ନିମିତ୍ତ ଶ୍ରୁତିସୌରଭ ସଦସ୍ୟଙ୍କ ଏକ ଲମ୍ବା ଶୃଙ୍ଖଳ ତିଆରି କରିବା ସକାଶେ ଆମେ ପାଠକଙ୍କୁ ନିବେଦନ କରିଥିଲୁ । ଆମର ଆତ୍ମୀୟ ନିବେଦନକୁ ଆନ୍ତରିକତାର ସହ ସ୍ୱୀକାର କରି ଅଧିକରୁ ଅଧିକ ସଂଖ୍ୟକ ପାଠକ ଏହାର ସଦସ୍ୟ ହେଉଛନ୍ତି । ଏହା ଆମକୁ ଅଭିଭୂତ କରିଛି । ଆମେ ସମସ୍ତ ସଦସ୍ୟ, ସହଯୋଗୀଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରୁଛୁ । ଅଦ୍ୟାବଧି ପତ୍ରିକାର ସଦସ୍ୟ ସଂଖ୍ୟା ହେଲା—

| କ୍ର.ସଂ. | ଜିଲ୍ଲା | ଆଜୀବନ | ବାର୍ଷିକ | ମୋଟ | କ୍ର.ସଂ. | ଜିଲ୍ଲା | ଆଜୀବନ | ବାର୍ଷିକ | ମୋଟ |
|---|---|---|---|---|---|---|---|---|---|
| ୦୧. | ଗଞ୍ଜାମ | ୫୨୫ | ୨୨୨ | ୭୪୭ | ୧୭. | ଜଗତସିଂହପୁର | ୨୬ | ୦୪ | ୩୦ |
| ୦୨. | ଖୋର୍ଦ୍ଧା | ୩୨୭ | ୫୮ | ୩୮୫ | ୧୮. | ନୟାଗଡ଼ | ୨୩ | ୦୮ | ୩୧ |
| ୦୩. | କଟକ | ୨୯୪ | ୧୨୧ | ୪୧୫ | ୧୯. | ବୌଦ୍ଧ | ୨୨ | ୨୭ | ୪୯ |
| ୦୪. | ସୁନ୍ଦରଗଡ଼ | ୨୫୦ | ୧୧୪ | ୩୬୪ | ୨୦. | ଭଦ୍ରକ | ୨୨ | ୨୫ | ୪୭ |
| ୦୫. | ବରଗଡ଼ | ୨୨୦ | ୯୮ | ୩୧୮ | ୨୧. | ଢେଙ୍କାନାଳ | ୨୦ | ୨୯ | ୪୯ |
| ୦୬. | କୋରାପୁଟ | ୧୦୪ | ୫୦ | ୧୫୪ | ୨୨. | ଝାରସୁଗୁଡ଼ା | ୧୮ | ୦୧ | ୧୯ |
| ୦୭. | ବଲାଙ୍ଗିର | ୧୦୦ | ୫୦ | ୧୫୦ | ୨୩. | କେନ୍ଦୁଝର | ୧୬ | ୦୦ | ୧୬ |
| ୦୮. | ସୁବର୍ଣ୍ଣପୁର | ୮୩ | ୬୯ | ୧୫୨ | ୨୪. | କଳାହାଣ୍ଡି | ୧୫ | ୦୨ | ୧୭ |
| ୦୯. | ରାୟଗଡ଼ା | ୬୨ | ୦୬ | ୬୮ | ୨୫. | ଗଜପତି | ୦୯ | ୦୩ | ୧୨ |
| ୧୦. | ସମ୍ବଲପୁର | ୬୨ | ୩୮ | ୧୦୦ | ୨୬. | ଯାଜପୁର | ୦୮ | ୦୪ | ୧୨ |
| ୧୧. | ଅନୁଗୁଳ | ୫୫ | ୦୯ | ୬୪ | ୨୭. | କେନ୍ଦ୍ରାପଡ଼ା | ୦୭ | ୦୨ | ୦୯ |
| ୧୨. | ମୟୂରଭଞ୍ଜ | ୫୦ | ୨୦ | ୭୦ | ୨୮. | ଦେବଗଡ଼ | ୦୫ | ୦୧ | ୦୬ |
| ୧୩. | କନ୍ଧମାଳ | ୪୮ | ୮୭ | ୧୩୫ | ୨୯. | ନୂଆପଡ଼ା | ୦୨ | ୦୨ | ୦୪ |
| ୧୪. | ବାଲେଶ୍ୱର | ୪୩ | ୦୮ | ୫୧ | ୩୦. | ନବରଙ୍ଗପୁର | ୦୧ | ୦୧ | ୦୨ |
| ୧୫. | ପୁରୀ | ୪୦ | ୦୨ | ୪୨ | ୩୧. | ଅନ୍ୟାନ୍ୟ | ୫୭ | ୦୦ | ୫୭ |
| ୧୬. | ମାଲକାନଗିରି | ୩୩ | ୫୫ | ୮୮ | | **ମୋଟ** | **୨୫୪୭** | **୧୧୧୭** | **୩୬୬୪** |

'ଶ୍ରୁତିସୌରଭ' ସଦସ୍ୟ ସଂଖ୍ୟା କ୍ଷେତ୍ରରେ ଏଭଳି ଉପଲବ୍ଧି ପ୍ରାପ୍ତ କରିବା ପଛରେ ଓଡ଼ିଶାରେ ବେଦର ପ୍ରଚାର-ପ୍ରସାର ପାଇଁ କାୟମନୋବାକ୍ୟରେ ପ୍ରୟାସରତ ଆମ ସହଯୋଗୀମାନଙ୍କ ପ୍ରଶଂସନୀୟ ଯୋଗଦାନ ରହିଛି । ବର୍ତ୍ତମାନ

ସୁନ୍ଧା ସଦସ୍ୟ ସଂଗ୍ରହ ଅଭିଯାନରେ ପ୍ରମୁଖ ଅଂଶଗ୍ରହଣକାରୀ ସହଯୋଗୀଙ୍କ ନାମ କୃତଜ୍ଞତା ପୂର୍ବକ କ୍ରମାନ୍ୱୟରେ ପ୍ରକାଶ କରାଯାଉଛି—

| ନାମ | ଜିଲ୍ଲା | ଆଜୀବନ | ବାର୍ଷିକ | ନାମ | ଜିଲ୍ଲା | ଆଜୀବନ | ବାର୍ଷିକ |
|---|---|---|---|---|---|---|---|
| ଶ୍ରୀମାନ୍ ଦୁଷ୍ମନ୍ତ କିଶୋର ସ୍ୱାଇଁ | କଟକ | ୧୧୦ | ୦୯ | ଶ୍ରୀମାନ୍ ଗୌରଚନ୍ଦ୍ର ଦାସ | ଖୋର୍ଦ୍ଧା | ୧୫ | ୦୫ |
| ଶ୍ରୀମାନ୍ ନିମାଇଁ ଚରଣ ସ୍ୱାଇଁ | ଖୋର୍ଦ୍ଧା | ୮୫ | ୦୫ | ଶ୍ରୀମାନ୍ ଶ୍ରୀକାନ୍ତ ଷଡ଼ଙ୍ଗୀ | ସୁନ୍ଦରଗଡ଼ | ୧୪ | ୧୬ |
| ଇଂ. ଦୟାସାଗର ସାହୁ | ଗଞ୍ଜାମ | ୭୦ | ୧୦ | ଶ୍ରୀମାନ୍ ସନ୍ତୋଷ କୁମାର ପଣ୍ଡା | ସୁନ୍ଦରଗଡ଼ | ୧୪ | ୧୨ |
| ଶ୍ରୀମାନ୍ ରୁକ୍ମଣ ମହାପାତ୍ର | ବରଗଡ଼ | ୬୭ | ୦୪ | ଇଂ. ପ୍ରଦୀପ କୁମାର ତ୍ରିପାଠୀ | ଗଞ୍ଜାମ | ୧୪ | ୧୯ |
| ଇଂ. ନାରାୟଣ ପଣ୍ଡା | ଗଞ୍ଜାମ | ୬୫ | ୨୨ | ଶ୍ରୀମାନ୍ ହୃଷିକେଶ ନାଥ | ବଲାଙ୍ଗିର | ୧୪ | ୦୮ |
| ଶ୍ରୀମାନ୍ ପଙ୍କଜ ମେହେର | ସୁବର୍ଣ୍ଣପୁର | ୪୫ | ୨୭ | ଇଂ. କାଳୁଚରଣ ବେହେରା | କଟକ | ୧୪ | ୦୦ |
| ଶ୍ରୀମାନ୍ ଶ୍ରୀବତ୍ସ ପାଣିଗ୍ରାହୀ | କଟକ | ୪୧ | ୬୪ | ଶ୍ରୀମାନ୍ କାହ୍ନୁ ବାଳକୃଷ୍ଣ ବିହାରୀ | ଗଞ୍ଜାମ | ୧୪ | ୦୦ |
| ଶ୍ରୀମାନ୍ ରାଜେନ୍ଦ୍ର ଭୂୟାଁ | ଗଞ୍ଜାମ | ୩୮ | ୨୫ | ଶ୍ରୀମାନ୍ ଖଗେଶ୍ୱର ଗୌଡ଼ | ସୁନ୍ଦରଗଡ଼ | ୧୪ | ୦୦ |
| ଶ୍ରୀମାନ୍ ପରୀକ୍ଷିତ ଶାସ୍ତ୍ରୀ | ବରଗଡ଼ | ୩୬ | ୭୧ | ଶ୍ରୀମାନ୍ ଗୋଲାପ ଚନ୍ଦ୍ର ପଟେଲ | ସୁନ୍ଦରଗଡ଼ | ୧୪ | ୦୦ |
| ଶ୍ରୀମାନ୍ ଆର୍. ମୋହନ ରେଡ୍ଡି | ଗଞ୍ଜାମ | ୩୫ | ୬୦ | ଶ୍ରୀମାନ୍ ସୁରେଶ ଚନ୍ଦ୍ର ଆଚାର୍ଯ୍ୟ | କନ୍ଧମାଳ | ୧୩ | ୫୫ |
| ସୁଶ୍ରୀ ଶୁଭଶ୍ରୀ ମହାପାତ୍ର | ବାଲେଶ୍ୱର | ୩୫ | ୦୩ | ଶ୍ରୀମାନ୍ ଯୋଗେଶ୍ୱର ପଣ୍ଡା | କନ୍ଧମାଳ | ୧୩ | ୩୧ |
| ଶ୍ରୀମତୀ ରାସେଶ୍ୱରୀ ଦେଇ | ସୁନ୍ଦରଗଡ଼ | ୩୧ | ୦୧ | ବେଦ ପ୍ରଚାର ସମିତି, କଟକ | | ୧୩ | ୦୧ |
| ଶ୍ରୀମତୀ ପ୍ରଣତି ରାୟ | କଟକ | ୩୦ | ୦୦ | ସରସ୍ୱତୀ ବିଦ୍ୟାମନ୍ଦିର, ନୀଳକଣ୍ଠନଗର | | ୧୩ | ୦୦ |
| ବେଦ ପ୍ରଚାର ସମିତି, ବ୍ରହ୍ମପୁର | | ୨୯ | ୧୦ | ଇଂ. ଅଭିମନ୍ୟୁ ମହାରଣା | କୋରାପୁଟ | ୧୨ | ୦୪ |
| ଶ୍ରୀମାନ୍ ସୁନୀଲ କୁମାର ଗରିଆ | ସୁବର୍ଣ୍ଣପୁର | ୨୯ | ୦୫ | ଇଂ. ପ୍ରିୟଦର୍ଶୀ ଦାସ | ଗଞ୍ଜାମ | ୧୨ | ୦୨ |
| ଶ୍ରୀମାନ୍ ସଂଗ୍ରାମ କେଶରୀ ମହାନ୍ତି | ଗଞ୍ଜାମ | ୨୫ | ୦୦ | ଶ୍ରୀମାନ୍ ରୁଦ୍ରନାରାୟଣ ସାହୁ | ସମ୍ବଲପୁର | ୧୨ | ୦୨ |
| ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ନାୟକ | ମାଲକାନଗିରି | ୨୪ | ୪୯ | ଡାକ୍ତର ସୁକାନ୍ତି ଦାସ | ବାଲେଶ୍ୱର | ୧୨ | ୦୦ |
| ଶ୍ରୀମାନ୍ ରବିନାରାୟଣ ପ୍ରଧାନ | ପୁରୀ | ୨୩ | ୦୦ | ଶ୍ରୀମାନ୍ ପବିତ୍ର କୁମାର ଘଡ଼ାଇ | ଅନୁଗୁଳ | ୧୨ | ୦୦ |
| ଶ୍ରୀମାନ୍ ପୀତବାସ ଦଳେଇ | ସୁନ୍ଦରଗଡ଼ | ୨୧ | ୨୦ | ଶ୍ରୀମାନ୍ ଗୋପାଳକୃଷ୍ଣ ପାଟଖଣ୍ଡାଳ | ରାୟଗଡ଼ା | ୧୨ | ୦୦ |
| ଶ୍ରୀମତୀ ସୁରେଶ୍ୱରୀ ପଣ୍ଡା | ବରଗଡ଼ | ୨୧ | ୦୩ | ଶ୍ରୀମାନ୍ ସରୋଜ କୁମାର ମିଶ୍ର | ସୁବର୍ଣ୍ଣପୁର | ୧୧ | ୩୧ |
| ଶ୍ରୀମାନ୍ ଆନନ୍ଦ ସାମନ୍ତରାୟ | ବଲାଙ୍ଗିର | ୨୦ | ୦୩ | ଶ୍ରୀମାନ୍ ସୁବୋଧ କୁମାର ବେହେରା | ରାୟଗଡ଼ା | ୧୧ | ୦୦ |
| ଶ୍ରୀମାନ୍ କୃଷ୍ଣଚନ୍ଦ୍ର ପ୍ରଧାନ | ଖୋର୍ଦ୍ଧା | ୧୯ | ୦୪ | ଶ୍ରୀମତୀ ସରିତା ବେହେରା | ସମ୍ବଲପୁର | ୧୧ | ୦୬ |
| ଶ୍ରୀମତୀ ପୁଷ୍ପାଞ୍ଜଳି ପାତ୍ର | ଖୋର୍ଦ୍ଧା | ୧୯ | ୦୧ | ଶ୍ରୀମାନ୍ ଲେନିନ୍ ପଟ୍ଟନାୟକ | କଟକ | ୧୧ | ୦୩ |
| ଶ୍ରୀମାନ୍ ମୁରଲୀଧର ମିଶ୍ର | ସୁନ୍ଦରଗଡ଼ | ୧୯ | ୦୦ | ଶ୍ରୀମାନ୍ ମନୋରଂଜନ ଖମାରି | ବରଗଡ଼ | ୧୧ | ୦୨ |
| ଶ୍ରୀମାନ୍ ଦ୍ୱିଜେନ୍ଦ୍ର କୁମାର ସାହୁ | ବଲାଙ୍ଗିର | ୧୮ | ୦୧ | ଶ୍ରୀମତୀ ପୁଷ୍ପାଞ୍ଜଳି ମେହେର | ସୁବର୍ଣ୍ଣପୁର | ୧୧ | ୦୦ |
| ଶ୍ରୀମାନ୍ ଅନାମ ଚରଣ ନାୟକ | କୋରାପୁଟ | ୧୮ | ୦୦ | ଶ୍ରୀମତୀ ମମତା ମଞ୍ଜରୀ ମହାରଣା | କୋରାପୁଟ | ୧୧ | ୦୦ |
| ଶ୍ରୀମାନ୍ ଦିବାକର ବାରିକ | ସୁନ୍ଦରଗଡ଼ | ୧୬ | ୧୯ | ଶ୍ରୀମାନ୍ ମହେଶ ପ୍ରସାଦ ମହାପାତ୍ର | କଟକ | ୧୧ | ୦୧ |
| ଶ୍ରୀମତୀ ସୁରଭୀ ସାହୁ | ସମ୍ବଲପୁର | ୧୬ | ୧୦ | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, | ଛତ୍ରପୁର | ୧୧ | ୦୦ |
| ଇଂ. ଇ. କୁମାର ସ୍ୱାମୀ | ଖୋର୍ଦ୍ଧା | ୧୬ | ୦୧ | ଶ୍ରୀମାନ୍ ଶିବ ପ୍ରସାଦ ପରିଡ଼ା | ଝାରସୁଗୁଡ଼ା | ୧୧ | ୦୦ |
| ଶ୍ରୀମାନ୍ ରାଜକିଶୋର ସାହୁ | ରାୟଗଡ଼ା | ୧୬ | ୦୦ | ଶ୍ରୀମାନ୍ ପ୍ରକାଶ କୁମାର ନାୟକ | କୋରାପୁଟ | ୧୧ | ୦୦ |
| ଡକ୍ଟର ଲଳିତ ମଞ୍ଜରୀ ସାହୁ | ଖୋର୍ଦ୍ଧା | ୧୬ | ୦୦ | ଶ୍ରୀମାନ୍ ବିଷ୍ଣୁ ପ୍ରସାଦ ମୁନି | ଗଞ୍ଜାମ | ୧୦ | ୧୫ |
| ଶ୍ରୀମାନ୍ ସୋମଦତ୍ତ ଶାସ୍ତ୍ରୀ | ସମ୍ବଲପୁର | ୧୫ | ୦୫ | ଶ୍ରୀମତୀ ପ୍ରଜ୍ଞା ପଟ୍ଟନାୟକ | ଖୋର୍ଦ୍ଧା | ୧୦ | ୦୫ |

| | | | |
|---|---|---|---|
| ଶ୍ରୀମତୀ ରଶ୍ମିରେଖା ନାୟକ | ବରଗଡ଼ | ୧୦ | ୦୧ |
| ଶ୍ରୀମାନ୍ ଭାସ୍କର ପ୍ରଧାନ | ସୁରତ | ୧୦ | ୦୦ |
| ଶ୍ରୀମାନ୍ ଗୋପବନ୍ଧୁ ସାହୁ | ଗଞ୍ଜାମ | ୧୦ | ୦୦ |
| ଶ୍ରୀମାନ୍ ହରମୋହନ ସାହୁ | କଟକ | ୧୦ | ୦୦ |
| ଶ୍ରୀମାନ୍ ଇ. ବାବୁଲା | ଗଞ୍ଜାମ | ୧୦ | ୦୦ |
| ଆର୍ଯ୍ୟସମାଜ, ସିମିଳିଗୁଡ଼ା | | ୧୦ | ୦୦ |
| ଶ୍ରୀମତୀ ନର୍ମଦା ପାତ୍ର | ଖୋର୍ଦ୍ଧା | ୦୯ | ୦୮ |
| ଶ୍ରୀମାନ୍ କୁଞ୍ଜବିହାରୀ ମହାନ୍ତ | ମୟୂରଭଞ୍ଜ | ୦୯ | ୧୦ |
| ଇଂ. ଶଶିଭୂଷଣ ନନ୍ଦ | କଟକ | ୦୯ | ୧୫ |
| ଶ୍ରୀମତୀ ମମତା ମହାପାତ୍ର | କଟକ | ୦୯ | ୦୩ |
| ଶ୍ରୀମତୀ ସାୟନ୍ତନୀ ତ୍ରିପାଠୀ | ବଲାଙ୍ଗୀର | ୦୯ | ୦୦ |
| ଶ୍ରୀମତୀ ସୁକାନ୍ତି ସ୍ୱାଇଁ | କଟକ | ୦୯ | ୦୦ |
| ଶ୍ରୀମାନ୍ ରାଜେନ୍ଦ୍ରନାଥ ପରିଡ଼ା | ଗଞ୍ଜାମ | ୦୯ | ୦୦ |
| ଶ୍ରୀମାନ୍ ରମେଶ ଚନ୍ଦ୍ର ସେଠୀ | ସୁନ୍ଦରଗଡ଼ | ୦୯ | ୦୦ |
| ଶ୍ରୀମାନ୍ ଦିଲ୍ଲୀପ କୁମାର ପଟ୍ଟନାୟକ | ସୁନ୍ଦରଗଡ଼ | ୦୯ | ୦୦ |
| ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ | କଟକ | ୦୮ | ୧୩ |
| ଶ୍ରୀମାନ୍ ଅରୁଣ ନାୟକ | ସୁନ୍ଦରଗଡ଼ | ୦୮ | ୦୫ |
| ଶ୍ରୀମାନ୍ ସଞ୍ଜୟ କୁମାର ଷଡ଼ଙ୍ଗୀ | ସମ୍ବଲପୁର | ୦୮ | ୦୪ |
| ବେଦ ପ୍ରଚାର ସମିତି, ଜୟପୁର | | ୦୮ | ୦୩ |
| ଶ୍ରୀମାନ୍ ଟି. ଭେଙ୍କଟ ରାଓ | ଗଞ୍ଜାମ | ୦୮ | ୦୧ |
| ଶ୍ରୀମାନ୍ ରବୀନ୍ଦ୍ର କୁମାର ମହାପାତ୍ର | କଟକ | ୦୮ | ୦୦ |
| ଶ୍ରୀମାନ୍ ପ୍ରମୋଦ କୁମାର ମହାନ୍ତି | ଗଞ୍ଜାମ | ୦୮ | ୦୦ |
| ଇଂ. ବିଜୟ କୁମାର ସାହୁ | ଗଞ୍ଜାମ | ୦୮ | ୦୦ |
| ଶ୍ରୀମତୀ ଲକ୍ଷ୍ମୀପ୍ରିୟା ସାମନ୍ତରାୟ | ପୁରୀ | ୦୮ | ୦୦ |
| ଡକ୍ଟର ପ୍ରମୋଦ କୁମାର ମହାନ୍ତ | ମୟୂରଭଞ୍ଜ | ୦୮ | ୦୦ |
| ଶ୍ରୀମାନ୍ ଅଜିତ୍ କୁମାର ପଣ୍ଡା | ଗଞ୍ଜାମ | ୦୮ | ୦୦ |
| ଶ୍ରୀମାନ୍ ଅରୁଣ କୁମାର ସେଠୀ | ଖୋର୍ଦ୍ଧା | ୦୮ | ୦୦ |
| ଶ୍ରୀମାନ୍ ବିରଞ୍ଚି କୁମାର ମେହେର | ବଲାଙ୍ଗିର | ୦୭ | ୧୫ |
| ଶ୍ରୀମାନ୍ ବିଜୟ କୁମାର ବେହେରା | ସୁନ୍ଦରଗଡ଼ | ୦୭ | ୦୨ |
| ଶ୍ରୀମାନ୍ ଦାମୋଦର ପଣ୍ଡା | ମାଲକାନଗିରି | ୦୭ | ୦୯ |
| ଡାକ୍ତର ଆଦିତ୍ୟ କୁମାର ପଣ୍ଡା | ମୟୂରଭଞ୍ଜ | ୦୭ | ୦୦ |
| ଶ୍ରୀମତୀ ସୁଜାତା ମହାପାତ୍ର | ବରଗଡ଼ | ୦୭ | ୦୦ |
| ଡାକ୍ତର ଯଦୁମଣି ନାୟକ | ବରଗଡ଼ | ୦୭ | ୦୦ |
| କୁମାରୀ ସଂଗୀତା ପ୍ରଧାନ | ସମ୍ବଲପୁର | ୦୭ | ୦୦ |
| ଶ୍ରୀମାନ୍ ଲୋକନାଥ ପ୍ରଧାନ | ସୁନ୍ଦରଗଡ଼ | ୦୭ | ୦୦ |
| ଶ୍ରୀମାନ୍ କଂଗ୍ରେସ ସାହୁ | ବରଗଡ଼ | ୦୭ | ୦୦ |
| ଶ୍ରୀମତୀ ନିତମ୍ବିନୀ ସ୍ୱାଇଁ | ସୁନ୍ଦରଗଡ଼ | ୦୭ | ୦୦ |
| ଡକ୍ଟର ଉଷା ପାଢ଼ୀ | ଗଞ୍ଜାମ | ୦୭ | ୦୦ |
| ଶ୍ରୀମାନ୍ ଗଣେଶ ବାରିକ | ସୁନ୍ଦରଗଡ଼ | ୦୬ | ୦୦ |
| ଶ୍ରୀମାନ୍ ଶିବପ୍ରସାଦ ଭୋଇ | ବରଗଡ଼ | ୦୬ | ୦୭ |
| ଶ୍ରୀମାନ୍ ନୃସିଂହ ଚରଣ ସ୍ୱାଇଁ | ଖୋର୍ଦ୍ଧା | ୦୬ | ୦୮ |
| ଶ୍ରୀମାନ୍ କ୍ଷୀରୋଦ କୁମାର ନାଥ | ବରଗଡ଼ | ୦୬ | ୦୨ |
| ଶ୍ରୀମାନ୍ ବୈଦ୍ୟନାଥ ଜାଲ | ବୌଦ୍ଧ | ୦୬ | ୦୬ |
| ଶ୍ରୀମାନ୍ ଏ. ସୀମାଞ୍ଚଳ ପାତ୍ର | ଗଞ୍ଜାମ | ୦୬ | ୧୦ |
| ସୁଶ୍ରୀ ରାଜଲକ୍ଷ୍ମୀ ସାହୁ | ଗଞ୍ଜାମ | ୦୬ | ୦୬ |
| ଶ୍ରୀମାନ୍ ସଙ୍କର୍ଷଣ ସାହୁ | ରାୟଗଡ଼ା | ୦୬ | ୦୬ |
| ପ୍ରଫେସର ଶରତ ଚନ୍ଦ୍ର ସେନାପତି | କଟକ | ୦୬ | ୦୩ |
| ଡକ୍ଟର ରୁଦ୍ର ପ୍ରସନ୍ନ ମହାପାତ୍ର | ଗଞ୍ଜାମ | ୦୬ | ୦୧ |
| ଶ୍ରୀମତୀ ଆରତୀବାଳା ପ୍ରଧାନ | ଗଞ୍ଜାମ | ୦୬ | ୦୦ |
| ଡଃ. ନନ୍ଦକିଶୋର ମହାକୁଡ଼ | ଅନୁଗୁଳ | ୦୬ | ୦୦ |
| ଶ୍ରୀମତୀ ବୀଣାପାଣି ପଣ୍ଡା | ଭଦ୍ରକ | ୦୬ | ୦୦ |
| ଶ୍ରୀମତୀ କଳ୍ପନା ବେହେରା | ବରଗଡ଼ | ୦୬ | ୦୦ |
| ଶ୍ରୀମତୀ ଭି. କମଳା ଦେବୀ | ଗଞ୍ଜାମ | ୦୬ | ୦୦ |
| ଶ୍ରୀମତୀ ପ୍ରତିମା ପଟ୍ଟନାୟକ | ସୁନ୍ଦରଗଡ଼ | ୦୬ | ୦୦ |
| ଶ୍ରୀମାନ୍ ମହେନ୍ଦ୍ର ଦାସ | ଅହମ୍ମଦାବାଦ୍ | ୦୬ | ୦୦ |
| ଶ୍ରୀମାନ୍ ବାଲ୍ମୀକି ପଟ୍ଟନାୟକ | ଖୋର୍ଦ୍ଧା | ୦୬ | ୦୦ |
| ଶ୍ରୀମାନ୍ ପ୍ରଦୀପ କୁମାର ପାଣିଗ୍ରାହୀ | ସୁନ୍ଦରଗଡ଼ | ୦୫ | ୧୦ |
| ଶ୍ରୀମାନ୍ ଅରୂପାନନ୍ଦ ପାଣିଗ୍ରାହୀ | ଗଞ୍ଜାମ | ୦୫ | ୦୬ |
| ଶ୍ରୀମତୀ ମମତା ଦାସ | ଗଞ୍ଜାମ | ୦୫ | ୦୪ |
| ଶ୍ରୀମାନ୍ ନୃସିଂହ ଚରଣ ମହାପାତ୍ର | ଗଞ୍ଜାମ | ୦୫ | ୦୪ |
| ଶ୍ରୀମାନ୍ ସନକ ଭୋଇ | ବରଗଡ଼ | ୦୫ | ୦୧ |
| ଶ୍ରୀମାନ୍ ଶ୍ରୀକାନ୍ତ କୁମାର ପାଣି | ଅନୁଗୁଳ | ୦୫ | ୦୨ |
| ଶ୍ରୀମତୀ ମମତା ଶତପଥି | ଗଞ୍ଜାମ | ୦୫ | ୦୧ |
| ଶ୍ରୀମାନ୍ ଦୁଷ୍ମନ୍ତ କୁମାର ସାହୁ | ବଲାଙ୍ଗିର | ୦୫ | ୦୧ |
| ଶ୍ରୀମାନ୍ ଗୋବିନ୍ଦ ଚନ୍ଦ୍ର ମହାରଣା | ଗଞ୍ଜାମ | ୦୫ | ୦୧ |
| ଶ୍ରୀମାନ୍ ଅମୂଲ୍ୟ ଦୋରା | ଗଞ୍ଜାମ | ୦୫ | ୦୦ |
| ଶ୍ରୀମାନ୍ ଅଶୋକ କୁମାର ମେହେର | ବରଗଡ଼ | ୦୫ | ୦୦ |
| ଶ୍ରୀମତୀ ଲକ୍ଷ୍ମୀ ପଣ୍ଡା | ଖୋର୍ଦ୍ଧା | ୦୫ | ୦୦ |
| ଶ୍ରୀମତୀ ବବିତା ବାରିକ | ସୁନ୍ଦରଗଡ଼ | ୦୫ | ୦୦ |
| ଶ୍ରୀମତୀ ସୁବାସିନୀ ଦେବୀ | ଖୋର୍ଦ୍ଧା | ୦୫ | ୦୦ |
| ଶ୍ରୀମାନ୍ ନିରଞ୍ଜନ ମଲ୍ଲିକ | ଝାରସୁଗୁଡ଼ା | ୦୫ | ୦୦ |
| ଶ୍ରୀମାନ୍ ବିଭୂତି ଭୂଷଣ ସାହୁ | ଅନୁଗୁଳ | ୦୫ | ୦୦ |

| | | | |
|---|---|---|---|
| ଇଂ. ବିପିନ ବିହାରୀ ଦୀକ୍ଷିତ | ଗଞ୍ଜାମ | ୦୫ | ୦୦ |
| ଶ୍ରୀମାନ୍ ରବୀନ୍ଦ୍ର ମୋହନ ମିଶ୍ର | କଟକ | ୦୫ | ୦୦ |
| ଶ୍ରୀମତୀ ସାରଦା ବିଷୋୟୀ | ଗଞ୍ଜାମ | ୦୫ | ୦୦ |
| ଇଂ. ସନ୍ତୋଷ କୁମାର ଗୌଡ଼ | ଗଞ୍ଜାମ | ୦୫ | ୦୦ |
| ଶ୍ରୀମତୀ ମିନତି ସାମନ୍ତରାୟ | କୋରାପୁଟ | ୦୫ | ୦୦ |
| ଶ୍ରୀମାନ୍ କାମେଶ୍ୱର ସାହୁ | ଗଞ୍ଜାମ | ୦୫ | ୦୦ |
| ଶ୍ରୀମାନ୍ ରବିନାରାୟଣ ପ୍ରଧାନ | ଢେଙ୍କାନାଳ | ୦୪ | ୨୯ |
| ବେଦ ପ୍ରଚାର ସମିତି, ବରଗଡ଼ | | ୦୪ | ୦୭ |
| ଶ୍ରୀମତୀ କାବେରୀ ଭୂୟାଁ | କଟକ | ୦୪ | ୦୩ |
| ଶ୍ରୀମାନ୍ ରଞ୍ଜିତ କୁମାର ନାୟକ | ସୁନ୍ଦରଗଡ଼ | ୦୪ | ୦୩ |
| ବେଦ ପ୍ରଚାର ସମିତି, ସୁବର୍ଣ୍ଣପୁର | | ୦୪ | ୦୨ |
| ଶ୍ରୀମାନ୍ ସୁଧାକର ବେହେରା | ଜଗତସିଂହପୁର | ୦୪ | ୦୧ |
| ଶ୍ରୀମତୀ ପ୍ରଜ୍ଞା ମେହେର | ସୁବର୍ଣ୍ଣପୁର | ୦୪ | ୦୦ |
| ଶ୍ରୀମାନ୍ ଗଗନ ବିହାରୀ ଜେନା | ଖୋର୍ଦ୍ଧା | ୦୪ | ୦୦ |
| ଶ୍ରୀମତୀ ଦୀପ୍ତିରାଣୀ ମହାନ୍ତି | ଗଞ୍ଜାମ | ୦୪ | ୦୦ |
| ଆର୍ଯ୍ୟ ସମାଜ ରାୟଗଡ଼ା | | ୦୪ | ୦୦ |
| ବେଦ ପ୍ରଚାର ସମିତି, ଚିକିଟି | | ୦୪ | ୦୦ |
| ଡାକ୍ତର ସୁବଳ କୁମାର ନାୟକ | ସମ୍ବଲପୁର | ୦୪ | ୦୦ |
| ଶ୍ରୀମାନ୍ ପ୍ରତାପ କୁମାର ବେହେରା | ବଲାଙ୍ଗିର | ୦୪ | ୦୦ |
| ଇଂ. ନିରଞ୍ଜନ ପଣ୍ଡା | କୋରାପୁଟ | ୦୪ | ୦୦ |
| ଶ୍ରୀମାନ୍ ବାସୁଦେବ ହୋତା | ରାୟଗଡ଼ା | ୦୪ | ୦୦ |
| ଇଂ. ସୁଧାକର ପତ୍ରୀ | ଖୋର୍ଦ୍ଧା | ୦୪ | ୦୦ |
| ଡକ୍ଟର ନୃପରାଜ ସାହୁ | ଖୋର୍ଦ୍ଧା | ୦୪ | ୦୦ |
| ଶ୍ରୀମାନ୍ ନବୀନ କୁମାର ପଟେଲ | ସମ୍ବଲପୁର | ୦୪ | ୦୦ |
| ଶ୍ରୀମତୀ ଟି. ବବିତା | ବ୍ରହ୍ମପୁର | ୦୪ | ୦୦ |
| ଇଂ. ସୁଶୀଲ କୁମାର ମହାପାତ୍ର | କଟକ | ୦୪ | ୦୦ |
| ଶ୍ରୀମାନ୍ ବିଜୟ କୁମାର ପରିଡ଼ା | ସୁନ୍ଦରଗଡ଼ | ୦୪ | ୦୦ |
| ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ | ମୟୂରଭଞ୍ଜ | ୦୪ | ୦୦ |
| ଶ୍ରୀମାନ୍ କ୍ଷୀରୋଦ ଚନ୍ଦ୍ର ମିଶ୍ର | କଟକ | ୦୪ | ୦୦ |
| ଶ୍ରୀମାନ୍ ପ୍ରଭାତ କୁମାର ମାଝୀ | କୋରାପୁଟ | ୦୩ | ୪୨ |
| ଶ୍ରୀମତୀ ରେଖାରାଣୀ ସ୍ୱାଇଁ | କଟକ | ୦୩ | ୨୦ |
| ଶ୍ରୀମାନ୍ ସଞ୍ଜୟ କୁମାର ମଣ୍ଡଳ | ନୟାଗଡ଼ | ୦୩ | ୦୭ |
| ଶ୍ରୀମାନ୍ ଜି. କାଶୀନାଥ | ଗଞ୍ଜାମ | ୦୩ | ୦୪ |
| ଶ୍ରୀମାନ୍ ପ୍ରୀତିବାସ ପୁଟେଲ | ବଲାଙ୍ଗୀର | ୦୩ | ୦୪ |
| ଶ୍ରୀମାନ୍ ପଦ୍ମଲୋଚନା ତାଣ୍ଡି | ବଲାଙ୍ଗିର | ୦୩ | ୦୪ |
| ଶ୍ରୀମାନ୍ ବିରଞ୍ଚି ନାରାୟଣ ଆର୍ଯ୍ୟ | ସୁବର୍ଣ୍ଣପୁର | ୦୩ | ୦୨ |
| କୁମାରୀ କବିତା ବିଶ୍ୱାଳ | ମାଲକାନଗିରି | ୦୩ | ୦୨ |

| | | | |
|---|---|---|---|
| ବେଦ ପ୍ରଚାର ସମିତି, ଟିଟିଲାଗଡ଼ | | ୦୩ | ୦୧ |
| ଶ୍ରୀମାନ୍ ରାଧାଶ୍ୟାମ ସ୍ୱାଇଁ | କଟକ | ୦୩ | ୦୧ |
| ଶ୍ରୀମାନ୍ ହେମନ୍ତ କୁମାର ଜେନା | ସୁନ୍ଦରଗଡ଼ | ୦୩ | ୦୦ |
| ଶ୍ରୀମାନ୍ ସଚ୍ଚିଦାନନ୍ଦ ବେହେରା | କଟକ | ୦୩ | ୦୦ |
| ଶ୍ରୀମାନ୍ ଅଭୟ କୁମାର ରଣା | କଟକ | ୦୩ | ୦୦ |
| ଶ୍ରୀମାନ୍ ଲକ୍ଷ୍ମଣ ମହାନ୍ତି | କୋରାପୁଟ | ୦୩ | ୦୦ |
| ଶ୍ରୀମତୀ କସ୍ତୁରୀ ଭୂୟାଁ | କଟକ | ୦୩ | ୦୦ |
| ଶ୍ରୀମାନ୍ ପ୍ରଶାନ୍ତ କୁମାର ନାୟକ | ବରଗଡ଼ | ୦୩ | ୦୦ |
| ଶ୍ରୀମାନ୍ ଅମୂଲ୍ୟ କୁମାର ମଲ୍ଲିକ | ଯାଜପୁର | ୦୩ | ୦୦ |
| ଶ୍ରୀମାନ୍ କେ.ଉମେଶରାଓ ପାତ୍ର | ବଲାଙ୍ଗିର | ୦୩ | ୦୦ |
| ଇଂ. ଅଭୟ କୁମାର ବିଶ୍ୱାଳ | ଖୋର୍ଦ୍ଧା | ୦୩ | ୦୦ |
| ଶ୍ରୀମାନ୍ ରବିନାରାୟଣ ଲେଙ୍କା | ଭଦ୍ରକ | ୦୩ | ୦୦ |
| ଶ୍ରୀମାନ୍ ସଂଗ୍ରାମ କେଶରୀ ମହାନ୍ତି | ମୟୂରଭଞ୍ଜ | ୦୩ | ୦୦ |
| ଶ୍ରୀମାନ୍ ସୁରେଶ ଚନ୍ଦ୍ର ପାଣିଗ୍ରାହୀ | ଗଞ୍ଜାମ | ୦୩ | ୦୦ |
| ଶ୍ରୀମାନ୍ ଶରତ କୁମାର ହରିଚନ୍ଦନ | ଖୋର୍ଦ୍ଧା | ୦୩ | ୦୦ |
| ଶ୍ରୀମତୀ ଗାୟତ୍ରୀ ନନ୍ଦ | ଅନୁଗୁଳ | ୦୩ | ୦୦ |
| ଶ୍ରୀମାନ୍ ଯାଜ୍ଞବଲକ୍ୟ ମିଶ୍ର | ସୁନ୍ଦରଗଡ଼ | ୦୩ | ୦୦ |
| ଶ୍ରୀମାନ୍ ନୀଳକଣ୍ଠ ବାରିକ | ଭଦ୍ରକ | ୦୨ | ୨୨ |
| ଶ୍ରୀମାନ୍ ଗୌରଚନ୍ଦ୍ର ପାତ୍ର | ଗଞ୍ଜାମ | ୦୨ | ୨୪ |
| ଶ୍ରୀମାନ୍ ବିଶ୍ୱନାଥ ଦାସ | ଗଞ୍ଜାମ | ୦୨ | ୧୦ |
| ଶ୍ରୀମତୀ ଜ୍ୟୋସ୍ନା ମେହେର | ବରଗଡ଼ | ୦୨ | ୦୭ |
| ଶ୍ରୀମାନ୍ ରମେଶ ଚନ୍ଦ୍ର ପାତ୍ର | ସୁନ୍ଦରଗଡ଼ | ୦୨ | ୦୩ |
| ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ବେହେରା | ଖୋର୍ଦ୍ଧା | ୦୨ | ୦୩ |
| ଶ୍ରୀମାନ୍ ଜୀବର୍ଦ୍ଧନ ସାହୁ | ବରଗଡ଼ | ୦୨ | ୦୨ |
| ଶ୍ରୀମତୀ ଇତିଶ୍ରୀ ପାତ୍ର | ଗଞ୍ଜାମ | ୦୨ | ୦୨ |
| ଶ୍ରୀମାନ୍ ରମେଶ ଚନ୍ଦ୍ର ଜେନା | ସୁନ୍ଦରଗଡ଼ | ୦୨ | ୦୧ |
| ଶ୍ରୀମତୀ ସୁଜାତା ପଟ୍ଟନାୟକ | ଖୋର୍ଦ୍ଧା | ୦୨ | ୦୧ |
| ଶ୍ରୀମାନ୍ ବ୍ରଜକିଶୋର ପଟ୍ଟନାୟକ | ଖୋର୍ଦ୍ଧା | ୦୨ | ୦୦ |
| ଶ୍ରୀମାନ୍ ଗୋବିନ୍ଦ ଚନ୍ଦ୍ର ସାହୁ | ସୁନ୍ଦରଗଡ଼ | ୦୨ | ୦୦ |
| ଇଂ. ଅଜୟ କୁମାର ମିଶ୍ର | କଟକ | ୦୨ | ୦୦ |
| ଶ୍ରୀମାନ୍ ରବୀନ୍ଦ୍ର ନାଥ ମହାରଣା | ସମ୍ବଲପୁର | ୦୨ | ୦୦ |
| ଶ୍ରୀମାନ୍ ନିର୍ମଳ କୁମାର ବିଶ୍ୱାଳ | ବଲାଙ୍ଗୀର | ୦୨ | ୦୦ |
| ଶ୍ରୀମତୀ ଗାୟତ୍ରୀ ପଟ୍ଟନାୟକ | କଟକ | ୦୨ | ୦୦ |
| ଶ୍ରୀମାନ୍ ବ୍ରଜକିଶୋର ମଲ୍ଲିକ | ଖୋର୍ଦ୍ଧା | ୦୨ | ୦୦ |
| ଶ୍ରୀମାନ୍ ଅଜୟ କିଶୋର ମହାପାତ୍ର | ଖୋର୍ଦ୍ଧା | ୦୨ | ୦୦ |
| ଶ୍ରୀମତୀ ଶାନ୍ତିଲତା ମିଶ୍ର | ଗଞ୍ଜାମ | ୦୨ | ୦୦ |
| ଶ୍ରୀମତୀ କାନନବାଳା ନାୟକ | ବାଲେଶ୍ୱର | ୦୨ | ୦୦ |

(କ୍ରମଶଃ...)






ଭୁବନେଶ୍ୱରର କୈଳାସ ବିହାର ଓ ନୀଳାଦ୍ରି ବିହାର ଯୋଗ ସାଧନା କେନ୍ଦ୍ରର ବାର୍ଷିକୋତ୍ସବ



ବାର୍ଷିକୋତ୍ସବ ଅବସରରେ ବୃକ୍ଷରୋପଣ




ଭାରତୀୟ ବିଦ୍ୟାଭବନ, ରାଉରକେଲା ପକ୍ଷରୁ ସ୍ୱାମୀ ଚିଦାନନ୍ଦଙ୍କ ଜୟନ୍ତୀ





ଭୁବନେଶ୍ୱରର କୈଳାସ ବିହାର ଓ ନୀଳାଦ୍ରି ବିହାର ଯୋଗ ସାଧନା କେନ୍ଦ୍ରର ବାର୍ଷିକୋତ୍ସବ





କେଶବଧାମରେ ସାମୂହିକ ଆଚାର୍ଯ୍ୟ ପ୍ରଶିକ୍ଷଣ ବର୍ଗରେ ସ୍ୱାମୀ ସୁଧାନନ୍ଦଙ୍କ ମାର୍ଗଦର୍ଶନ





ରାଉରକେଲାର ଛେଣ୍ଡସ୍ଥିତ ପତଞ୍ଜଳି ଯୋଗକେନ୍ଦ୍ରରେ ସ୍ୱାମୀ ସୁଧାନନ୍ଦ

RNI Regn. No. : ODIODI/2015/65938

₹ 20/- Shruti Sourabha Vol. 4 Issue 1 Nov.-Dec. 2018




କୋରାପୁଟର ଶାବର ଶ୍ରୀକ୍ଷେତ୍ର, ଜଗନ୍ନାଥ ମନ୍ଦିର ପରିସରରେ ବେଦ ପ୍ରବଚନ




କୋରାପୁଟରେ କାର୍ଯ୍ୟକ୍ରମର କାର୍ଯ୍ୟକର୍ତ୍ତାଙ୍କ ସହ ସ୍ୱାମୀଜୀ



କୋରାପୁଟ ସରସ୍ୱତୀ ବିଦ୍ୟାମନ୍ଦିରରେ ମଣ୍ଡପ ଉଦ୍‌ଘାଟନ



କୋରାପୁଟର ତୃତୀୟ ବାଟାଲିୟନ୍ ପକ୍ଷରୁ ବେଦ ପ୍ରବଚନ

**Shruti Sourabha**

**Spiritual Social Vedic Magazine**
**Bi-Monthly**

**Editor**
**Shruti Sourabha**
Qrs. No. - F/22, Sector - 18
Rourkela - 3, Sundargarh
Odisha - 769003
Mob. : 9861335321

Printed and Published by Swami Sudhananda Saraswati on behalf of "Shrutinyasa"
Printed at : Global Printers, A/19, Rasulgarh Industrial Estate, Bhubaneswar-751010
Published at : Shrutinyasa, HIG-VII-152, PO - Sailashree Vihar, Bhubaneswar - 751021
**Editor : Padmanabha Swain**